ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୫/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Wednesday, October 15/2025 | Page 16 | ₹ 7.00 | RAYAGADA
୫୧ଶ ଭାଗ ୩୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 319 | ମୂଲ୍ୟ ₹୭/-



ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱର ୟୁନିଟ୍–୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'ର ଏକ ଷ୍ଟଲ୍‌ରେ ବିକ୍ରି ପାଇଁ ସଜାଇ ରଖାଯାଇଥିବା ଆକର୍ଷଣୀୟ ଦୀପ। **(ଫଟୋ– ମନୋରଞ୍ଜନ ମିଶ୍ର)**

# ୫୧୦୦ ବୋତଲ କଫ୍ ସିରପ୍ ଜବତ, ୨୦ ଗିରଫ

**ତାମିଲନାଡୁର ସ୍ରେସାନ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଷାକ୍ତ କଫ୍ ସିରପ୍ ଖାଇ ଗତ କିଛିଦିନ ମଧ୍ୟରେ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ୨୫ରୁ ଊର୍ଦ୍ଧ୍ୱ ପିଲାଙ୍କ ଜୀବନ ଯାଇଛି। କଫ୍ ସିରପର ମାନକୁ ନେଇ ସାରା ଦେଶରେ ଚର୍ଚ୍ଚା ଲାଗି ରହିଛି। ଏପରି କି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଭାରତରେ ପ୍ରସ୍ତୁତ କଫ୍ ସିରପ୍‌ର ମାନକୁ ନେଇ ସତର୍କ କରାଇଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାରେ ଚୋରା କଫ୍ ସିରପ୍ କାରବାର ଥମିବାର ନାଁ ନେଉନାହିଁ। କଟକରୁ ସମ୍ବଲପୁରକୁ ଚୋରାଚାଲାଣ ହେଉଥିବା ୫୧୦୦ ବୋତଲ କଫ୍ ସିରପ୍ ପୋଲିସ ଜବତ କରିଛି। ଏହି କାରବାରରେ ଲିପ୍ତ ୨୦ଜଣଙ୍କୁ ଗିରଫ କରାଯାଇ ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଖୁବ୍‌ଶୀଘ୍ର ଏହି ଘଟଣାର ମୁଖ୍ୟଙ୍କୁ ଧରାଯିବ ବୋଲି ପୋଲିସ କହିଛି।**



ପୋଲିସ ଦ୍ୱାରା ଜବତ ଜରିବ୍ୟାଗ୍‌ରେ ଥିବା କଫ୍ ସିରପ ବୋତଲ ଓ ଗିରଫ ଅଭିଯୁକ୍ତମାନେ।

**ସମ୍ବଲପୁର,୧୪।୧୦(ପ୍ରମୋଦ ବହିଦାର)**

- **କଟକରୁ ସମ୍ବଲପୁର ହେଉଥିଲା ଚୋରାଚାଲାଣ**
- **ଖୁବ୍‌ଶୀଘ୍ର କିଙ୍ଗ୍‌ପିନ୍‌ଙ୍କୁ ଧରାଯିବ: ଏସ୍‌ପି**

ଏକ ପିକ୍‌ଅପ୍ ଭ୍ୟାନରେ ବିପୁଳ ପରିମାଣର ନିଷିଦ୍ଧ ନିଶା କଫ୍ ସିରପ ଚୋରା ଚାଲାଣ ହେଉଥିବା ନେଇ ସୋମବାର ସମ୍ବଲପୁର ଜିଲା ବରେଇପାଲି ଥାନା ଓଆଇସି ରାଧାକାନ୍ତ ବାରିକଙ୍କୁ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ମଶିନ୍‌କଟା ଛକ ନିକଟରେ ପହଞ୍ଚି ଉକ୍ତ ଭ୍ୟାନ ସହ ଏକ କାର ଉପରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ଭ୍ୟାନ୍‌ରେ ଥିବା କଫ୍ ସିରପ୍‌କୁ ଜବତ କରିବା ସହିତ ଉଭୟ ଗାଡ଼ିରେ ଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ବରେଇପାଲି ଥାନା ଗୋପାଳପାଲିର ଲୋକେଶ ପ୍ରଧାନ ଓରଫ ଆକାଶ(୩୦), ମନୀସ ସିଂ(୨୭), ସଦର ଥାନା ଅନ୍ତର୍ଗତ ଡିଥେଇପାଲିର ପିକ୍‌ଅପ୍ ଚାଳକ ମହେନ୍ଦ୍ର କିଷାନ ଓରଫ ମଣ୍ଟୁ(୨୫), ଅଇଁଠାପାଲି ଥାନା ଅନ୍ତର୍ଗତ ପର୍ଦ୍ଧିଆପାଲିର ପ୍ରଭାତ ଭୋଇ ଓରଫ ଟିଟୁ(୨୩) ଓ କାଇଁଶିର ଗ୍ରାମର କାରଚାଳକ ଆମୋଦ କରାଲି(୩୨)। ଥାନାରେ ପଚରାଉଚରା ବେଳେ ସେମାନେ ଏହାକୁ କଟକରୁ ସମ୍ବଲପୁର ଚୋରା ଚାଲାଣ କରୁଥିବା କହିଥିଲେ। ସେମାନଙ୍କ ସୂଚନାନୁସାରେ ସମ୍ବଲପୁରର ବିଭିନ୍ନ ସ୍ଥାନରେ ଚୋରା କଫ୍ ସିରପ ବ୍ୟବସାୟ କରୁଥିବା ୧୫ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ୧୫ ଅଭିଯୁକ୍ତ ମୁଖ୍ୟ ଅଭିଯୁକ୍ତ ଲୋକେଶଙ୍କୁ ନିଶା କଫ୍ ସିରପ୍ ପାଇଁ ଅଗ୍ରିମ ଟଙ୍କା ଦେଇଥିଲେ। ଉକ୍ତ ଟଙ୍କାକୁ ଲୋକେଶ ଅଇଁଠାପାଲି ଥାନା ଅନ୍ତର୍ଗତ ପର୍ଦ୍ଧିଆପାଲିର ଚନ୍ଦ୍ରଶେଖର ନାଏକ ନାମକ ଜଣେ ବ୍ୟକ୍ତିଙ୍କ ନିକଟରେ ଅନ୍‌ଲାଇନ୍‌ରେ ପେଠ କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ମଙ୍ଗଳବାର ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, କଫ୍ ସିରପ ସମ୍ବଲପୁର ଆସିଲା ପରେ ଏହାକୁ ଗିରଫ ୧୫ ଅଭିଯୁକ୍ତଙ୍କ ମଧ୍ୟରେ ☞ପୃଷ୍ଠା–୪

# ଓଡ଼ିଶାରେ ୯୧୨ ବଣୁଆ ହାତୀ

## ଦେଶର ହାତୀ ସଂଖ୍ୟା ୮ ବର୍ଷରେ ୧୮% କମିଛି

**ନୂଆଦିଲ୍ଲୀ,୧୪।୧୦(ପି.ଟି.)**

ଦେଶରେ ପ୍ରଥମ ଥର ପାଇଁ ବଣୁଆ ହାତୀଙ୍କ ଡିଏନ୍‌ଏ ଆଧାରିତ ଗଣନା ହୋଇଛି। ଏହି ଗଣନା ଅନୁଯାୟୀ, ଦେଶରେ ୨୨,୪୪୬ ବଣୁଆ ହାତୀ ରହିଛି। ୨୦୧୭ ହାତୀ ଗଣନାର ରିପୋର୍ଟ ଅନୁଯାୟୀ, ଭାରତରେ ୨୭,୩୧୨ ବଣୁଆ ହାତୀ ରହିଥିଲେ। ଗତ ୮ ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ୧୮% ହ୍ରାସ ଘଟିଛି। ସଦ୍ୟ ପ୍ରକାଶିତ ରିପୋର୍ଟରେ ଓଡ଼ିଶାରେ ୯୧୨ ବଣୁଆ ହାତୀ ରହିଥିବା ଜଣାପଡ଼ିଛି। ଅଲ୍ ଇଣ୍ଡିଆ ସିନ୍‌କ୍ରୋନୋୟସ୍ ଏଲିଫାଣ୍ଟ ଏଷ୍ଟିମେଶନ୍ (ଏସ୍‌ଏଆଇଇଇ)ର ରିପୋର୍ଟ ଅନୁଯାୟୀ, ଭାରତରେ ବଣୁଆ ହାତୀଙ୍କ ସଂଖ୍ୟା ୧୮,୨୫୫ରୁ ୨୬,୬୪୫ ମଧ୍ୟରେ ଥିବା ନେଇ ଆକଳନ କରାଯାଇଛି, ଯାହାର ହାରାହାରି ସଂଖ୍ୟା ୨୨,୪୪୬ ରହିଛି। ୨୦୨୧ରେ କେନ୍ଦ୍ର ସରକାର ଏହି ହାତୀ ସର୍ଭେ ଆରମ୍ଭ କରିଥିଲେ। ଏହାର ପ୍ରାୟ ୪ ବର୍ଷ ପରେ ସରକାର ଉକ୍ତ ରିପୋର୍ଟକୁ ପ୍ରକାଶ କରିଛନ୍ତି। ଜଟିଳ ଆନୁବଂଶିକ ବିଶ୍ଳେଷଣ ଏବଂ ତଥ୍ୟ ବୈଧତା ଯୋଗୁ ରିପୋର୍ଟ ପ୍ରକାଶରେ ବିଳମ୍ବ ଘଟିଥିବା ନେଇ ଅଧିକାରୀମାନେ କହିଛନ୍ତି। ମଣିଷମାନଙ୍କୁ ସେମାନଙ୍କ ଜେନେଟେକ୍ କୋଡ୍ ମାଧ୍ୟମରେ ଚିହ୍ନଟ କରାଯିବା ପରି ଏହି ସର୍ଭେରେ ବୈଜ୍ଞାନିକମାନେ ହାତୀ ଥିବା ଅଞ୍ଚଳରୁ ୨୧,୦୫୬ ହାତୀ ମଳ ନମୁନା ସଂଗ୍ରହକରି ପ୍ରତ୍ୟେକ ହାତୀଙ୍କୁ ଚିହ୍ନଟ କରିବା ପାଇଁ ଡିଏନ୍‌ଏ ଫ୍ରିଙ୍ଗରପ୍ରିଣ୍ଟକୁ ବ୍ୟବହାର କରିଥିଲେ। ଉକ୍ତ ଅଧ୍ୟୟନରେ ପ୍ରାୟ ୬.୭ ଲକ୍ଷ କି.ମି. ଜଙ୍ଗଲ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଦାୟୀଙ୍କଠାରୁ ଆଦାୟ**

# ଭାରତରେ କଫ୍ ସିରପ୍ ମାନକୁ ନେଇ ସତର୍କ କରାଇଲା ଡବ୍ଲ୍ୟୁଏଚ୍‌ଓ

**ନୂଆଦିଲ୍ଲୀ,୧୪।୧୦**

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ କଫ୍ ସିରପ୍ ଖାଇବା ଜନିତ ଶିଶୁ ମୃତ୍ୟୁ ଘଟଣା ପରେ ଭାରତରେ ଚିହ୍ନଟ ହୋଇଥିବା ୩ଟି ନିମ୍ନମାନର ଓରାଲ କଫ୍ ସିରପ୍ କୋଲ୍ଡରିଫ୍, ରେସ୍ପିଫ୍ରେସ୍ ଟିଆର୍ ଏବଂ ରିଲାଇଫ୍ ବିରୋଧରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସତର୍କ ସୂଚନା ଜାରି କରିଛି। ଅନ୍ୟ ଦେଶଗୁଡ଼ିକରେ ଏହି କଫ୍ ସିରପ୍ ଥିବା ଜଣାପଡ଼ିଲେ, ତୁରନ୍ତ ବିଜ୍ଞପିତ କରିବା ପାଇଁ ଡବ୍ଲ୍ୟୁଏଚ୍‌ଓ ବିଶ୍ୱବ୍ୟାପୀ ଜାତୀୟ ନିୟାମକ କର୍ତ୍ତୃପକ୍ଷମାନଙ୍କୁ ଆହ୍ୱାନ ଦେଇଛି। ଏଭଳି ନିମ୍ନମାନର ଉତ୍ପାଦ ଚିହ୍ନଟ ହେବା ଏବଂ ଏହାର ପ୍ରତିକୂଳ ପ୍ରଭାବ ଜନିତ ଘଟଣା ସାମ୍ନାକୁ ଆସିଲେ କିମ୍ବା ଆଶାନୁରୂପ ପ୍ରଭାବ ମିଳୁ ନଥିଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ତୁରନ୍ତ ସେମାନଙ୍କ ଦେଶର ଜାତୀୟ ନିୟାମକ କର୍ତ୍ତୃପକ୍ଷ କିମ୍ବା ନ୍ୟାଶନାଲ ଫାର୍ମାକୋଭିଜିଲାନ୍ସ ସେଣ୍ଟରରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି। ନିମ୍ନମାନର କଫ୍ ସିରପ୍ ଦ୍ୱାରା ପ୍ରଭାବିତ ହୋଇଥିବା ଦେଶ ଓ ଅଞ୍ଚଳର ଯୋଗାଣ ଶୃଙ୍ଖଳ ମଧ୍ୟରେ ଅଧିକ ତଦାରଖ କରିବାକୁ ଡବ୍ଲ୍ୟୁଏଚ୍‌ଓ ପରାମର୍ଶ ଦେଇଛି।





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍‌ସ 22 ସେପ୍ଟେମ୍ବର 2025 ରୁ ବୈଧ । ମୋଟ ସଞ୍ଚୟରେ ଅଛି 100% GST ଲାଭ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ପ୍ରଯୁଜ୍ୟ RTO କର ରେ), ନିଲ୍ ପ୍ରୋସେସିଙ୍ଗ ଫୀ, ଆଉ 1-ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍‌ସ । ଫାଇନାନ୍‌ସର୍/ଇନ୍‌ସ୍ୟୋରର୍ ଆଉ ଲୋକେଶନ୍ ଅନୁସାରେ ନିଲ୍ PF ଆଉ OD ରେ ସଞ୍ଚୟ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । 5 ବର୍ଷର ଷ୍ଟାଣ୍ଡାର୍ଡ ୱାରେଣ୍ଟୀ + 5 ବର୍ଷର ଏକ୍ସଟେଣ୍ଡେଡ୍ ୱାରେଣ୍ଟୀ @ ₹999/- । ପ୍ରଦର୍ଶିତ ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ପରିବେଶରେ କରାଯାଇଛି । ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ, ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for BAJAJ Auto Ltd.: Jeypore:** DURRANI TRADERS 9124212491 • **Nabarangapur** DURRANI TRADERS 9124212490 • **Raighar** DURRANI TRADERS 8260225498• **Bhawanipatna** KALINGA BAJAJ 8763863692 • **Bolangir** URBASI BAJAJ 7381052046 • **Rayagada** SITA RAMA BAJAJ – 7205631185.

ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ତାଜ୍ ପ୍ୟାଲେସ୍ ହୋଟେଲଠାରେ ମଙ୍ଗଳବାର ଗୁଗଲ୍ ଦ୍ୱାରା ଆୟୋଜିତ ଭାରତ ଏଆଇ ଶକ୍ତି କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ଆଇଟି ମନ୍ତ୍ରୀ ନାରା ଲୋକେଶ, ଗୁଗଲ କ୍ଲାଉଡ୍ ସିଇଓ ଥୋମାସ୍ କୁରିଆନ ପ୍ରମୁଖଙ୍କ ସହ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସେଲ୍ଫି ନେଉଛନ୍ତି। (ଫଟୋ-ଚମନ ଗୌତମ)

# ଆନ୍ଧ୍ରରେ ହେବ ଏଆଇ ହବ୍

## ୧୫ ବିଲିୟନ ଡଲାର ନିବେଶ କରିବ ଗୁଗଲ୍

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ଆନ୍ଧ୍ରପ୍ରଦେଶରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ହବ୍‌ନିର୍ମାଣ ହେବାକୁଥିବାବେଳେ ଗୁଗଲ୍ ଆଗାମୀ ୫ ବର୍ଷରେ ଏଥିରେ ୧୫ ବିଲିୟନ ଡଲାର ନିବେଶ କରିବ। ଆଦାନୀ ଗ୍ରୁପ୍ ସହ ସହଭାଗିତାରେ ନିର୍ମାଣ ହେବାକୁ ଥିବା ଏହି ହବ୍‌ରେ ଦେଶର ସର୍ବବୃହତ୍ ଡେଟା ସେଣ୍ଟର ରହିବ। ଉକ୍ତ ପ୍ରକଳ୍ପ ୫ରୁ ୬ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ମୋଟ ୨୦ରୁ ୩୦ ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଥିବା ଏକ ସରକାରୀ ବିବୃତିରେ କୁହାଯାଇଛି।

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ହେବାକୁ ଥିବା ଏହି ଏଆଇ ହବ୍ ଆମେରିକା ବାହାରେ ଗୁଗଲ୍‌ର ସର୍ବବୃହତ୍ ପ୍ରକଳ୍ପ ହେବ, ଯେଉଁଥିରେ ୧ ଗିଗାୱାଟ ଡେଟା ସେଣ୍ଟର କ୍ୟାମ୍ପସ ସହ ନୂତନ ବୃହତ୍ ଶକ୍ତି ଉତ୍ସ ଏବଂ ସମ୍ପ୍ରସାରିତ ଫାଇବର ଅପ୍ଟିକ୍ ନେଟ୍‌ୱର୍କ ରହିବ ବୋଲି ଗୁଗଲ୍ ପକ୍ଷରୁ କୁହାଯାଇଛି। ଆମେରିକା ବାହାରେ ବିଶ୍ୱରେ ଏହା ସର୍ବବୃହତ୍ ଏଆଇ ହବ୍ ଯେଉଁଠି ଆମେ ନିବେଶ କରିବାକୁ ଯାଉଛୁ ବୋଲି ଗୁଗଲ୍ କ୍ଲାଉଡ୍ ସିଓଓ ଥୋମାସ୍ କୁରିଆନ୍ ଆନୁଷ୍ଠାନିକ ଚୁକ୍ତିନାମା ସ୍ୱାକ୍ଷର ଅବସରରେ କହିଛନ୍ତି।

ଗୁଗଲ୍ ଦ୍ୱାରା ଆୟୋଜିତ ଭାରତ ଏଆଇ ଶକ୍ତି କାର୍ଯ୍ୟକ୍ରମରେ ଏହି ଘୋଷଣା କରାଯାଇଛି। ଆଗାମୀ ଇଣ୍ଡିଆ-ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ପାଇଁ ଏହି ପୂର୍ବବର୍ତ୍ତୀ କାର୍ଯ୍ୟକ୍ରମ ବୋଲି କୁହାଯାଉଛି। ଏଥିରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଓ ଅନ୍ୟମାନେ ଯୋଗଦେଇଥିଲେ। ଗୁଗଲ୍ ସିଇଓ ସୁନ୍ଦର ପିଚାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉକ୍ତ ଯୋଜନା ସମ୍ପର୍କରେ କଥା ହୋଇଥିବା କହିଛନ୍ତି। ଭାରତରେ ଏହା ବର୍ତ୍ତମାନ ସୁଦ୍ଧା ସର୍ବବୃହତ୍ ପୁଞ୍ଜିନିବେଶ। ଆଦାନୀ ଗ୍ରୁପ୍ ସହ ଗୁଗଲ୍ ବିଶାଖାପାଟଣାରେ ବୃହତ୍ ଡେଟା ସେଣ୍ଟର ଏବଂ କୃତ୍ରିମ ବୁଦ୍ଧିମତ୍ତା ହବ୍ ନିର୍ମାଣ କରିବ ବୋଲି ପିଚାଇ କହିଛନ୍ତି। ଗୁଗଲ୍ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ପରେ ପିଚାଇ Xରେ ଏହା ପୋଷ୍ଟ କରିଛନ୍ତି। ଶିଳ୍ପପତି ଗୌତମ ଆଦାନୀଙ୍କ ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇସେସ୍ କହିଛି, ମିଳିତ ଉଦ୍ୟୋଗ କମ୍ପାନୀ ଆଦାନୀକନେକ୍ସ ଗୁଗଲ୍ ସହ ମିଶି ବିଶାଖାପାଟଣାରେ ଭାରତର ସର୍ବବୃହତ୍ ଏଆଇ ଡେଟା ସେଣ୍ଟର କ୍ୟାମ୍ପସ ଏବଂ ନୂଆ ଗ୍ରୀନ୍ ଏନର୍ଜି ଭିତ୍ତିଭୂମିର ବିକାଶ କରିବ।

# ସମ୍ପୂର୍ଣ୍ଣ ଇପିଏଫ୍ ଜମାରାଶି ଉଠାଇ ପାରିବେ କର୍ମଚାରୀ

ନୂଆଦିଲ୍ଲୀ, ୧୪।୧୦ (ପି.ଟି.)

ଏଣିକି ଇପିଏଫ୍ ଆକାଉଣ୍ଟଧାରୀମାନେ ଚାକିରି କାଳର ଯେକୌଣସି ସମୟରେ ସମ୍ପୂର୍ଣ୍ଣ ଜମାରାଶି ଉଠାଇପାରିବେ। ଏଥିପାଇଁ କର୍ମଚାରୀଙ୍କ ସର୍ବନିମ୍ନ ସେବା କାଳ ୧୨ ମାସକୁ ହ୍ରାସ କରାଯାଇଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ) ସୋମବାର ଏଭଳି ନିଷ୍ପତ୍ତି ନେଇଛି। କେନ୍ଦ୍ରମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଇପିଏଫ୍ ଉଠାଣ ନିୟମକୁ ସରଳ କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାରକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଉକ୍ତ ବୈଠକରେ ଡିଜିଟାଲ ସେବାକୁ ସୁଦୃଢ଼ କରିବା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା। ପିଏଫ୍ ଆକାଉଣ୍ଟରୁ ସମ୍ପୂର୍ଣ୍ଣ ରାଶି ଉଠାଣ ନିଷ୍ପତ୍ତିରେ ଦେଶର ୭ କୋଟିରୁ ଅଧିକ କର୍ମଚାରୀ ଉପକୃତ ହୋଇପାରିବେ।

# ଭାରତ-କାନାଡା ସହଯୋଗ ବଢ଼ାଇବାକୁ ରୋଡ୍‌ମ୍ୟାପ୍

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଭାରତ ଓ କାନାଡା ମଧ୍ୟରେ ସହଯୋଗ ବଢ଼ାଇବା ପାଇଁ ସୋମବାର ରୋଡ୍‌ମ୍ୟାପ୍ ଉନ୍ମୋଚିତ ହୋଇଛି। ୨୦୨୩ରେ ଶିଖ୍ ବିଚ୍ଛିନ୍ନତାବାଦୀଙ୍କୁ ହତ୍ୟା ଘଟଣାରେ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲାବେଳେ ଏହାକୁ ସୁଧାରିବାର ଅଂଶ ସ୍ୱରୂପ ଭାରତ ଗସ୍ତରେ ଆସିଥିବା କାନାଡା ବହିର୍ବ୍ୟାପାର ମନ୍ତ୍ରୀ ଅନିତା ଆନନ୍ଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଭେଟିଥିଲେ। ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ପୁଞ୍ଜିନିବେଶ ଉପରେ ମନ୍ତ୍ରୀସ୍ତରୀୟ ଆଲୋଚନା ଆରମ୍ଭ କରିବାକୁ ସ୍ଥିର ହୋଇଛି।

# ହରିୟାଣାରେ ଆଉ ଜଣେ ପୋଲିସ ଅଫିସରଙ୍କ ଆତ୍ମହତ୍ୟା

## ଭିଡିଓରେ ପୁରନ୍ କୁମାରଙ୍କ ନାଁରେ ଗମ୍ଭୀର ଦୁର୍ନୀତି ଅଭିଯୋଗ

ଚଣ୍ଡିଗଡ଼,୧୪।୧୦(ପି.ଟି.)



ୱାଇ. ପୁରନ୍ କୁମାର



ସନ୍ଦୀପ୍ କୁମାର

ହରିୟାଣା ପୋଲିସ ଆସିଷ୍ଟାଣ୍ଟ ସବ୍‌ଇନ୍‌ସ୍ପେକ୍ଟର ସନ୍ଦୀପ୍ କୁମାର ମଙ୍ଗଳବାର ରୋହତକ୍ ଜିଲାରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ୬ ମିନିଟ୍‌ର ଏକ ଭିଡିଓ ଏବଂ ୩ ପୃଷ୍ଠାର ଏକ ନୋଟ୍ ଛାଡ଼ିଯାଇଛନ୍ତି, ଯେଉଁଥିରେ ପୂର୍ବରୁ ଆତ୍ମହତ୍ୟା କରିଥିବା ଆଇପିଏସ୍ ଅଫିସର ୱାଇ. ପୁରନ୍ କୁମାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଛି। ତେବେ ଭିଡିଓ ଏବଂ ନୋଟ୍‌ର ସତ୍ୟତା ତୁରନ୍ତ ଯାଞ୍ଚ ହୋଇପାରି ନ ଥିବାରୁ ବର୍ତ୍ତମାନ ସ୍ଥିତିରେ କିଛି କହିବା କଷ୍ଟକର। ଫୋରେନ୍‌ସିକ୍ ଟିମ୍ ଏହାର ତଦନ୍ତ ଜାରି ରଖିଥିବା ରୋହତକ୍ ଏସ୍‌ପି ଏସ୍.ଏସ୍. ଭୋରିଆ କହିଛନ୍ତି।

ଗତ ସପ୍ତାହରେ ରୋହତକ୍ ଜିଲା ପୋଲିସ ଆଇଜି ପୁରନ୍‌ଙ୍କ ଆତ୍ମହତ୍ୟା ଘଟଣା ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି କରିଥିଲା। ସେ ଚଣ୍ଡିଗଡ଼ସ୍ଥିତ ଘରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ରୋହତକ୍ ସାଇବର ସେଲ୍ ଏଏସ୍‌ଆଇ ସନ୍ଦୀପ୍‌ଙ୍କ ଆତ୍ମହତ୍ୟା ଘଟଣାକୁ ନୂଆ ମୋଡ଼ ଦେଇଛି। ସେ ପୁରନ୍‌ଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଦୁର୍ନୀତି ପଦାରେ ପଡ଼ିଯିବା ଭୟରେ ପୁରନ୍ ଆତ୍ମହତ୍ୟା କରିଥିବା ସନ୍ଦୀପ୍ ଭିଡିଓ ବାର୍ତ୍ତାରେ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, ପୁରନ୍ ରୋହତକ୍ ରେଞ୍ଜ୍‌ରେ ପୋଷ୍ଟିଂ ହେବା ପରେ ସଚ୍ଚୋଟ ପୋଲିସ ଅଫିସରମାନଙ୍କୁ ବଦଳି କରି ସେମାନଙ୍କ ସ୍ଥାନରେ ଦୁର୍ନୀତିଗ୍ରସ୍ତମାନଙ୍କୁ ଅବସ୍ଥାପିତ କରାଇଥିଲେ। ଉକ୍ତ ଅଫିସରମାନେ ଫାଇଲ୍ ଚାପିରଖିବା ସହ ପିଟିଶନରମାନଙ୍କୁ ଡାକି ମାନସିକ ନିର୍ଯାତନା ଦେଇ ଟଙ୍କା ଦାବି କରୁଥିଲେ। ବଦଳି ଧମକ ଦିଆଯାଇ ମହିଳା ପୋଲିସଙ୍କୁ ଯୌନ ଶୋଷଣ କରାଯାଉଥିଲା। ସନ୍ଦୀପ୍ ପୂର୍ବତନ ରୋହତକ୍ ଏସ୍‌ପି ନରେନ୍ଦ୍ର ବିର୍ଜନିୟାଙ୍କୁ ସମର୍ଥନ ଜଣାଇଛନ୍ତି, ଯାହାଙ୍କ ନାଁ ପୁରନ୍ ମୃତ୍ୟୁ ଘଟଣା ସହ ସମ୍ପୃକ୍ତି ନେଇ ଏତଲାରେ ରହିଛି। ପୁରନ୍‌ଙ୍କ ଘନିଷ୍ଠ ଥିବା ହେଡ୍ କନ୍‌ଷ୍ଟେବଲ ସୁଶୀଲ କୁମାରଙ୍କୁ ଗିରଫ କରାଇବାରେ ସନ୍ଦୀପ୍‌ଙ୍କ ଭୂମିକା ଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

ରୋହତକ୍‌ର ଲାଧୌତ-ଧାମର ରୋଡ୍ ବାସଭବନରୁ ଏଏସ୍‌ଆଇ ସନ୍ଦୀପ୍‌ଙ୍କ ମୃତଦେହ ସହ ଭିଡିଓ ଏବଂ ନୋଟ୍ ମିଳିଛି। ଉକ୍ତ ନୋଟ୍‌ରେ ୮ ଜଣ ଅଫିସରଙ୍କୁ ଅଭିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ଡିଜିପି ଶତ୍ରୁଜିତ୍ କପୁର, ରୋହତକ୍ ଏସ୍‌ପି ନରେନ୍ଦ୍ର ବିର୍ଜନିୟାଙ୍କ ନାଁ ରହିବା ସହ ସାଂଘାତିକ ଜାତି ଆଧାରିତ ଭେଦଭାବ, ଟାର୍ଗେଟ କରି ମାନସିକ ନିର୍ଯାତନା ଦିଆଯିବା ସହ ସର୍ବସାଧାରଣରେ ଅପମାନ ଓ ଅତ୍ୟାଚାର କରାଯାଉଥିଲା ବୋଲି ନୋଟ୍‌ରେ ଉଲ୍ଲେଖ ରହିଛି। ହରିୟାଣା ସରକାର ଡିଜିପି କପୁରଙ୍କୁ ଛୁଟିରେ ପଠାଇଥିବାବେଳେ ବିର୍ଜନିୟାଙ୍କୁ ବଦଳି କରାଯାଇଛି।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଚଣ୍ଡିଗଡ଼ ଯାଇ ମୃତ ଆଇପିଏସ୍ ଅଫିସର ପୁରନ କୁମାରଙ୍କ ପରିବାରକୁ ଭେଟିବା ସହ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନିଙ୍କୁ ନିବେଦନ କରିଛନ୍ତି। ଏହି ଘଟଣା ଦଳିତମାନଙ୍କୁ ଭୁଲ୍ ବାର୍ତ୍ତା ଦେଉଥିବା ରାହୁଲ କହିଛନ୍ତି।

## ମୋଦିଙ୍କ ସୋନିପତ୍ ରାଲି ବାତିଲ

ଚଣ୍ଡିଗଡ଼,୧୪।୧୦

ହରିୟାଣା କ୍ୟାଡର ଆଇପିଏସ୍ ଅଫିସର ୱାଇ. ପୁରନ୍ କୁମାରଙ୍କ ଆତ୍ମହତ୍ୟା ଘଟଣାର ବ୍ୟବଚ୍ଛେଦକୁ ନେଇ ଅଚଳାବସ୍ଥା ଲାଗିରହିଥିବାବେଳେ ଡିଜିପି ଶତ୍ରୁଜିତ କପୁରଙ୍କୁ ହରିୟାଣା ସରକାର ଛୁଟିରେ ପଠାଇ ଦେଇଛନ୍ତି। ହରିୟାଣା ପୋଲିସ ହାଉସିଂ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ଏବଂ ରାଜ୍ୟ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ଡିଜି ଥିବା ଓମ୍ ପ୍ରକାଶ ସିଂଙ୍କୁ ହରିୟାଣା ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବିତ ସୋନିପତ୍ ଗସ୍ତକୁ ବାତିଲ କରିଦିଆଯାଇଛି। ନାଏବ ସିଂ ସାଇନିଙ୍କ ନେତୃତ୍ୱାଧୀନ ଭାଜପା ସରକାରର ପ୍ରଥମ ବାର୍ଷିକୀ ପାଳନ ପାଇଁ ପ୍ରଧାନମନ୍ତ୍ରୀ ସୋନିପତ୍ ଗସ୍ତ କରି ସେଠାରେ ଏକ ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ସେଠାରେ ସେ ଜନ ବିଶ୍ୱାସ-ଜନ ବିକାଶ କାର୍ଯ୍ୟକ୍ରମ ଉପରେ ଉଦ୍‌ବୋଧନ ଦେବା ସହ ଅନେକ ନୂଆ ପଦକ୍ଷେପର ଶୁଭାରମ୍ଭ କରିଥାନ୍ତେ। ସେହିପରି ମୁଖ୍ୟମନ୍ତ୍ରୀ ସାଇନି ମଙ୍ଗଳବାର ରାଜ୍ୟସ୍ତରୀୟ ମହର୍ଷି ବାଲ୍ମୀକି ଜୟନ୍ତୀ ଉତ୍ସବରେ ଯୋଗଦେବାକୁ ଥିବାବେଳେ ତାହାକୁ ମଧ୍ୟ ବାତିଲ କରାଯାଇଛି।

# ଆତ୍ମସମର୍ପଣ କଲେ ବରିଷ୍ଠ ମାଓବାଦୀ ନେତା ଭୂପତି

ଗଡ଼ଚିରୋଲି, ୧୪।୧୦



ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ମାଓବାଦୀ ବିରୋଧୀ ଅଭିଯାନକୁ ସଫଳତା ମିଳିଛି। ସୋମବାର ବିଳମ୍ବିତ ରାତିରେ ମାଓବାଦୀ ସଙ୍ଗଠନର ବରିଷ୍ଠ ଏବଂ ପ୍ରଭାବଶାଳୀ ନେତା ତଥା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ପଲିଟ୍‌ବ୍ୟୁରୋ ସଦସ୍ୟ ମଲ୍ଲୋଜୁଲା ବେଣୁଗୋପାଳ ରାଓ (୬୯) ୬୦ ଜଣ ସହଯୋଗୀଙ୍କ ସହ ଗଡ଼ଚିରୋଲି ଥାନାରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନରେ ସେ ଭୂପତି ଏବଂ ସୋନୁ ଦାଦା ନାମରେ ପରିଚିତ ଥିଲେ। ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା, ଓଡ଼ିଶା, ଆନ୍ଧ୍ରପ୍ରଦେଶରେ ବଡ଼ ମାଓବାଦୀ ଆକ୍ରମଣ ପଛରେ ଷଡ଼ଯନ୍ତ୍ର ରଚିଥିବା ନେଇ ଭୂପତିଙ୍କ ନାମରେ ଅଭିଯୋଗ ରହିଛି। ତାଙ୍କୁ ଧରାଇବା ପାଇଁ ପୋଲିସ ୬ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା। ଗତ ୪୦ ବର୍ଷ ଧରି ସେ ବିଭିନ୍ନ ମାଓବାଦୀ ସଙ୍ଗଠନରେ ସକ୍ରିୟ ଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ୫୦ରୁ ଅଧିକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

# ବୈଷୟିକ ତ୍ରୁଟି: ଅହମଦାବାଦରେ କାତାର ଏୟାରୱେଜ୍ ବିମାନର ଜରୁରୀ ଅବତରଣ

ଅହମଦାବାଦ, ୧୪।୧୦

କାତାରର ରାଜଧାନୀ ଦୋହାରୁ ହଂକଂ ଯାଉଥିବା କାତାର ଏୟାରୱେଜ୍‌ର ବିମାନ କ୍ୟୁଆର୍ ୮୧୬ ମଙ୍ଗଳବାର ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ବିମାନଟି ଉଡ଼ାଣ କରୁଥିବା ସମୟରେ ସେଥିରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ହଠାତ ବିମାନର କ୍ୟାବିନ ପ୍ରେସର ହ୍ରାସ ପାଇଥିବା ନେଇ ପାଇଲଟ ଅନୁଭବ କରିଥିଲେ ଏବଂ ଏମର୍ଜେନ୍ସି ଘୋଷଣା କରିଥିଲେ। ଏହାପରେ ବିମାନଟିକୁ ଡାଇଭର୍ଟ କରାଯାଇ ଅହମଦାବାଦରେ ଜରୁରୀ ଅବତରଣ କରାଯାଇଥିଲା। ଯାତ୍ରୀମାନେ ଓହ୍ଲାଇବା ପରେ ବିମାନର ବୈଷୟିକ ତ୍ରୁଟି ଯାଞ୍ଚ କରାଯାଉଛି।

# ୭୧ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ଭାଜପା

## ୨ ଉପମୁଖ୍ୟମନ୍ତ୍ରୀଙ୍କୁ ଟିକେଟ୍, ବାଚସ୍ପତି ବାଦ୍

ବିହାର ନିର୍ବାଚନ

ପାଟନା/ନୂଆଦିଲ୍ଲୀ,୧୪।୧୦(ପି.ଟି.)

ବିହାର ବିଧାନସଭା ନିର୍ବାଚନ ଲାଗି ଶାସକ ଏନ୍‌ଡିଏରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇ ନ ଥିବାବେଳେ ଭାଜପା ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୭୧ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ୨ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମାର ସିହ୍ନାଙ୍କୁ ଯଥାକ୍ରମେ ତାରାପୁର ଏବଂ ଲାଖିସରାଇ ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମକୃପାଳ ଯାଦବ ଦାନାପୁର ଆସନରୁ ଲଢ଼ିବେ। ତେବେ ବିଧାନସଭା ବାଚସ୍ପତି ନନ୍ଦକିଶୋର ଯାଦବଙ୍କୁ ଟିକେଟ ମିଳିନାହିଁ। ପାଟନା ସାହିବ ଆସନରୁ ଭାଜପା ରତ୍ନେଶ କୁଶ୍‌ୱାହାଙ୍କୁ ପ୍ରାର୍ଥୀ କରିଛି। ନନ୍ଦକିଶୋର ୭ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନ ପରିଷଦ ସଦସ୍ୟ ତଥା ସ୍ୱାସ୍ଥ୍ୟ ଓ ଆଇନ ମନ୍ତ୍ରୀ ମଙ୍ଗଳ ପାଣ୍ଡେଙ୍କୁ ସିୱାନ ଆସନରୁ ପ୍ରାର୍ଥୀ କରାଯାଇଛି। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ତାରକିଶୋର ପ୍ରସାଦଙ୍କୁ କଟିହାରରୁ ଏବଂ ସଡ଼କ ନିର୍ମାଣ ମନ୍ତ୍ରୀ ନୀତିନ୍ ନବୀନଙ୍କୁ ବାଙ୍କିପୁରରୁ ପ୍ରାର୍ଥୀ କରାଯାଇଛି। କମନ୍‌ୱେଲ୍‌ଥ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଶ୍ରେୟାସି ସିଂଙ୍କୁ ଜାମୁଇ ଆସନରୁ ଭାଜପା ପ୍ରାର୍ଥୀ କରିଛି।

ନଭେମ୍ବର ୬ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଆସନ୍ତା ୧୭ ଥିବାବେଳେ ୨ ମେଣ୍ଟର ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇପାରିନାହିଁ। ଏନ୍‌ଡିଏ ମେଣ୍ଟରେ ଆସନ ଭାଗବଣ୍ଟା ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମାଧାନ ହୋଇଥିବା ଏହାର କେତେଜଣ ନେତା କହିଛନ୍ତି। ତେବେ କେଉଁ ଦଳ କେଉଁ ନିର୍ଦ୍ଦିଷ୍ଟ ଆସନରେ ଲଢ଼ିବ, ତାହା ଉପରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

ଫୁରସତ୍



ଶର୍‌ଭରୀ ୱାଘ

# ଖୁବ୍‌ଶୀଘ୍ର ଶର୍‌ଭରୀ-ଅହାନ ଅନ୍‌ସ୍କ୍ରିନ୍ ଲଭ୍ କେମେଷ୍ଟ୍ରି

ମୁମ୍ବାଇ

ଗତ ଜୁଲାଇ ୧୮ରେ ରିଲିଜ୍ ହୋଇଥିବା 'ସୈୟାରା' ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଫିଲ୍ମ ସହ ଅଭିନେତା ଅହାନ ପାଣ୍ଡେ ବଲିଉଡ୍‌ରେ ଡେବ୍ୟୁ କରି ଲୋକପ୍ରିୟ ହୋଇଥିଲେ। ମଙ୍ଗଳବାର ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଯଶରାଜ୍ ଫିଲ୍ମସର ବ୍ୟାନରରେ ଏବଂ ନିର୍ଦ୍ଦେଶକ ଅଲି ଅବ୍ବାସ ଜଫରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏକ ଫିଲ୍ମରେ ଅହାନ ନଜରକୁ ଆସିବେ। ୨୦୨୬ ମାର୍ଚ୍ଚରେ ରିଲିଜ୍ ହେବାକୁ ଥିବା ଉକ୍ତ ଫିଲ୍ମରେ ଅହାନଙ୍କ ବିପକ୍ଷରେ ଅଭିନେତ୍ରୀ ଶର୍‌ଭରୀ ୱାଘଙ୍କୁ ଦେଖିବାକୁ ମିଳିବ। ବ୍ରିଟେନ୍‌ରେ ଏହି ଫିଲ୍ମର ଅଧିକାଂଶ ଶୁଟିଂ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଫିଲ୍ମର ଶୁଟିଂ ପାଇଁ ଖୁବ୍‌ଶୀଘ୍ର ଅହାନ ଏବଂ ଶରଭରୀ ବ୍ରିଟେନ୍‌ରେ ପହଞ୍ଚିବେ। ଫିଲ୍ମରେ ଆକ୍ସନ, ରୋମାନ୍ସ ଏବଂ ଇମୋଶନାଲ ଟଚ୍ ରହିବ। ଏହାସହ ବଡ଼ ପରଦାରେ ପ୍ରଥମ ଥର ପାଇଁ ଅହାନ ଏବଂ ଶର୍‌ଭରୀଙ୍କର ଲଭ କେମେଷ୍ଟ୍ରିକୁ ଦେଖିବାକୁ ମିଳିବ। ତେଣୁ ଏହି ଫିଲ୍ମକୁ ନେଇ ଉଭୟ ଅହାନ ଏବଂ ଶର୍‌ଭରୀଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ଆସନ୍ତା ଡିସେମ୍ବର ୨୫ରେ ରିଲିଜ୍ ହେବାକୁ ଥିବା 'ଆଲ୍‌ଫା' ଫିଲ୍ମରେ ଶର୍‌ଭରୀ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସହ ନଜରକୁ ଆସିବେ।

# ୨,୩୪୬ ପାଉଣ୍ଡର କଖାରୁ ପ୍ରଦର୍ଶନ କଲେ କାଲିଫର୍ନିଆ ଇଞ୍ଜିନିୟର

## ୫୨ତମ ବାର୍ଷିକ କଖାରୁ ଓଜନ ପ୍ରତିଯୋଗିତାର ଚାମ୍ପିୟନ ହେଲେ

ହାଫ୍ ମୁନ୍ ବେ, ୧୪।୧୦




ଉତ୍ତର କାଲିଫର୍ନିଆର ହାଫ୍ ମୁନ୍ ବେ ସହରରେ ୫୨ତମ ବାର୍ଷିକ କଖାରୁ ଓଜନ ପ୍ରତିଯୋଗିତାର ବିଶ୍ୱ ଚାମ୍ପିୟନଶିପକୁ ଇଞ୍ଜିନିୟର ତଥା ଉଦ୍ୟାନପ୍ରେମୀ ବ୍ରେଣ୍ଡନ ଡସନ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ସେ ଏକ ବିଶାଳ ୨,୩୪୬ ପାଉଣ୍ଡ (୧୦୬୪ କେ.ଜି.) ଓଜନର କଖାରୁକୁ ପ୍ରଦର୍ଶନ କରିଥିଲେ। ବିଜୟୀ ଘୋଷିତ ହେବା ପରେ ବ୍ରେଣ୍ଡନ ଖୁସିରେ ଉଲ୍ଲସିତ ହେବା ସହ ନିଜ ୨ ବର୍ଷର ପୁଅ ଏବଂ ୪ ବର୍ଷୀୟା ଝିଅଙ୍କୁ ତାଙ୍କ ଦ୍ୱାରା ଫଳିଥିବା ବିଶାଳ କଖାରୁ ଉପରେ ବସାଇଥିଲେ, ଯାହାର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ବିଜୟୀ ହେବା ପରେ ଏକ ସାକ୍ଷାତ୍‌କାରରେ ବ୍ରେଣ୍ଡନ କହିଛନ୍ତି, ଗତବର୍ଷ ମଧ୍ୟ ବାର୍ଷିକ କଖାରୁ ଓଜନ ପ୍ରତିଯୋଗିତାରେ ସେ ଜିତିବା ସ୍ଥିତିରେ ଥିଲେ। ତେବେ ସେ ଅଳ୍ପକେ ବିଜୟୀ ହେବାରୁ ବଞ୍ଚିତ ହୋଇଥିଲେ। ବୈଦ୍ୟୁତିକ ଯାନ ନିର୍ମାତା ରିଭିଆନ୍ ଅଟୋମେଟିଭ୍‌ର ମ୍ୟାନୁଫ୍ୟାକ୍ଚରିଂ ଇଞ୍ଜିନିୟର ଥିବା ବ୍ରେଣ୍ଡନ କହିଛନ୍ତି, ଏହି ବିଶାଳ କଖାରୁ ଫଳାଇବା ପାଇଁ ତାଙ୍କୁ ପ୍ରାୟ ୫ ବର୍ଷ ସମୟ ଲାଗିଥିଲା। ସବୁଠାରୁ ବଡ଼ କଖାରୁ ପ୍ରଦର୍ଶନ କରିଥିବାରୁ ବ୍ରେଣ୍ଡନଙ୍କୁ ଚାମ୍ପିୟନ ଆଖ୍ୟା ଦିଆଯାଇ ୨୦ ହଜାର ଡଲାର (ପ୍ରାୟ ୧୭ ଲକ୍ଷ ୭୫ ହଜାର ଟଙ୍କା)ର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଗତବର୍ଷ ଏହି ପ୍ରତିଯୋଗିତାରେ ବ୍ରେଣ୍ଡନଙ୍କ କଖାରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଆମେରିକାର ମିନେସୋଟାସ୍ଥିତ ଉଦ୍ୟାନ କୃଷି ଶିକ୍ଷକ ଟ୍ରାଭିସ୍ ଜିଞ୍ଜର ୨,୪୭୧ ପାଉଣ୍ଡ (୧,୧୨୧ କେ.ଜି)ର କଖାରୁ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲେ।




Visit us in **RAYGADA**: JK Road, Raygada - Ajit Motors, 9289922819



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ –୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ଏକାଦଶ ଅବଦାନ ନାଟକ ସଳିତା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।
- ଅସୀମ ବାସୁ ଫାଉଣ୍ଡେଶନ୍ ପକ୍ଷରୁ ନାଟକ 'ନୋ ଏକ୍ସପାୟାରୀ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**

- ଅବଦୁଲ କଲାମଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ରୋମି, ପୋଲିସ ଲାଇନ୍ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦିବ୍ୟାଙ୍ଗ ଖେଳାଳିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣରେଖାରୁ ବେଆଇନ ବାଲି ଉତ୍ତୋଳନ ବିରୋଧରେ ବୈଠକ, ସ୍ଥାନ: ବାଇଗଣବାଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**

- ଜିଲା ପରିଷଦ ବୈଠକ, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ : ପୂର୍ବାହ୍ନ ୧୦ଟା।
- ତରାପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ପୋଡ଼ାପାଟଣାସ୍ଥିତ ସରକାରୀ ଉ.ପ୍ରା. ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନିଳୋକ ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମତୋ ଡିଗ୍ରୀ କଲେଜ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ବିଜୟ ମିଶ୍ରଙ୍କ ସ୍ମୃତିସଭା, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**

- ବିଶ୍ୱ ହାତଧୁଆ ଦିବସ ପାଳନ, ସ୍ଥାନ: ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**

- ଜିଲା ପରିଷଦ ବୈଠକ,ସ୍ଥାନ:ଜିଲାପରିଷଦ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା
- ୯ମ ଦିଶା ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା,ସମୟ: ଅପରାହ୍ନ ୩ଟା।
- ନାଟକ 'ଇତି ଯେବେ ହସେ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**

- ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଚେତନତା ଅଭିଯାନ, ସ୍ଥାନ: ଆଇଟିଆଇ ଅଡିଟୋରିୟମ ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଏପିଜେ ଅବଦୁଲ କାଲାମଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ସିଟି ହାଇସ୍କୁଲ ବ୍ରହ୍ମପୁର, ସମୟ ପୂର୍ବାହ୍ନ ୧୦ ଟା।

**କନ୍ଧମାଳ**

- ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କନ୍ଧମାଳ ଷ୍ଟାଡିୟମ ଫୁଲବାଣୀ, ସମୟ: ସକାଳ ୮ ଟା।
- କନ୍ଧମାଳ ମିଳିତ ମଞ୍ଚର ପ୍ରତିବାଦ ଶୋଭାଯାତ୍ରା, ସ୍ଥାନ: ଫୁଲବାଣୀ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**

- ମିଳିତ ଭସାଣି ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ମୀନାବଜାର ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ନୋବେଲ ବ୍ୟାଖ୍ୟାନମାଳା ଶୀର୍ଷକ ସେମିନାର, ସ୍ଥାନ: ନିଗମାନନ୍ଦ ହାଇସ୍କୁଲ, ମହୁଲପାଳ, କାମାକ୍ଷାନଗର, ସମୟ: ଅପରାହ୍ନ ୨ଟା।

**ଅନୁଗୋଳ**

- ମା' ଗଜଲକ୍ଷ୍ମୀଙ୍କ ମେଳଣ ଉତ୍ସବ, ଆତସବାଜି ପ୍ରଦର୍ଶନ ଓ ଆଙ୍କାଲଡୁ ନିଲାମ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**

- ଭାଗବତ ପରିବାର ପକ୍ଷରୁ ୭ଦିନିଆ ଜଗନ୍ନାଥ ପ୍ରବଚନ ଓ ଭାଗବତ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ: ଭାଗବତ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**

- ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ: ଗୋଗୁଆ ଛକ, କେନ୍ଦ୍ରାପଡ଼ା, ମାର୍କେଟ ଛକ, ମାର୍ଶାଘାଇ, ସମୟ: ସକାଳ ୮ଟା।
- ମା' ଗଜଲକ୍ଷ୍ମୀଙ୍କ ଭସାଣ ଉତ୍ସବ, ସ୍ଥାନ: ଚାନ୍ଦୋଳ ବଜାର, ଡେରାବିଶ, ସମୟ: ଅପରାହ୍ନ ୩ଟା।

**ଯାଜପୁର**

- ଶହୀଦ ଭଗତସିଂ ଯୁବକ ସଂଘ ପକ୍ଷରୁ ବିଶ୍ୱ ଧଳାବାଡି ଦିବସ ପାଳନ, ସ୍ଥାନ : ଯାଜପୁର ରୋଡ ବ୍ୟାସଦେବ ଟାଉନ ହଲ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ରାଜସ୍ୱ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଅଣ୍ଡର ଟ୍ରାଏଲ ପ୍ରିଜନର୍ସ ରିଭ୍ୟୁ କମିଟି ମିଟିଂ, ସ୍ଥାନ : ଜିଲା ଜଜଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ଟା।
- ଡାଇଲେସିସ୍ ସେଣ୍ଟର ସଂକ୍ରାନ୍ତରେ ପ୍ରେଜେଣ୍ଟେସନ ପ୍ରୋଗ୍ରାମ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ଟା।

**ନୟାଗଡ଼**

- ସତ୍ୟସାଇ ବାବାଙ୍କ ଦବ୍ୟପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ରାମଚନ୍ଦ୍ରପୁର, ସରପଡା, ମର୍ଦ୍ଧରାଜପୁର, ବଡପଣ୍ଡୁସର, ସାନପଣ୍ଡୁସର, ନାରାୟଣୀପଡା ଓ ଚମ୍ପତିପୁର, ସମୟ: ସକାଳ ୮ଟାରୁ ରାତି ୯.୩୦ ।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଉପରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଓଡଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ କଳା ଉତ୍ସବ, ସ୍ଥାନ: ନୟାଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ଅପରାହ୍ନ ୩ଟା ।
- ମାଗଣା କୃତ୍ରିମ ଅଙ୍ଗ ପ୍ରତିସ୍ଥାପନ ଶିବିର ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ରୋଟାରୀ କ୍ଲବ ନୟାଗଡ, ସମୟ: ଅପରାହ୍ନ ୪ଟା ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୬ଷ୍ଠ ଦିବସରେ ବାଲ୍ମୀକି ସମ୍ବାଦ, ଦଶରଥଙ୍କ ମହାପ୍ରୟାଣ, ଭରତଙ୍କ ଚିତ୍ରକୁଟ ଗମନ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୬ଷ୍ଠ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା ।

**ରାୟଗଡ଼ା**

- ପୋଷଣ ମାହ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ମିଶନ ଶକ୍ତି ଭବନ, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା।

**ନବରଙ୍ଗପୁର**

- ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ଉମରକୋଟ ବେହେଡ଼ାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମାଁ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ ରେଲି ସାହି, ସମୟ: ଅପରାହ୍ନ ୫ଟା।
- ପ୍ରବଚକ କେଶବ ଦାସ ଦ୍ୱୀତିକୃଷ୍ଣଙ୍କ ଶେଷଦିନ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୭ଟା।

**କୋରାପୁଟ**

- ଅନୁସୂଚିତ ଜାତି ଓ ଜନଜାତି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ମୁଖ୍ୟ ଟ୍ରାଫିକ ଛକ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ସ୍କୁଲ ଛକ ସ୍ଥିତ ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି, ସମୟ: ସକାଳ ୯ଟା।
- ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଧନୁପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର କମଲି ବଜାର ସ୍ଥିତ ଗାୟତ୍ରୀ ପୀଠ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ନ ୧୧ଟା।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନର ରାବଣ ବଧ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**

- ବଲାଙ୍ଗୀର ଜିଲା ସରପଞ୍ଚ ମହାସଂଘ ତୃତୀୟ ବାର୍ଷିକ ସମ୍ମିଳନୀ, ସ୍ଥାନ: ମୀନା ଟେଷ୍ଟହାଉସ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

**ରାଉରକେଲା**

- ଶ୍ରୀଧର ସ୍ମୃତିଜ୍ଞାନ ବିକାଶ କେନ୍ଦ୍ରର ମାସିକ ସାହିତ୍ୟ ଆସର, ସ୍ଥାନ: ପଦ୍ମାବତୀ ମେମୋରିଆଲ ହଲ, ଜେଲ୍ ରୋଡ୍, ସମୟ: ଅପରାହ୍ନ ୫ଟା।
- ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ଇଂରାଜୀ ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ରାଉରକେଲା କ୍ଲବ, ସ୍ଥାନ: ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**

- ଭାରତ ମୁକ୍ତିମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ହାତଧୁଆ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଟେରଚାପଲା, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**

- ଜିଲାସ୍ତରୀୟ କଳା ଉତ୍ସବ, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ,ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ନବୀନ ବରଣ ସମାରୋହ ୨୦୨୫, ସ୍ଥାନ: ଦେବଗଡ଼ ମହାବିଦ୍ୟାଳୟ ଦେବଗଡ଼, ସମୟ:ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ:ଦେବଗଡ଼ ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ:ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**


- ଗଜଲକ୍ଷ୍ମୀ ପୂଜାର ପୂର୍ଣ୍ଣାହୁତି ଓ ଭସାଣି ଉତ୍ସବ, ସ୍ଥାନ: ବିନିକା କୁହ୍ମାପଡା, ସମୟ: ସକାଳ ୮ଟାରୁ।
- ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନୂଆପଡ଼ା**

- ଗିରିଗୋବର୍ଦ୍ଧନ ପୂଜା ପାଇଁ ମାଟି ଅନୁକୂଳ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ୮ତମ ମା' ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି ଓ ଭଷାଣି ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ କିରକିଟା ଗାଁ, ସମୟ: ସକାଳ ୯ଟା।

# ଶ୍ରୀମନ୍ଦିରକୁ ସମ୍ପୂର୍ଣ୍ଣ ବାରଣ ହେବ ମୋବାଇଲ୍

**ପୁରୀ,୧୪।୧୦(ଅଜିତ୍ କୁମାର ମହାନ୍ତି)**



ଶ୍ରୀମନ୍ଦିରକୁ ମୋବାଇଲ୍ ସମ୍ପୂର୍ଣ୍ଣ ବାରଣ ହେବ। ପୋଲିସ ଓ ସେବାୟତ କେହି ବି ମୋବାଇଲ୍ ନେଇପାରିବେନି। ଆଗକୁ ୱାକିଟକି ବ୍ୟବସ୍ଥା ହେବ ବୋଲି ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକରେ ସୁରକ୍ଷା ସବ୍‌କମିଟିର ଅଧ୍ୟକ୍ଷ ଗିରୀଶ୍ ଚନ୍ଦ୍ର ମୁର୍ମୁ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇବା ପାଇଁ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକ ମଙ୍ଗଳବାର ସ୍ଥାନୀୟ ନୀଳାଦ୍ରି ଭକ୍ତନିବାସ ପରିସରରେ ଅଧ୍ୟକ୍ଷ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କିଭଳି ଆହୁରି ଅଧିକ କଡ଼ାକଡ଼ି କରାଯାଇପାରିବ, ସେନେଇ ବୈଠକରେ ଆଲୋଚନା କରାଯାଇଛି।

ବୈଠକରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ବରିଷ୍ଠ ଅଧିକାରୀ, ସୁରକ୍ଷା ଅଧିକାରୀ, ଏସ୍‌ପି, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସବ୍‌କମିଟିର ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ମୁର୍ମୁ କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା କିଭଳି ଆହୁରି ବୃଦ୍ଧି କରିହେବ ସେନେଇ ମଙ୍ଗଳବାର ବୈଠକରେ ଆଲୋଚନା ହେବା ସହ ବିଭିନ୍ନ ପ୍ରସଙ୍ଗରେ ମତ ନିଆଯାଇଛି। ଶ୍ରୀମନ୍ଦିରର ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ପାଇଁ କେତେ ଅର୍ଥ ଆବଶ୍ୟକ ରହିଛି, କେତେଶୀଘ୍ର ଏହାକୁ କାର୍ଯ୍ୟକାରୀ କରିହେବ ସେନେଇ ଆଲୋଚନା କରାଯାଇଛି। ଅପରପକ୍ଷେ ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରାଯାଇଥିବା ବେଳେ ଶ୍ରୀମନ୍ଦିର ଉପରକୁ ଡ୍ରୋନ୍ ଆସିଲେ କିଭଳି ତାକୁ ଚିହ୍ନଟକରି ଅକାମୀ କରିହେବ, କିଭଳି ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି ତାହାର ବ୍ୟବସ୍ଥା କରାଯିବ।

## ■ ୱାକିଟକି ବ୍ୟବସ୍ଥା କରାଯିବ: ଗିରୀଶ୍ ମୁର୍ମୁ

ଏପରିକି କାର୍ଯ୍ୟରତ ପୋଲିସ ଓ ସେବାୟତମାନେ ଶ୍ରୀମନ୍ଦିରକୁ ମୋବାଇଲ୍ ନେଇପାରିବେନାହିଁ ବୋଲି ନିଷ୍ପତ୍ତି ହୋଇଛି। ସେଥିପାଇଁ ୱାକିଟକିର ବ୍ୟବସ୍ଥା କରାଯିବ ବୋଲି ଅଧ୍ୟକ୍ଷ ମୁର୍ମୁ କହିଛନ୍ତି।

ଏନେଇ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ ସୂଚନା ଦେଇଛନ୍ତି ଯେ, ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ଗୋଟିଏ ଟିମ୍ ତିରୁପତି ମନ୍ଦିର ସହ ଅନ୍ୟାନ୍ୟ ମନ୍ଦିର ଆଦି ଯାଇ ସୁରକ୍ଷା ବ୍ୟବସ୍ଥାକୁ ଦେଖି ଆସିବା ପରେ ଏଠାରେ ସେଭଳି ବ୍ୟବସ୍ଥା କରାଯିବ। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ପକ୍ଷରୁ କରାଯାଇଥିଲା। ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯିବା ସହ ସୁରକ୍ଷାକୁ ନେଇ ଲୋକଙ୍କୁ ସଚେତନ କରାଇବା ଦିଗରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯଥେଷ୍ଟ ସିସିଟିଭି କାମେରା ଲାଗିବା ଉଚିତ। ଡାଟା ସୁରକ୍ଷା ପାଇଁ ଯୋଜନା କରାଯାଉଛି ବୋଲି ମହାପାତ୍ର କହିଛନ୍ତି। ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସୁରକ୍ଷା ସବ୍‌କମିଟିର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ୪ଟି ଭାଗରେ ସୁରକ୍ଷା ବ୍ୟବସ୍ଥାକୁ ବିଭକ୍ତ କରାଯାଇ ବିସ୍ତୃତ ଆଲୋଚନା ହୋଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯିବାକୁ କୁହାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଏଆଇ କ୍ୟାମେରା ଲଗାଯାଇ ଭିଡ଼ ନିୟନ୍ତ୍ରଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶ୍ରୀମନ୍ଦିର ବାହାର ଓ ଭିତରର ସୁରକ୍ଷା ପରିଚାଳନା ନେଇ ଆଲୋଚନା କରାଯାଇଛି। ବାହାରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ଅଧିକ ବଡି କ୍ୟାମେରା ବ୍ୟବହାର ସହ ୱାକିଟକି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଓ ଘରୋଇ ସୁରକ୍ଷାକର୍ମୀଙ୍କୁ ଅଧିକ ପ୍ରଶିକ୍ଷଣ ଦିଆଯିବ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ କ୍ୱିକ୍ ରେସ୍‌ପନ୍ସ ଟିମ୍ ରହିବେ। ସୁରକ୍ଷା ଟେକ୍ନୋଲୋଜିକୁ ଯେପରି ଆହୁରି ଆଧୁନିକୀକରଣ କରାଯାଇପାରିବ, ସେନେଇ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ସିଂ କହିଛନ୍ତି। ବୈଠକ ପରେ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନେ ଶ୍ରୀମନ୍ଦିର ନିକଟକୁ ଯିବା ସହ ମନ୍ଦିର ନିକଟରେ ଥିବା କଣ୍ଟ୍ରୋଲ୍ ରୁମ୍‌କୁ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଦର ନ ଥାଇ ଯେଉଁ ଭୋଜନ**
**ନିଶ୍ଚିନ୍ତ ନ ହୋଇ ଯେଉଁ ଶୟନ**
**ଚିତ୍ତ ଥୟ ନାହିଁ ଯେଉଁ ଭଜନ**
**ବୋଲେ ଦନାଇ ଏ ଅତି ହୀନିମାନ ।**

ନିମନ୍ତ୍ରିତ ଭୋଜନରେ ଆଦର ଭାବ ନ ଥିଲେ ସେଭଳି ଭୋଜନରେ ତୃପ୍ତି ମିଳି ନ ଥାଏ। ଶୋଇଲା ବେଳେ ଚିନ୍ତା ଶୂନ୍ୟ ନ ହେଲେ ସୁନିଦ୍ରା ଆସି ନ ଥାଏ। ଠିକ ସେହିପରି ଈଶ୍ୱରଙ୍କୁ ଆରାଧନା ବା ଭଜନ କଲାବେଳେ ଚିତ୍ତ ସ୍ଥିର ନ ଥିଲେ ସେଥିରେ କୌଣସି ସୁଫଳ ବା ପ୍ରଭୁକୃପା ମିଳିପାରି ନ ଥାଏ। ତେଣୁ ଏଭଳି ଅବସ୍ଥାମାନଙ୍କରେ କେବେବି ପ୍ରସନ୍ନତା ଉତ୍ପନ୍ନ ହୁଏନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଦ୍ର ପାଦ ହୋଇ ଭୁଞ୍ଜାଇ ଯେଉଁ ନର**
**ଶତେକ ବରଷ ଆୟୁ ବଢ଼ଇ ତାହାର ।**

ହାତ ଗୋଡ଼ ଧୋଇ କରି ଭୋଜନ କରିବା ଉଚିତ୍ ହୋଇଥାଏ। ଓଦା ପାଦରେ ଭୋଜନ କରୁଥିବା ବ୍ୟକ୍ତି ଶତାୟୁ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ୫୧୦୦ ବୋତଲ କଫ୍ ସିରପ୍...

ଅଗ୍ରିମ ରାଶି ଅନୁସାରେ ବଣ୍ଟନ କରାଯିବାର ଥିଲା। ଏହି ରାକେଟ୍‌ରେ ଆହୁରି ଅନେକ ସାମିଲ ଥିବା ଅନୁମାନ କରାଯାଉଛି। ପଚରାଉଚରା ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ଅନୁସାରେ ସେମାନେ ଏଠାରୁ ଭଡ଼ାସୂତ୍ରରେ ଗାଡ଼ି ନେଇ କଟକ ଯାଇଥିଲେ। ସେଠାରେ ପହଞ୍ଚିଲା ପରେ ନିୟମିତ ପ୍ରକ୍ରିୟା ଅନୁସାରେ ଅନ୍ୟ ଏକ ଚାଳକ ଗାଡ଼ିକୁ ନେଇ ଅଜ୍ଞାତ ସ୍ଥାନରେ ଥିବା ଗୋଦାମରେ କଫ୍ ସିରପ୍‌କୁ ବୋଝେଇ କରିଥିଲେ। ଏହାବାଦ ସେ କଫ୍ ସିରପ୍ ବୋଝେଇ ଗାଡ଼ିକୁ ଆଣି ପୂର୍ବ ଚାଳକଙ୍କୁ ହସ୍ତାନ୍ତର କରିଥିଲେ। ନିଶା କଫ୍ ସିରପ୍ ନେଇ ଅଭିଯୁକ୍ତମାନେ ସେଗୁଡ଼ିକୁ ଚୋରାରେ ସମ୍ବଲପୁର ଚାଲାଣ କରୁଥିଲେ। କୋଲକାତା ଓ ରାୟପୁରରୁ ନିଶା କଫ୍ ସିରପ୍‌କୁ ଚୋରାରେ ଚାଲାଣ କରି ଏହି କାରବାରର କିଙ୍ଗପିନ୍ ଏହାକୁ ଅଜ୍ଞାତ ସ୍ଥାନରେ ଗଚ୍ଛିତ ରଖି ବେଆଇନ ଭାବେ ବିକ୍ରୟ କରନ୍ତି। ତେବେ କିଙ୍ଗପିନ୍‌ଙ୍କ ନିକଟରେ ପହଞ୍ଚିବାକୁ ପୋଲିସ ପ୍ରୟାସ ଜାରି ରଖିଛି ବୋଲି ଏସ୍‌ପି ଭାମୁ କହିଛନ୍ତି।

# ଘାତକ କଫ୍ ସିରପ୍ ଲେଖିବା ପାଇଁ ଡାକ୍ତର ପାଉଥିଲେ ୧୦% କମିଶନ

**ଭୋପାଳ,୧୪।୧୦**

ତାମିଲନାଡୁର ସ୍ରେସାନ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ ପ୍ରସ୍ତୁତ କୋଲ୍ଡ୍ରିଫ୍ କଫ୍ ସିରପ୍ ପିଇ କେବଳ ମଧ୍ୟପ୍ରଦେଶରେ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ଏହି ଘଟଣାରେ ପୋଲିସ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପ୍ରବୀନ୍ ସୋନିଙ୍କୁ ଗିରଫ କରିଥିଲା। ପାରାସିଆର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ହୋଇଥିବା ଡା. ସୋନି ଏହି ଘାତକ କଫ୍ ସିରପ୍ ଲେଖିବା ପାଇଁ କମ୍ପାନୀଠାରୁ ବୋତଲ ପିଛା ୨ ଟଙ୍କା ୫୪ ପଇସା ପାଉଥିଲେ। କୋଲ୍ଡ୍ରିଫ୍ ସିରପ୍ ୨୪ ଟଙ୍କା ୫୪ ପଇସାରେ ବିକ୍ରି ହେଉଥିବାବେଳେ ଡାକ୍ତରଙ୍କୁ ପ୍ରାୟ ୧୦ ପ୍ରତିଶତ କମିଶନ ମିଳୁଥିଲା ବୋଲି ସେ ଜେରା ବେଳେ ତଦନ୍ତକାରୀ ଅଫିସରଙ୍କ ନିକଟରେ ସ୍ୱୀକାର କରିଛନ୍ତି। ଡାକ୍ତର କ୍ରମାଗତ ଭାବେ ଏହି ସିରପ୍ ଲେଖିଚାଲିଥିଲେ। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଫ୍ ସିରପ୍ ପିଇ ଶିଶୁମାନଙ୍କ ମୃତ୍ୟୁ ଘଟିବା ପରେ ଏହାର ବିକ୍ରିକୁ ବିଭିନ୍ନ ରାଜ୍ୟରେ ବ୍ୟାନ୍ କରାଯିବା ସହ କମ୍ପାନୀର ଲାଇସେନ୍ସ ରଦ୍ଦ କରାଯାଇଛି। କମିଶନ ଗ୍ରହଣ କରୁଥିବା ସମ୍ପର୍କରେ ପୋଲିସ ଅଦାଲତଙ୍କୁ ଜଣାଇବା ପରେ ମଧ୍ୟପ୍ରଦେଶର ଏକ ଜିଲା କୋର୍ଟ ଡା. ସୋନିଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସ ମନଗଢ଼ା କାହାଣୀ ସୃଷ୍ଟି କରିଛି, ଯାହା ଆଇନ ଅନୁଯାୟୀ ମୂଲ୍ୟହୀନ। ଡା. ସୋନିଙ୍କ ବିରୋଧରେ ପ୍ରତ୍ୟକ୍ଷ ପ୍ରମାଣ ନ ଥିବା ତାଙ୍କ ଓକିଲ ପଵନ ଶୁକ୍ଳା କୋର୍ଟଙ୍କୁ କହିଥିଲେ।

କୋଲ୍ଡ୍ରିଫ୍‌କଫ୍‌ସିରପ୍‌ରେ ବିଷାକ୍ତ ଡାଇଇଥାଇଲିନ୍ ଗ୍ଲିକୋଲ ନାମକ ରାସାୟନିକ ରହିଛି, ଯାହା ପିଲାଙ୍କ କିଡ୍‌ନୀକୁ ଅକାମୀ କରିଦେଉଥିଲା। ଏହି ବିପଦ ସମ୍ପର୍କରେ ଜାଣି ମଧ୍ୟ ଡା. ସୋନି ଉକ୍ତ ସିରପ୍ ଲେଖିଚାଲିଥିଲେ। ଡାକ୍ତର ସୋନିଙ୍କ ସମେତ ସ୍ରେସାନ ଫାର୍ମାସ୍ୟୁଟିକାଲ୍ସ ମାଲିକ ରଙ୍ଗନାଥନ୍ ପୋଲିସ ହାଜତରେ ରହିଥିବାବେଳେ ଉକ୍ତ କମ୍ପାନୀକୁ ବନ୍ଦ କରିଦେବାକୁ ତାମିଲନାଡୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କମ୍ପାନୀ ପରିସରରେ ଚଢ଼ାଉ କରିଛି।

## ଓଡ଼ିଶାରେ ୯୧୨...

ରିପୋର୍ଟ ଅନୁଯାୟୀ, ପଶ୍ଚିମଘାଟ ପର୍ବତମାଳାରେ ୧୧,୯୩୪ ବଣୁଆ ହାତୀ ରହିଥିବାବେଳେ ଉତ୍ତରପୂର୍ବ ପାହାଡ଼ ଅଞ୍ଚଳରେ ୬,୫୫୯ ହାତୀ ରହିଛନ୍ତି। ଗାଙ୍ଗେୟ ସମତଳ ଭୂମିରେ ୨,୦୬୨ ଏବଂ କେନ୍ଦ୍ରୀୟ ଭାରତ ଏବଂ ପୂର୍ବଘାଟ ଅଞ୍ଚଳରେ ୧,୮୯୧ ବଣୁଆ ହାତୀ ରହିଛନ୍ତି। ରାଜ୍ୟଗୁଡ଼ିକ ମଧ୍ୟରେ କର୍ଣ୍ଣାଟକରେ ସର୍ବାଧିକ ୬,୦୧୩ ବଣୁଆ ହାତୀ ରହିଛନ୍ତି। ଏହା ପଛକୁ ଆସାମରେ ୪,୧୫୯. ତାମିଲନାଡୁରେ ୩,୧୩୬, କେରଳରେ ୨,୭୮୫, ଉତ୍ତରାଖଣ୍ଡରେ ୧,୭୯୨, ଓଡ଼ିଶାରେ ୯୧୨, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ ସଂଯୁକ୍ତ ଭାବେ ୬୫୦ରୁ ଅଧିକ ବଣୁଆ ହାତୀ ରହିଛନ୍ତି। ଭୂମି ସର୍ଭେ, ସାଟେଲାଇଟ ଆଧାରିତ ମ୍ୟାପିଂ, ଆନୁବଂଶିକ ବିଶ୍ଳେଷଣକୁ ମିଶ୍ରଣକରି ଏକ ୩ ପର୍ଯ୍ୟାୟ ବିଶିଷ୍ଟ ପ୍ରକ୍ରିୟାରେ ଏହି ହାତୀ ଗଣନା କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବନ୍ଧୁଙ୍କ ସହାୟତାରେ ଅର୍ଥ ସାଙ୍ଗକୁ ପାରିବାରିକ ସୁଖ ସମ୍ମାନ ମଧ୍ୟ ମିଳିବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ବାଣିଜ୍ୟ ବ୍ୟବସାୟ, ପରିବହନ, ନିର୍ମାଣ, ଜମିଜମା, ଯାତ୍ରା ପ୍ରଭୃତିରେ ସଫଳତା ହାସଲ କରିବେ। କୌଣସି ସ୍ୱର୍ଣ୍ଣକାତର କଥାରେ ହସ୍ତକ୍ଷେପ କଲେ ମନସ୍ତାପ କରିବେ।

**ବୃଷ** – କର୍ମକ୍ଷେତ୍ରରେ ଆକସ୍ମିକ ଭାବରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସାମୟିକ ସହଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇବେ। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** – କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସଭାସମିତି, ସାହିତ୍ୟ କ୍ଷେତ୍ର ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବାଣିଜ୍ୟ, ବ୍ୟବସାୟ, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ପରିବାରର ଋଣଭାର କ୍ରମଶଃ ବୃଦ୍ଧି ପାଉଥିବାରୁ ଚିନ୍ତା କରିବେ।

**କର୍କଟ** – ଚେଷ୍ଟା କରୁଥିବା କାମ ହାସଲରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନର ଅଭାବ ରହିବ ନାହିଁ କିନ୍ତୁ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** – ନିଜ ତରଫରୁ କୌଣସି ଭୁଲ୍ ନ କଲେ ମଧ୍ୟ ମିଥ୍ୟାରୋପ ଲାଗିପାରେ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ତାହା ଟିକିଏ ବିଳମ୍ବରେ ପାଇବେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** – ସମସ୍ତ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହେବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଋଣ ସୂତ୍ରରେ ଅର୍ଥଲାଭ କରିବେ, ଅବଶ୍ୟ ବହୁତ ଫନ୍ଦିଫିକର କରିବା ପରେ ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ନାନାଦି କଥା କହିପାରନ୍ତି।

**ତୁଳା** – ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ କିନ୍ତୁ ଆଶାନୁରୂପ ଫଳ ପାଇବେ ନାହିଁ। ଯାତ୍ରା ସମୟରେ ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି। ଆଜି ଦିନଟିରେ ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା** – ପରିସ୍ଥିତି ଓ ପରିବେଶର ବିଷମତା ଫଳରେ କର୍ମ କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବାକୁ ବାଧ୍ୟ ହେବେ। ପ୍ରିୟଜନଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ପଛେଇ ଯାଇପାରନ୍ତି । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।


**ଧନୁ** – କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହୋଇପାରେ। କୌଣସି ଅସମର୍ଥିତ ସୂତ୍ରରୁ କୌଣସି ଖବର କିମ୍ବା ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର** – କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିଲେ ମଧ୍ୟ କାମ ହାସଲ କରିପାରିବେ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** – ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନର ରାସ୍ତା ଖୋଲିଯିବ। ଆର୍ଥିକ ଅନଟନ ଲାଗି ରହିବା ଦ୍ୱାରା କେତେକ କାମ ବାଧା ପ୍ରାପ୍ତ ହୋଇପାରେ। ପ୍ରଥମେ କାମଟି କରିସାରିବା ପରେ ଚିନ୍ତା କରି ମନସ୍ତାପ କରିବାକୁ ପଡ଼ିବ ।

**ମୀନ** – ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସଙ୍ଗକୁ ସୁନାମ ମଧ୍ୟ ଅର୍ଜନ କରିବେ। କଳା, ସାହିତ୍ୟ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

ଆଜି ଅକ୍ଟୋବର ୧୫ ତାରିଖ, ବିଶ୍ୱ ଛାତ୍ର ଦିବସ, ବିଶ୍ୱ ହାତଧୁଆ ଦିବସ, ଏ.ପି.ଜେ, ଅବ୍‌ଦୁଲ୍ କଲାମଙ୍କ ଜୟନ୍ତୀ, ଶିରିଡି ସାଇବାବାଙ୍କ ମହାପ୍ରୟାଣ ଦିବସ। କାର୍ତ୍ତିକ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର। ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ରାଶିନକ୍ଷତ୍ର–ଦିବା ଘ.୧୨.୦୧ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ସକାଳ ଘ.୦୫.୪୪ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୨ମି. ଗତେ ଘ.୧୨.୫୯ମ. ମଧ୍ୟେ ରାହୁକାଳ।




# ଏମ୍‌କେସିଜିରେ ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ବନ୍ଦ

ବ୍ରହ୍ମପୁର,୧୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)

## ଛାତ୍ରଙ୍କୁ ଆକ୍ରମଣ ଘଟଣାର ନିନ୍ଦା, ଦୁଃଖ ପ୍ରକାଶକଲେ ଡିନ୍


ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜରେ ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ବନ୍ଦ ହୋଇଛି।

ସୋମବାର ବିଳମ୍ବିତ ରାତିରେ କାର୍ଯ୍ୟକ୍ରମକୁ ଆସିଥିବା କଟକ ମେଡିକାଲ କଲେଜ ଛାତ୍ରଙ୍କୁ ସ୍ୱାଗତ କରିବା ସମୟରେ ଏମ୍‌କେସିଜିର କେତେଜଣ ଛାତ୍ର ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ଛାତ୍ରଙ୍କ ପକ୍ଷରୁ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଘଟଣା ସମ୍ପର୍କରେ ଖବରପାଇ ଏମ୍‌କେସିଜି ମେଡିକାଲ କଲେଜ ପ୍ରିନ୍ସିପାଲ ତଥା ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ ମଙ୍ଗଳବାର ଅପରାହ୍ନରେ ଜରୁରିକାଳୀନ କାଉନ୍‌ସିଲ ବୈଠକ ଡାକିଥିଲେ। ଏଭଳି ଘଟଣାକୁ ବୈଠକରେ ନିନ୍ଦା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟକ୍ରମକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ମେଡିକାଲ କଲେଜ ଛାତ୍ରଙ୍କୁ ଆକ୍ରମଣ ଘଟଣାରେ ଡିନ୍ ଦୁଃଖ ପ୍ରକାଶ କରିବା ସହ ଏଭଳି କାର୍ଯ୍ୟକଳାପ ଏମ୍‌କେସିଜି ମେଡିକାଲ କଲେଜର ଖ୍ୟାତି ଓ ଗରିମାକୁ କ୍ଷୁଣ୍ଣ କରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟକ୍ରମ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏହାକୁ ବନ୍ଦ କରାଯିବା ପ୍ରତିବାଦରେ ଏମ୍‌କେସିଜି ମେଡିକାଲ କଲେଜ ଛାତ୍ରମାନେ ଡିନ୍‌ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।



ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ବନ୍ଦ ସମ୍ପର୍କରେ ଡିନ୍ ସୂଚନା ଦେଉଛନ୍ତି।

ଗତ ୧୨ ତାରିଖରୁ ଏମ୍‌କେସିଜି ମେଡିକାଲ କଲେଜରେ ଇଣ୍ଟର ମେଡିକାଲ କଲେଜ ଫେଷ୍ଟ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟ କାର୍ଯ୍ୟକ୍ରମ ଆସନ୍ତା ୧୭ରୁ ୧୯ ଯାଏ ହେବାର ଥିଲା। ଏଥିରେ ଯୋଗଦେବାକୁ ରାଜ୍ୟର ୧୪ଟି ମେଡିକାଲ କଲେଜର ଛାତ୍ରମାନେ ଆସିଥିଲେ। ସୋମବାର ରାତି ୧ଟାରେ ବୁର୍ଲା ମେଡିକାଲ କଲେଜ ଛାତ୍ର ଏମ୍‌କେସିଜିରେ ପହଞ୍ଚିଥିଲେ। ସେ ସମୟରେ ଦୁଇ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଖବରପାଇ ଡିନ୍ ସେଠାରେ ପହଞ୍ଚିବା ବେଳକୁ ସ୍ଥିତି ସ୍ୱାଭାବିକ ରହିଥିବା ସେ ଜାଣିବାକୁ ପାଇଥିଲେ। ପରେ କଟକ ମେଡିକାଲ କଲେଜ ଛାତ୍ର ରାତି ସାଢ଼େ ୨ଟାରେ ପହଞ୍ଚିଥିଲେ। ସେମାନଙ୍କୁ ସ୍ୱାଗତ ବେଳେ ପଥର ମାଡ଼ କରାଯାଇଥିଲା, ଯାହାଫଳରେ କେତେଜଣ ଛାତ୍ର ଆହତ ହୋଇଥିଲେ। ଆହତ ଛାତ୍ରମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ କଟକ ଫେରିଯାଇଥିଲେ। ଏ ନେଇ କଟକ ମେଡିକାଲ କର୍ତ୍ତୃପକ୍ଷ ଏମ୍‌କେସିଜି ଡିନ୍‌ଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମ ବନ୍ଦ ହେବା ପରେ ଏଠାକୁ ଆସିଥିବା ସମସ୍ତ ଛାତ୍ରଙ୍କୁ ଫେରିଯିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ୨ ବର୍ଷ ତଳେ ବୁର୍ଲା ମେଡିକାଲ କଲେଜରେ ହୋଇଥିବା ଫେଷ୍ଟରେ ଭାଗନେବାକୁ ଯାଇଥିବା ଏମ୍‌କେସିଜିର ଛାତ୍ରଙ୍କୁ ସ୍ୱାଗତ ନାଁରେ ଆକ୍ରମଣ କରାଯାଇଥିଲା।







# ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ଭୁବନେଶ୍ୱର,୧୪।୧୦ (ରବିନାରାୟଣ ଜେନା)

- ୨ ଦିନରେ ୩୬୩ ଅଧିକାରୀଙ୍କ ବଦଳି
- ନୂଆପଡ଼ାର ବିଭିନ୍ନ ବ୍ଲକ୍‌କୁ ଏକାଧିକ ଅଧିକାରୀଙ୍କ ବଦଳି

ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ସୋମବାରଠାରୁ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଏହାପୂର୍ବରୁ ଚଳିତ ମାସ ୬ ତାରିଖରୁ ସମ୍ପୂର୍ଣ୍ଣ ନୂଆପଡ଼ା ଜିଲାରେ ଆଦର୍ଶ ଆଚରଣବିଧି(କୋଡ୍ ଅଫ୍ କଣ୍ଡକ୍ଟ) ଲାଗୁହୋଇଛି। ତେବେ ନୂଆପଡ଼ା ଜିଲାରେ ଉପନିର୍ବାଚନ ଲାଗି ଆଦର୍ଶ ଆଚରଣବିଧି ବଳବତ୍ତର ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଉକ୍ତ ଜିଲାରେ ସଂଖ୍ୟାଧିକ ଭେଟେରିନାରି ଓ ଫିଶେରି ସେବା ବର୍ଗର ଅଧିକାରୀଙ୍କୁ ବଦଳି କରାଯାଇଛି, ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଅକ୍ଟୋବର ୧୩ ଏବଂ ୧୪ ଦୁଇଦିନରେ ୩୬୩ ଜଣ ଭେଟେରିନାରି ଓ ଫିଶେରି ଅଧିକାରୀଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବଦଳି କରାଯାଇ ଜଣଙ୍କୁ ପଦୋନ୍ନତି ଦିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ, କେବଳ ୧୪ ତାରିଖରେ ୨ଟି ପର୍ଯ୍ୟାୟରେ ୨୧୮ ଜଣ ଓଭିଏସ୍ ଅଧିକାରୀଙ୍କ ବଦଳି ହୋଇଛି। ୧୭୧ ଜଣିଆ ବିଜ୍ଞପ୍ତିରେ ୨ ଅଧିକାରୀଙ୍କୁ ନୂଆପଡ଼ାରେ ନିଯୁକ୍ତ କରାଯାଇଥିବାବେଳେ ଅନ୍ୟ ୨ ଅଧିକାରୀଙ୍କୁ ନୂଆପଡ଼ାରୁ ଅନ୍ୟତ୍ର ବଦଳି କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ନୂଆପଡ଼ା ଜିଲା ଖରିଆର ବ୍ଲକ୍‌ରେ କାର୍ଯ୍ୟରତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ଡ. ଶିବାନୀ ସୋନିଙ୍କୁ କଟକ, ବକ୍ସିବଜାର ଭିଏଏସ୍ ରେଫରାଲ ହସ୍ପିଟାଲକୁ ବଦଳି କରାଯାଇଥିବାବେଳେ ବଲାଙ୍ଗୀର ବଙ୍ଗମୁଣ୍ଡାରୁ ଭିଏଏସ୍ ଡ. ସତ୍ୟବ୍ରତ ପରିଡ଼ାଙ୍କୁ ନୂଆପଡ଼ା ଭିଏଏସ୍(ଏମ୍‌ଭିୟୁ), ପୁରୀ ଜିଲା ଗୋପର ଭିଏଏସ୍ ଡ. ସାଗର ସାହୁଙ୍କୁ କୋମନା ବ୍ଲକର ଏଭିଏଏସ୍ ଭାବେ ଏବଂ ନୂଆପଡ଼ା କୋମନା ବ୍ଲକରେ ଥିବା ଡ. ପ୍ରତିଭା ମାଝୀଙ୍କୁ କଳାହାଣ୍ଡି ଏମ୍. ରାମପୁରକୁ ଏଭିଏଏସ୍ ଭାବେ ବଦଳି କରାଯାଇଛି। ଏହାବାଦ୍ ଗତ ୧୩ ତାରିଖରେ ହୋଇଥିବା ଆସିଷ୍ଟାଣ୍ଟ ଫିଶେରି ଅଫିସରଙ୍କ ୯୮ ଜଣିଆ ବଦଳି ବିଜ୍ଞପ୍ତିରେ ବିଜୟ କୁମାର ମାଝୀଙ୍କୁ ନବରଙ୍ଗପୁରରୁ ନୂଆପଡ଼ା ଖରିଆର ଫିଶ୍ ଫାର୍ମକୁ ବଦଳି କରାଯାଇଥିବାବେଳେ ଖରିଆର ଫିଶ୍ ଫାର୍ମରେ ଥିବା ଭବାନୀ ଶଙ୍କର ପଣ୍ଡାଙ୍କୁ କଳାହାଣ୍ଡି ଜିଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ୧୩ରେ ବରିଷ୍ଠ ଓଭିଏସ୍ ଡ. ଶମ୍ଭୁ ପ୍ରସାଦ ସାହୁଙ୍କୁ ବଲାଙ୍ଗୀର ଦେଓଗାଁରୁ ନୂଆପଡ଼ା ଏଡିଭିଓ(ଡିସି) ଭାବେ, ବାଲେଶ୍ୱର ଏସ୍‌ଡିଭିଓ ଡ. ଶୁଖେନ୍ଦୁ ରାୟଙ୍କୁ ନୂଆପଡ଼ା ସିଡିଭିଓ ଭାବେ ବଦଳି କରାଯାଇଛି।

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ କେଉଁ ପରିପ୍ରେକ୍ଷୀରେ ଏତେସଂଖ୍ୟକ ମତ୍ସ୍ୟ ଓ ଭେଟେରିନାରି ଅଧିକାରୀଙ୍କୁ ବଦଳି କରାଯାଇଛି, ତାକୁ ନେଇ ନିଜସ୍ୱ ବିଭାଗର କେତେଜଣ ଅଧିକାରୀ ପ୍ରଶ୍ନ ଉଠାଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ପ୍ରମୁଖ ସଚିବ ସୁରେଶ ବଶିଷ୍ଠଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଏହା ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶର ଅବମାନନା କରୁଛି। କାର୍ଯ୍ୟାଳୟ ପକ୍ଷରୁ ଖୁବ୍‌ଶୀଘ୍ର ଏନେଇ ଅବଗତ କରାଯିବ।

# ଜୟ ହୋଇପାରନ୍ତି ଭାଜପା ପ୍ରାର୍ଥୀ, ୧୬ରେ ନାମାଙ୍କନ

ଭୁବନେଶ୍ୱର,୧୪।୧୦(ସୁନିତ୍ ମିଶ୍ର)

- ନାମାଙ୍କନ ବେଳେ ଯୋଗଦେବେ ମୁଖ୍ୟମନ୍ତ୍ରୀ, ମନମୋହନ, ଦଳର ସବୁ ଏମ୍‌ପି
- ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସାମିଲ ହେବେ ୨ ହଜାର ବିଜେଡି, କଂଗ୍ରେସ କର୍ମୀ

ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାର ପ୍ରାର୍ଥୀ ହେବେ। ଖୁବ୍‌ଶୀଘ୍ର ଜୟଙ୍କ ପ୍ରାର୍ଥିତ୍ୱ ନେଇ ଆନୁଷ୍ଠାନିକ ଘୋଷଣା ହୋଇଯାଇପାରେ ବୋଲି ଭାଜପା ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁଜିତ କହିଛନ୍ତି, ଆସନ୍ତା ୧୬ ତାରିଖରେ ଭାଜପା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ। ନାମାଙ୍କନପତ୍ର ଦାଖଲ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଦଳର ସମସ୍ତ ଏମ୍‌ପି ଏବଂ କେତେଜଣ ମନ୍ତ୍ରୀ ଓ ବିଧାୟକ ସେଠାରେ ଯୋଗଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବିଶାଳ ସମାବେଶ କରିବେ। ବିଜେଡି ଏବଂ କଂଗ୍ରେସର ୨ ହଜାରରୁ ଅଧିକ କର୍ମୀ ସେହି ସମୟରେ ଭାଜପାରେ ସାମିଲ ହେବେ। ତେବେ ଦଳର ଅନ୍ୟ ଆଶାୟୀମାନେ ଅସନ୍ତୁଷ୍ଟ ହେବା କଥା ନେଇ ସୁଜିତ କହିଛନ୍ତି, ଭାଜପାରେ ଯେଉଁମାନେ ଅଫିସିଆଲ ପ୍ରାର୍ଥୀ ହୁଅନ୍ତି ତାଙ୍କ ପାଇଁ ସମସ୍ତେ ଏକଜୁଟ୍ ହୋଇ କାମ କରନ୍ତି। ଦଳ ସର୍ଭେକରି ଅନେକ ଜଣଙ୍କ ମତାମତ ନେଇ ପ୍ରାର୍ଥୀ ଦେଇଥାଏ। ଦେଶର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ଚୟନ ନେଇ ଭାଜପାର ବ୍ୟବସ୍ଥା କଥା ସମସ୍ତେ ଦେଖିଥିବେ ବୋଲି ସୁଜିତ କହିଛନ୍ତି।

ସୂଚନାଯୋଗ୍ୟ, ନୂଆପଡ଼ା ବିଧାନସଭା ଆସନ ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେଡି ହାତରେ ରହିଥିଲା। ବିଜେଡି ପ୍ରାର୍ଥୀ ଭାବେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ସେଠାରୁ ପ୍ରାର୍ଥୀ ହୋଇଥିଲେ। ହେଲେ ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଏହି ଆସନରେ ଆସନ୍ତା ୧୧ ତାରିଖରେ ଉପନିର୍ବାଚନ ହେବାକୁ ଯାଉଛି। ହେଲେ ଏହା ପୂର୍ବରୁ ଢୋଲକିଆଙ୍କ ପୁଅ ଜୟ ବିଜେଡି ଛାଡ଼ି ଭାଜପା ସହ ମିଶି ସାରିଛନ୍ତି। ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ଢୋଲକିଆଙ୍କ ପରିବାରରୁ ପ୍ରାର୍ଥୀ ଦେଇ ଅନୁକମ୍ପାମୂଳକ ଭୋଟ ହାତେଇ ବିଜେଡି ସେଠାରେ ଉପନିର୍ବାଚନ ବୈତରଣୀ ପାର୍ ହୋଇଯିବ ବୋଲି ଚିନ୍ତା କରୁଥିଲା। ହେଲେ ପରବର୍ତ୍ତୀ ସମୟରେ ରାଜନୈତିକ ଗଣିତରେ ବଡ଼ ପରିବର୍ତ୍ତନ ଦେଖାଦେଇଛି।

## ଖୋର୍ଦ୍ଧାରୁ ୩ ନାବାଳକଙ୍କ ସହ ଜଣେ ନାବାଳିକା ଉଦ୍ଧାର

ଜଳେଶ୍ୱର,୧୪।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ପୋଲିସ ଖୋର୍ଦ୍ଧାର ଏକ ଘରୁ ୩ ନାବାଳକଙ୍କ ସହ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ଏହି ୪ ନାବାଳକ ଓ ନାବାଳିକା ଏବେ ଜଳେଶ୍ୱର ପୋଲିସ ହେପାଜତରେ ଅଛନ୍ତି।

ଜଳେଶ୍ୱର ଅଞ୍ଚଳର ଜଣେ ନାବାଳିକଙ୍କ ସହ ଅନ୍ୟ ଜଣେ ନାବାଳକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି। ଶନିବାର ନାବାଳିକା ଜଣକ ସେହି ନାବାଳକଙ୍କ ସହ ଫୋନ୍‌ରେ କଥା ହେଉଥିବା ପରିବାର ଲୋକେ ଜାଣିବା ପରେ ତାଙ୍କୁ ଆକଟ କରିଥିଲେ। ପରେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ନାବାଳକ ଓ ତାଙ୍କର ଅନ୍ୟ ଦୁଇ ନାବାଳକ ସହଯୋଗୀ ଅପହରଣ କରି ନେଇଥିବା ନାବାଳିକାଙ୍କ ମା’ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ୍ ନାବାଳକଙ୍କ ମୋବାଇଲକୁ ଟ୍ରାକିଂ କରି ସୋମବାର ଖୋର୍ଦ୍ଧାର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ୩ ନାବାଳକଙ୍କ ସହ ନାବାଳିକାଙ୍କୁ ଉଦ୍ଧାର କରି ଜଳେଶ୍ୱର ଥାନାକୁ ଆଣିଛି। ଏ ନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ.୪୫୫/୨୫) ରୁଜୁ ହୋଇଛି। ସେମାନଙ୍କୁ ଏବେ ଜଳେଶ୍ୱର ଥାନାରେ ରଖାଯାଇଛି। ସେମାନଙ୍କ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେବାକୁ ମନା କରିଛି। ନାବାଳକଙ୍କ ମଧ୍ୟରେ ଜଣେ ଜଳେଶ୍ୱର ମ୍ୟୁନିସିପାଲିଟିର ଶାସକ ଦଳର କାଉନସିଲରଙ୍କ ପୁଅ ବୋଲି ସୂଚନା ମିଳିଛି।

# ଅଚାନକ ଜେଲ ପରିଦର୍ଶନ କରିବେ ଏସ୍‌ପି, ଜିଲାପାଳ

ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)

## ଚିଠି ଲେଖିଲେ ଜେଲ ଡିଜି


ରାଜ୍ୟରେ ଥିବା ଜେଲଗୁଡ଼ିକୁ ଏସ୍‌ପି ଏବଂ ଜିଲାପାଳମାନେ ଅଚାନକ ପରିଦର୍ଶନ କରିବେ। ଜେଲ ଡିଜି ସୁଶାନ୍ତ କୁମାର ନାଥ ଏ ସମ୍ପର୍କରେ ଜିଲାପାଳ ଓ ଏସ୍‌ପିମାନଙ୍କୁ ଚିଠି ଲେଖିଛନ୍ତି। ଜେଲରେ ସୁରକ୍ଷା, ନିରାପତ୍ତା, ସ୍ୱାସ୍ଥ୍ୟକର ପରିବେଶର ସ୍ଥିତି ପରଖିବାକୁ ଚିଠିରେ ନିର୍ଦ୍ଦେଶ ରହିଛି। ସୋମବାର ଏହି ଚିଠି ପଠାଯାଇଥିବାବେଳେ କଏଦୀମାନେ କିପରି ସର୍ବନିମ୍ନ ମୌଳିକ ସୁବିଧା ପାଇ ଭଲରେ ରହିପାରିବେ, ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ତେବେ ଏହି ଗସ୍ତ ସମୟରେ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ସୁରକ୍ଷା ଦିଗକୁ ନେଇ ଜେଲରେ ସିସିଟିଭି, ମେଟାଲ ସର୍ଚ୍ଚ ଡିଟେକ୍ଟର, ବଡି ୱାର୍ନ କ୍ୟାମେରା ଆଦି ଆଧୁନିକ ଉପକରଣର ବ୍ୟବହାର ହେଉଛି କି ନାହିଁ ସେ ସଂକ୍ରାନ୍ତରେ ଯାଞ୍ଚ କରାଯିବ। ଜେଲରେ ନିଶାଦ୍ରବ୍ୟ କାରବାରରେ ରୋକ, ଜେଲ ପରିସରରେ ସ୍ୱାସ୍ଥ୍ୟକର ପରିବେଶ ଯୋଗାଇବା ଏବଂ ଯୋଗ, ମାନସିକ କାଉନ୍‌ସେଲିଂ ଓ ଖେଳ ଆଦି ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ଅପରପକ୍ଷରେ ପୂର୍ବରୁ ଏ ନେଇ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଥିବାବେଳେ ଜେଲ ଡିଜିଙ୍କ ଅଚାନକ ଏଭଳି ଚିଠିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ତଳେ ଚୌଦ୍ୱାର ଜେଲରୁ ଦୁଇ ପେସାଦାର ଅପରାଧୀ ଫେରାର ହୋଇଯିବା ପରେ ଜେଲ ବିଭାଗ ପକ୍ଷରୁ ଏଭଳି ଆଭିମୁଖ୍ୟ ଗ୍ରହଣ କରାଯାଇଥିବା କୁହାଯାଉଛି।

# ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଛାତ୍ରୀଙ୍କ ମୁଣ୍ଡ ଫାଟିଲା: ଥାନାରେ ଅଭିଯୋଗ

ଝାରସୁଗୁଡ଼ା,୧୪।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ବାଗଡିହି ଗ୍ରାମରେ ଥିବା ଏକ ବେସରକାରୀ ସ୍କୁଲରେ ମଙ୍ଗଳବାର ପୂର୍ବାହ୍ନରେ ଜଣେ ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ୨ୟ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ମୁଣ୍ଡ ଫାଟିଯାଇଛି। ଏନେଇ ବାଗଡିହି ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ ବାଗଡିହି ଗ୍ରାମର ମହେଶ ଅଗ୍ରୱାଲଙ୍କ ଝିଅ ଅଳକା (୭) ସକାଳେ ସ୍କୁଲକୁ ପଢ଼ିବାକୁ ଯାଇଥିଲେ। ପରେ ୧୨ଟା ୩୦ରେ ଝିଅର ମୁଣ୍ଡ ଫାଟିଥିବା ନେଇ ସ୍କୁଲରୁ ଘରକୁ ଫୋନ ଆସିଥିଲା। ଛାତ୍ରୀଙ୍କ ମା’ ନୂପୁର ସ୍କୁଲରେ ପହଞ୍ଚିଥିଲେ। ସେଠାରେ ଥିବା ଅନ୍ୟ ଶିକ୍ଷକ ଓ କର୍ମଚାରୀମାନଙ୍କଠାରୁ ଶିକ୍ଷକ ପୁଷ୍କର ବରୁଆ ଡଷ୍ଟର ଫିଙ୍ଗି ମାରିବା ଯୋଗୁ ମୁଣ୍ଡ ଫାଟିଥିବା ଜାଣିବାକୁ ପାଇଲେ। ସିସିଟିଭି ଫୁଟେଜ ଦେଖିଲା ପରେ ଘଟଣାର ସମସ୍ତ ସତ୍ୟ ସାମ୍ନାକୁ ଆସିଥିଲା। ବାଗଡିହିଠାରେ ପ୍ରାଥମିକ ଚିକିତ୍ସା ପରେ ଛାତ୍ରୀଙ୍କୁ ପରିବାର ଲୋକେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ। ପରେ ତାଙ୍କ ପିତା ମହେଶ ଶିକ୍ଷକଙ୍କ ବିରୋଧରେ ବାଗଡିହି ଫାଣ୍ଡିରେ ଏତଲା ଦେଇଥିଲେ। ଏ ନେଇ ଲଇକେରା ଆଇଆଇସି ଦିଲୀପ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଛାତ୍ରୀଙ୍କ ବାପାଙ୍କ ଏତଲା ଅନୁସାରେ ଏକ ମାମଲା (ନଂ. ୩୪୦/୨୦୨୫) ରୁଜୁ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିକ୍ଷକ ନ ଥିବାବେଳେ ଶ୍ରେଣୀ କୋଠରିରେ ପାଟିତୁଣ୍ଡ ହେଉଥିଲା। ସମ୍ପୃକ୍ତ ଶିକ୍ଷକ ପୁଷ୍କର ଆସି ପଚାରିବାରୁ ଅନ୍ୟ ପିଲାମାନେ ଅଳକାଙ୍କ ନାମ କହିଥିଲେ। ପରେ ଶିକ୍ଷକ ଡଷ୍ଟର ଫିଙ୍ଗି ମାରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଇଆଇସି ବେହେରା କହିଛନ୍ତି।





ମନରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା



# ଦାୟୀଙ୍କଠାରୁ ଆଦାୟ

ଅକ୍ଟୋବର ୧୩ରେ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ରରେ ରାସ୍ତାରେ ଖାଲଖମା କିମ୍ବା ନର୍ଦ୍ଦମା ଗର୍ତ୍ତରେ ପଡ଼ି ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ୫୦ ହଜାରରୁ ଅଢ଼େଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ ମଧ୍ୟ କୋର୍ଟ କହିଛନ୍ତି। ୨୦୧୩ ମସିହା ଏକ ମାମଲାର ବିଚାର କରି ହାଇକୋର୍ଟ ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ସୁରକ୍ଷିତ ରାସ୍ତା ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ମଣିଷ ଜୀବନର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। ବର୍ଷାଋତୁରେ ଏଭଳି ଅଧିକ ଘଟଣା ଦେଖାଦେଉଛି। ସେ ସଂକ୍ରାନ୍ତରେ ରିପୋର୍ଟ ହୋଇଥିଲେ ତାହା ୪୮ ଘଣ୍ଟା ମଧ୍ୟରେ ମରାମତି କରାଯିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି। ତେଣୁ ଏଥିପାଇଁ ସରକାରୀ ଅଧିକାରୀ, ଇଞ୍ଜିନିୟର ଓ ସମ୍ପୃକ୍ତ ଠିକାଦାରଙ୍କୁ ଦାୟୀ କରାଯିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କ୍ଷତିପୂରଣ ପ୍ରଦାନ ରାଶି ଦାୟୀ ବ୍ୟକ୍ତି ଯଥା ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ କରାଯାଇପାରିବ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ରାସ୍ତାରେ ଗାଡ଼, ଖାଲଖମା ସଂକ୍ରାନ୍ତୀୟ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ନିଶ୍ଚିତ ଭାବେ ସିଭିକ୍ ଆକାଉଣ୍ଟାବିଲିଟି ବା ନାଗରୀୟ ଉତ୍ତରଦାୟିତ୍ୱକୁ ବଢ଼ାଇବାରେ ସହାୟକ ହେବ।

ସଡ଼କ ଭିତ୍ତିଭୂମି ସୁଦୃଢ଼ ଥିଲେ ଜନସାଧାରଣଙ୍କ ଯାତାୟାତଠାରୁ ଆରମ୍ଭ କରି ପରିବହନ ବ୍ୟବସ୍ଥା ସୁଗମ ହୋଇଥାଏ। ହେଲେ ଦେଖାଯାଉଛି ଅନେକ ସ୍ଥାନରେ ଠିକାଦାର, ଇଞ୍ଜିନିୟର ଓ ସରକାରୀ ଅଧିକାରୀଙ୍କ ଜାଣତରେ ସେମାନଙ୍କ ସକ୍ରିୟ ସହଯୋଗରେ ରାସ୍ତା କାମ ଅଧାପନ୍ତରିଆ ରହୁଥିବା ବେଳେ ସେଗୁଡ଼ିକ ଖାଲଖମାରେ ଭର୍ତ୍ତି ହୋଇଯାଉଛି। କିନ୍ତୁ ସେଥିପ୍ରତି ଦୃଷ୍ଟି ଦିଆଯାଇ ନ ଥାଏ। ଫଳରେ ରାସ୍ତା ଦୁର୍ଘଟଣା ବଢ଼ିବା ସହ ଲୋକେ ପଡ଼ି ଖଣ୍ଡିଆଖାବରା ହୋଇଥାଆନ୍ତି। ବର୍ଷାଦିନେ ସ୍ଥିତି ଅସମ୍ଭାଳ ହୋଇପଡ଼େ। ଖାଲ କିମ୍ବା ଗର୍ତ୍ତଗୁଡ଼ିକ ପାଣି ଦ୍ୱାରା ଭରି ହୋଇଯାଇଥିବାରୁ ଅନେକେ ଜାଣି ନ ପାରି ତା' ଉପରେ ଚାଲିଯିବା ଯୋଗୁ ସ୍ଥଳବିଶେଷରେ ବହୁ ଜୀବନ ଯିବାର ନଜିର ରହିଛି। ଭୁବନେଶ୍ୱର ଭଳି ସ୍ଥାନରେ ଗତ ୫ ବର୍ଷ ମଧ୍ୟରେ ପିଲାଙ୍କ ସମେତ ୫ରୁ ଅଧିକ ଲୋକଙ୍କ ଏହି କାରଣରୁ ମୃତ୍ୟୁ ଘଟିଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଲୋକେ ନର୍ଦ୍ଦମା ଭିତରେ ପଡ଼ି ବୁଡ଼ିଯାଇ ଭାସିଯିବାର ଦୃଷ୍ଟାନ୍ତ ରହିଛି। ନିକଟ ଅତୀତକୁ ଦେଖିଲେ ଗତ ୨୮ ମେ'ରେ ରାଉରକେଲାରେ ଡ୍ରେନ୍‌ରେ ପଡ଼ି ୭ ବର୍ଷ ଝିଅର ମୃତ୍ୟୁ ଘଟିଥିବା ବେଳେ ୨୦୨୪ ଜୁନ୍ ୧୮ରେ ଭୁବନେଶ୍ୱର ୟୁନିଟ୍ ୩ ନିକଟରେ ୧୦ ବର୍ଷର ନାବାଳକ ମଧ୍ୟ ସମାନ କାରଣ ଯୋଗୁ ପ୍ରାଣ ହରାଇଥିଲେ। ୨୦୨୩ ସେପ୍ଟେମ୍ବର ୨୪ରେ ଭୁବନେଶ୍ୱରର ବମିଖାଲ ନିକଟ ଖାଲରେ ଜଣେ ଡାକ୍ତରଙ୍କ କାର୍ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ ସେପ୍ଟେମ୍ବର ୧୯ରେ ବରମୁଣ୍ଡା ଗାଁରେ ଜଣେ ଦଶମ ଶ୍ରେଣୀ ଛାତ୍ର ଡ୍ରେନ୍‌ରେ ଭାସିଯିବାରୁ ତାଙ୍କ ଜୀବନ ଯାଇଥିଲା। ଏସବୁର ତାଲିକା କଲେ ଲମ୍ବି ଚାଲିବ। ଘଟଣା ଗଣମାଧ୍ୟମରେ ପ୍ରଚାର ହେବା ପରେ କ୍ଷଣକ ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥାଏ। ବିଭାଗୀୟ ନିର୍ଦ୍ଦେଶ ଦିଆଯାଇଥାଏ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପଡ଼ିବ ଓ କୌଣସିଠାରେ ଯେଭଳି କିଛି ଅସ୍ୱାଭାବିକତା ଦେଖା ନ ଯିବ ସେଥିପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ। ହେଲେ ପରବର୍ତ୍ତୀ ସମୟରେ ଯେଉଁ କଥାକୁ ସେହି କଥା ଦେଖିବାକୁ ମିଳେ।

> **ମୃତବ୍ୟକ୍ତିଙ୍କ ପରିବାରକୁ କିମ୍ବା ଆହତ ବ୍ୟକ୍ତିଙ୍କୁ ସରକାରୀ କ୍ଷତିପୂରଣ ଦିଆଯିବା ପରେ ସମ୍ପୃକ୍ତ ଅର୍ଥ ରାଶି ଦାୟୀ ସରକାରୀ ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ ହେବା ହେବା ଉଚିତ। ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ତାହା ହେଲେ ଯାଇ ସ୍ଥିତିରେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା।**

ଏବର ବ୍ୟବସ୍ଥାକୁ ଦେଖିଲେ କୌଣସି ଅଘଟଣ ପାଇଁ ସଙ୍ଗେ ସଙ୍ଗେ ଦାୟୀ ବ୍ୟକ୍ତିଙ୍କୁ ଧରି ହୋଇ ନ ଥାଏ। ଯଦି କାହାକୁ ଧରାଯାଏ, ସେ ଅନ୍ୟ ଉପରେ ଦୋଷ ଲଦି ଦେଇଥାଆନ୍ତି। ଏହା ମୋର କାମ ନୁହେଁ, ସେ କରିଥାନ୍ତେ କିମ୍ବା ତାଙ୍କ କାମ ସରିବା ପରେ ମୋର ଆରମ୍ଭ ହୋଇଥାଆନ୍ତା ଆଦି ବାହାନା ଦର୍ଶାଇବାର ଅଭାବ ପଡ଼ି ନ ଥାଏ। ଆଉ କିଛି କ୍ଷେତ୍ରରେ ଠିକାଦାରମାନେ ଅଭିଯୋଗ କରିଥାଆନ୍ତି ଯେ, ବିଲ୍ ପାସ୍ ହୋଇ ନ ଥିବାରୁ କାମ ଅଧାପନ୍ତରିଆ ପଡ଼ିରହିଛି। ତେବେ ସଦ୍ୟସମାପ୍ତ ରାସ୍ତା ଉଦ୍‌ଘାଟନ ହୋଇଯିବାର କିଛି ମାସ ପରେ କାହିଁକି ସେଠାରେ ଖାଲ ବା ବଡ଼ ଗର୍ତ୍ତ ସୃଷ୍ଟି ହୋଇଥାଏ ପ୍ରଶ୍ନ ହେଲେ ତାହାର ଉତ୍ତର ଦେବାକୁ କେହି ନ ଥାଆନ୍ତି। ଏଭଳି ସ୍ଥଳେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସବୁଆଡ଼େ ଅନୁପାଳନ କରାଯିବା ଦରକାର। ମୃତବ୍ୟକ୍ତିଙ୍କ ପରିବାରକୁ କିମ୍ବା ଆହତ ବ୍ୟକ୍ତିଙ୍କୁ ସରକାରୀ କ୍ଷତିପୂରଣ ଦିଆଯିବା ପରେ ସମ୍ପୃକ୍ତ ଅର୍ଥ ରାଶି ଦାୟୀ ସରକାରୀ ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ ହେବା ହେବା ଉଚିତ। ଏଥିସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ତାହା ହେଲେ ଯାଇ ସ୍ଥିତିରେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା।

# ବିହାର ନିର୍ବାଚନ: ଏକ ଦୃଷ୍ଟିପାତ



ସୌଭାଗ୍ୟ ସୁନ୍ଦରରାୟ

ଦେଶର ଚତୁର୍ଥ ସର୍ବାଧିକ ବିଧାନସଭା ଆସନବିଶିଷ୍ଟ ବିହାରରେ ଏବେ ଶୁଭୁଛି ନିର୍ବାଚନୀ ଦୁନ୍ଦୁଭି । ଏହାର ବିଧାନସଭା ଆସନ ସଂଖ୍ୟା ୨୪୩ । ଏଥର ନିର୍ବାଚନ ପୂର୍ବ ନିର୍ବାଚନଗୁଡ଼ିକଠାରୁ ଭିନ୍ନ ହେବ ବୋଲି ମନେହେଉଛି। କାରଣ ଚଳିତ ନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ପ୍ରତିଷ୍ଠିତ ନୂଆ ଜନ ସୁରାଜ ଦଳର ଆବିର୍ଭାବ ଘଟିଛି । ପ୍ରଶାନ୍ତ କିଶୋର ଜଣେ ନିର୍ବାଚନ ଗଣକ ଭାବେ ଦେଶରେ ପରିଚିତ । କିଶୋର ଏଥିରୁ ଦୂରେଇ ଯାଇ ନିଜର ଏକ ଦଳ ପ୍ରତିଷ୍ଠା କରି ପ୍ରତ୍ୟକ୍ଷ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଅତୀତରେ ମଧ୍ୟ ସେ ଜନତା (ୟୁ)ର ଉପ-ସଭାପତି ପଦରେ ଥିଲେ। ଏଣୁ ରାଜ୍ୟର ନିର୍ବାଚନୀ ଅଙ୍କ ସେ ଭଲ ଭାବେ କଷିଥିବା ଜଣାଯାଏ ।

୨୦୨୦ ମସିହା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସର୍ବାଧିକ ୨୨.୧୪% ଭୋଟ ପାଇ ସର୍ବାଧିକ ୭୫ଟି ଆସନ ଦଖଲ କରିଥିଲା । ଏହା ପରକୁ ଭାରତୀୟ ଜନତା ପାର୍ଟି (ଭାଜପା) ୨୦.୫୨% ଭୋଟ ପାଇ ୭୪ଟି ଆସନରେ ବିଜୟୀ ହୋଇଥିଲା । ଜେଡି(ୟୁ) ୧୮.୫୨% ଭୋଟ ପାଇ ୪୩ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଦଳର ଫଳାଫଳ ନୈରାଶ୍ୟଜନକ ଥିଲା । ଦଳ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନରେ ବିଜୟୀ ହୋଇଥିଲା । ଦଳର ଭୋଟ ହାର ୯.୨୦% ରହିଲା। ଜେଡି(ୟୁ) ଆସନ ସଂଖ୍ୟାରେ ତୃତୀୟରେ ଥାଇ ମଧ୍ୟ ଦଳର ନେତା ନିତୀଶ କୁମାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କୁ ଭାଜପା ସମର୍ଥନ ଦେଇଥିଲା । ଫଳରେ ରାଜ୍ୟରେ ଗଠନ ହୋଇଥିଲା ଏନ୍‌ଡିଏ ସରକାର।

ଚଳିତ ନିର୍ବାଚନରେ ଜେଡି(ୟୁ)– ଭାଜପା ମେଣ୍ଟ ପୂର୍ବପରି ରହିଥିବାବେଳେ ଏଥିରେ ଉପେନ୍ଦ୍ର ଖୁସ୍‌ୱାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା, ଚିରାଗ ପାଶ୍ୱାନ୍‌ଙ୍କ ଏଲ୍‌ଜେପି, ଜୀତନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ଥାନ ଆୱମ ମୋର୍ଚ୍ଚା ସାମିଲ ରହିଛି । ତେଣେ ଆରଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ମେଣ୍ଟରେ ବିକାଶଶୀଳ ଇନ୍‌ଶାନ ପାର୍ଟି, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍), ରାମବିଳାଶ ପାଶ୍ୱାନଙ୍କ ଭାଇ ପଶୁପତି କୁମାର ପାରସ୍‌ଙ୍କ ନେତୃତ୍ୱାଧୀନ ଏଲ୍‌ଜେପି ଓ ଜେଏମ୍‌ଏମ୍ ସାମିଲ ହୋଇଛନ୍ତି।

ବିହାର ନିର୍ବାଚନରେ ଏନ୍‌ଡିଏ ପୁନର୍ବାର କ୍ଷମତା ଦଖଲ ପାଇଁ ଚେଷ୍ଟିତ ଥିବାବେଳେ ମହାଗଠବନ୍ଧନ ମଧ୍ୟ କ୍ଷମତା ହାତେଇବାକୁ ଉଦ୍ୟମ କରିଛି । ନିର୍ବାଚନ ଘୋଷଣା ପୂର୍ବରୁ ପ୍ରଧାନମନ୍ତ୍ରୀ ଏକାଧିକ ଥର ବିହାର ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ ବା ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ଅନେକ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ରାଜ୍ୟର ବିକାଶ ମିତ୍ରଙ୍କୁ ୨୫ ହଜାର ଲେଖାଁଏ ଟଙ୍କା ପ୍ରଦାନ, ରାଜ୍ୟବାସୀଙ୍କୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ୩୦ ହଜାର ଶିକ୍ଷାସେବକଙ୍କୁ ୧୦ ହଜାର ଲେଖାଁଏ ପ୍ରୋତ୍ସାହନ ରାଶି, ବରିଷ୍ଠ ନାଗରିକଙ୍କ ପେନ୍‌ସନ ରାଶି ବୃଦ୍ଧି, ଶିକ୍ଷିତ ବେକାରଙ୍କ ପାଇଁ ୧୦୦୦ ଟଙ୍କା ଭତ୍ତା, ରାଜ୍ୟର ୧୬ ଲକ୍ଷ ନିର୍ମାଣ ଶ୍ରମିକଙ୍କ ପାଇଁ ୫୦୦୦ ଟଙ୍କା ପୋଷାକ ଭତ୍ତା, ପ୍ରାୟ ୭୫ ଲକ୍ଷ ମହିଳାଙ୍କ ପାଇଁ ୧୦,୦୦୦ ଟଙ୍କା ପ୍ରୋତ୍ସାହନ ଭତ୍ତା ଆଦି ଘୋଷଣା କରିଛନ୍ତି । ଏହାର ଜବାବରେ କଂଗ୍ରେସ 'ସର୍ବାଧିକ ଅନଗ୍ରସର ନ୍ୟାୟ ଇସ୍ତାହାର' ଉନ୍ମୋଚନ କରିଛି । ଏହି ଅବସରରେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏକ ବଡ଼ ପ୍ରସଙ୍ଗରେ ପରିଣତ ହୋଇଛି, ଯାହା ଏନ୍‌ଡିଏ ପାଇଁ ସମସ୍ୟା ସୃଷ୍ଟି କରିଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କ ବିରୋଧରେ ଏଥିପାଇଁ ଭୋଟ ଚୋରି ଅଭିଯୋଗ ଆଣି ବିହାରରେ ଭୋଟର ସଚେତନତା ସମାବେଶ ଆୟୋଜନ କଲେ । କର୍ମୀଙ୍କ ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ମଧ୍ୟ ବିହାରରେ ଆୟୋଜନ କରାଯାଇଥିଲା। ତେଣେ ନୀତିଶ କୁମାର ୭୫ ବର୍ଷରେ ପଦାର୍ପଣ କଲେଣି । କ୍ଷମତାରେ ରହିବା ପାଇଁ ସେ ସମସ୍ତ ପ୍ରକାର ଗୋଟି ଚାଳନା କରିପାରିବେ । ରାଜ୍ୟର ଦୁର୍ନୀତି ଓ ଅନଗ୍ରସରତା ବିରୋଧରେ ପ୍ରଶାନ୍ତ କିଶୋର ନିଆଁରେ ଘିଅ ଢାଳିବା ପରି କାର୍ଯ୍ୟ କରୁଛନ୍ତି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରମୁଖ ନେତାଙ୍କ ବିରୋଧରେ ପ୍ରଶାନ୍ତ ଯେଉଁ ଦୁର୍ନୀତି, ସଂପତ୍ତି ଠୁଳ, ଜାଲ୍ ସାର୍ଟିଫିକେଟ ଅଭିଯୋଗ ଆଣିଛନ୍ତି, ତାହାର ସନ୍ତୋଷଜନକ ଉତ୍ତର ସଂପୃକ୍ତ ପକ୍ଷ ଦେଇପାରି ନାହାନ୍ତି, ବରଂ ପ୍ରଶାନ୍ତ କିଶୋରଙ୍କ ନାମରେ ମାନହାନି ମକଦ୍ଦମା କରିଛନ୍ତି । ଏହା ଏନ୍‌ଡିଏ ସରକାରଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣିଛି । ବିହାର ବିଧାନସଭାରେ ଏନ୍‌ଡିଏ ବିଧାୟକ ସଂଖ୍ୟା ରହିଛି ୧୨୫, ଯାହା ହେଉଛି ୩୭.୩୬ ଶତାଂଶ ଭୋଟ । ଦେଖିବାକୁ ଗଲେ ସଂଖ୍ୟାଗରିଷ୍ଠତାଠାରୁ ମେଣ୍ଟ ମାତ୍ର ୩ଟି ଆସନ ଅଧିକ ପାଇଛି । ଚଳିତ ଥର ଜନ ସୁରାଜ ଦଳର ପ୍ରବେଶ ଯୋଗୁଁ ଏନ୍‌ଡିଏ ମେଣ୍ଟ ଏହି ସଂଖ୍ୟକ ଆସନ ପାଇବାରେ ସମର୍ଥ ହେବା ନେଇ ଆଶଙ୍କା ପ୍ରକାଶ ପାଉଛି । ମହାଗଠବନ୍ଧନର କିଛି ଭୋଟ ତ ଜନ ସୁରାଜ ନେବ, କିନ୍ତୁ ଅଧିକ କ୍ଷତିଗ୍ରସ୍ତ କରିବ ଭାଜପା ଓ ଜେଡି(ୟୁ)କୁ । କେନ୍ଦ୍ର ଓ ଉତ୍ତର ବିହାରରେ ପ୍ରଶାନ୍ତଙ୍କ ଜନ ସୁରାଜ ଯାତ୍ରା ପ୍ରତି ଭଲ ସମର୍ଥନ ମିଳିଛି, ଯାହା ଏନ୍‌ଡିଏର ମୁଖ୍ୟ ଭୋଟବ୍ୟାଙ୍କ ଅଞ୍ଚଳ। ତେଣେ ଆର୍‌ଜେଡିର ମୁସ୍‌ଲିମ- ଯାଦବ ଭୋଟ ବ୍ୟାଙ୍କ ପୂର୍ବପରି ଅତୁଟ ରହିଛି । ଭାଜପାର ବର୍ତ୍ତମାନ ଥିବା ରାଜ୍ୟ ସଭାପତି ପରଲୋକଗତ ଭାଜପା ନେତା ସୁଶୀଲ ମୋଦିଙ୍କ ପରି ଏତେ ଲୋକପ୍ରିୟ ନୁହନ୍ତି । ବିଭିନ୍ନ ସଭାରେ ସେ ଥଟ୍ଟା ପରିହାସର ପାତ୍ର ହେଉଥିବା ଦେଖାଯାଉଛି । ଏହା ଭାଜପା ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଦଳ ବରିଷ୍ଠ ନେତାମାନଙ୍କୁ ତାରକା ପ୍ରଚାରକ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇଛି । ଦଳର ଆଇଟି ସେଲ ମଧ୍ୟ ଅତି ସକ୍ରିୟ ମୋଡ଼ରେ ରହିଛି।



ବିହାରର ଜାତିଗତ ବ୍ୟବସ୍ଥା ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ନିର୍ବାଚନକୁ ମଧ୍ୟ ପ୍ରଭାବିତ କରିଥାଏ। ଜାତି ଜନଗଣନା ରିପୋର୍ଟ ଅନୁଯାୟୀ, ରାଜ୍ୟରେ ଉଚ୍ଚବର୍ଗ ଜାତିଙ୍କ ସଂଖ୍ୟା ୧୫%, ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ ଜାତି ସଂଖ୍ୟା ୨୭%, ଆର୍ଥିକ ଅନଗ୍ରସର ବର୍ଗଙ୍କ ସଂଖ୍ୟା ୩୬%, ଅନୁସୂଚିତ ଜାତିଙ୍କ ସଂଖ୍ୟା ୨୦% ଓ ଜନଜାତିଙ୍କ ସଂଖ୍ୟା ୨% ରହିଛି । ରାଜ୍ୟରେ ମୁସଲିମ ଜନସଂଖ୍ୟା ୧୫% ରହିଛି।

କହିବାକୁ ଗଲେ ବିହାରରେ ଭୋଟରଙ୍କୁ ଆକୃଷ୍ଟ ପାଇଁ ପ୍ରଚାର ପ୍ରାୟତଃ ଅଧା ସରିଯାଇଛି। ଏବେ ଆକ୍ଷେପ ଓ ପ୍ରତି ଆକ୍ଷେପରେ ଚାଲିବ ପ୍ରଚାର। ନିର୍ବାଚନରେ ଫଳାଫଳ ନ ବାହାରିବା ପର୍ଯ୍ୟନ୍ତ କିଛି ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ। ପ୍ରଶାନ୍ତ କୁମାରଙ୍କ ଯାତ୍ରାରେ ଆଶାଜନକ ଜନସମାବେଶ ହେଉଥିବାରୁ ସେ କିଛି ଭୋଟ ପାଇପାରନ୍ତି । କିନ୍ତୁ ତାଙ୍କ ଭୋଟ ଅଂଶ କେତେଦୂର ଆସନରେ ରୂପାନ୍ତରିତ ହେବ ତାହା ଦେଖିବା କଥା। ତେବେ ପ୍ରଶାନ୍ତଙ୍କ ଭୋଟ ଅଂଶ ଶାସକ ଦଳକୁ ଅସୁବିଧାରେ ପକାଇବାର ସମ୍ଭାବନା ରହିଛି। ମତଦାନର ଏକ ସପ୍ତାହ ପୂର୍ବ ସମୟ ଏକ ନିର୍ବାଚନରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟଟି ଅନେକ ନିର୍ବାଚନୀ ଅଙ୍କକୁ ଗୋଳମାଳ କରି ଦେଇଥାଏ । ପ୍ରାୟ ୩% ଭୋଟର ଏହି ସମୟରେ ନିଜର ପ୍ରାର୍ଥୀ ଓ ଦଳ ପସନ୍ଦ କରିଥାନ୍ତି, ଯାହା ପୂର୍ବରୁ ଆକଳନ କରିବା ସମ୍ଭବ ହୋଇନଥାଏ। ଏହି ଭୋଟକୁ ସାଧାରଣତଃ ଅଣଆକଳିତ ବା ସ୍ୱିଙ୍ଗ ଭୋଟ ଭାବେ ବିବେଚନା କରାଯାଇଥାଏ। ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପୂର୍ବରୁ ଭୋଟରଙ୍କ ସଂଖ୍ୟା ଥିଲା ୭ କୋଟି ୮୯ ଲକ୍ଷ । ସଂଶୋଧନ ସମୟରେ ପ୍ରାୟ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯିବା ଯୋଗୁ ଏହି ସଂଖ୍ୟା ୭ କୋଟି ୨୪ ଲକ୍ଷକୁ ହ୍ରାସ ପାଇଛି। ନିର୍ବାଚନୀ ଗଣନା ଅନୁଯାୟୀ ଏଥିରୁ ପ୍ରାୟ ୨୧ ଲକ୍ଷ ସ୍ୱିଙ୍ଗ ଭୋଟ ଭାବେ ବିବେଚିତ ହେବ। ରାଜ୍ୟରେ ଭୋଟର ସଂଖ୍ୟା ହ୍ରାସ, ସତ୍ତା ବିରୋଧୀ ମନୋଭାବ ଓ ନୂଆ ରାଜନୈତିକ ଦଳର ଆବିର୍ଭାବ ମଧ୍ୟରେ ନିର୍ବାଚନ ହେଉଥିବାରୁ ଏହାର ଫଳାଫଳ ରୋଚକ ହେବ ବୋଲି ଆଶା କରାଯାଉଛି।

ମୋ: ୯୪୩୭୨୨୯୨୩୩

# 'କୁମ୍ଭୀର ବ୍ୟାଟେରି ଫାର୍ମିଂ' କାହିଁକି ବିସ୍ମୃତ



ଡ. ଲାଲା ଅଶ୍ୱିନୀ କୁମାର ସିଂହ

ଦୈନିକ ଧରିତ୍ରୀରେ ୭ ଅକ୍ଟୋବର୨୦୨୫ରେ ପ୍ରକାଶିତ 'କାରଖାନା କୃଷି ....' ଲେଖାଟି ପଢ଼ିବା ପରେ କେଇ ଦଶନ୍ଧି ପଛକୁ ଫେରିଗଲି। ଓଡ଼ିଶାରେ ୧୯୭୫ ମସିହାରୁ ପ୍ରଥମ କରି ଯେତେବେଳେ କୁମ୍ଭୀର ଯୋଜନା ଆରମ୍ଭ କରାଗଲା, ସେତିକି ବେଳଠୁ ଫୁଡ ଆଣ୍ଡ୍ ଏଗ୍ରିକଲଚର ଅର୍ଗାନାଇଜେଶନ (ଏଫ୍‌ଏଓ)/ ୟୁନାଇଟେଡ ନେଶନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ(ୟୁନ୍‌ଡିପି)ତଥା ଡ.ବୁଷ୍ଟର୍ଡଙ୍କ ବିଭିନ୍ନ ପ୍ରୋଜେକ୍ଟ ରିପୋର୍ଟ ମାଧ୍ୟମରେ ଆମେ ବ୍ୟାଟେରି ଫାର୍ମିଂ ଶବ୍ଦ ସହିତ ପରିଚିତ ହେଲୁ। ସଂରକ୍ଷଣ ପ୍ରଚ୍ଛଦପଟରେ ଭବିଷ୍ୟତ ସମୟରେ ବ୍ୟାଟେରି ଫାର୍ମିଂ ଜରିଆରେ ଅଧିକ କୁମ୍ଭୀର ଉତ୍ପାଦନ କରି ରାଷ୍ଟ୍ର ପାଇଁ ବୈଦେଶିକ ମୁଦ୍ରା ଉପାର୍ଜନ କରିବାର ସମ୍ଭାବନା ଆମମାନଙ୍କ ସମ୍ମୁଖରେ ତଥା ଆନ୍ତର୍ଜାତିକ ସ୍ତରରେ ଗୋଟିଏ ବଡ଼ ଉଦ୍ଦେଶ୍ୟ ଓ ପ୍ରଲୋଭନ ରହିଥିଲା। ୧୯୭୫-୧୯୮୨ ସମୟରେ ସେହି ଦିଗରେ ଯେତେ କିଛି ଗବେଷଣା ହୋଇପାରିବ ତା' ମଧ୍ୟ କରାଗଲା। ଯେପରିକି କୁମ୍ଭୀର ତା' ପେଟକୁ କେତେ ଖାଇଲେ ଶରୀରରେ କେତେ ମାତ୍ରାରେ ବୃଦ୍ଧି ଘଟିବ ଇତ୍ୟାଦି। ଘଡ଼ିଆଳ କୁମ୍ଭୀର ଓ ଗୋମୁହାଁ କୁମ୍ଭୀରଙ୍କୁ ନେଇ ଏହି ଦିଗରେ ଶାତକୋଶିଆ ଗଣ୍ଡ ଅଭୟାରଣ୍ୟର ଟିକରପଡ଼ା ସ୍ଥିତ ଯୋଜନା ସମ୍ପର୍କିତ ଅଧ୍ୟୟନ ଓ ଗବେଷଣା ତଥ୍ୟ ଏଯାବତ ଇଣ୍ଟରନେଟରେ ଉପଲବ୍ଧ ରହିଆସିଛି। ବଉଳା କୁମ୍ଭୀର ପାଇଁ ଅନୁରୂପ କିଛିଟା ତଥ୍ୟ ଆନ୍ତର୍ଜାତିକ ଏବଂ ସ୍ଥାନୀୟ ଡାଙ୍ଗମାଳ ଯୋଜନାରୁ ମଧ୍ୟ ଉପଲବ୍ଧ ହେଉଥାଏ। ଅର୍ଥନୈତିକ ଦୃଷ୍ଟିକୋଣରୁ ଆଲୋଚନା କରି, ଜେ. ଏମ. ଡି-ୱାର୍ ନାମକ ବିଶେଷଜ୍ଞ ୧୯୭୫ ଓ ୧୯୭୮ରେ କୁମ୍ଭୀର ଓ ସମୁଦ୍ର କଇଁଛ ସମ୍ବନ୍ଧରେ ଦୁଇଟି ରିପୋର୍ଟ ପ୍ରଦାନ କରିଥିଲେ। ଓଡ଼ିଶାର ସୁପରିଚିତ ତତ୍କାଳୀନ ବନ ସଂରକ୍ଷକ ଭଗବାନ ଚରଣ କାନୁନଗୋ ମଧ୍ୟ ଅନୁରୂପ ବ୍ୟବହାରିକ ଯୋଜନା ପ୍ରସ୍ତୁତ କରିଥିଲେ। ଭାରତର ବିଭିନ୍ନ ରାଜ୍ୟର ବନ ବିଭାଗ ପଦାଧିକାରୀ, ତଥା ଆଖପାଖ ଦେଶଗୁଡ଼ିକରୁ ଆସୁଥିବା ଅଫିସରମାନଙ୍କୁ ହାଇଦ୍ରାବାଦଠାରେ କେନ୍ଦ୍ର ସରକାରଙ୍କ କୁମ୍ଭୀର ଅନୁଷ୍ଠାନରେ ଶିକ୍ଷା ପ୍ରଦାନ କରାଗଲା। ଯେପରିକି ଅନୁଦାନ ଭିତ୍ତିକ ଏଫ୍‌ଏଓ ପ୍ରୋଜେକ୍ଟ ବନ୍ଦ ହୋଇଗଲେ ମଧ୍ୟ ତାଲିମ-ପ୍ରାପ୍ତ ବ୍ୟକ୍ତିଙ୍କ ଅଭାବ ରହିବନି ସେଥିପ୍ରତି ସତର୍କତା ଅବଲମ୍ବନ କରାଗଲା।

୧୯୮୭ରେ ମୁଁ ସେଇ କୁମ୍ଭୀର ଅନୁଷ୍ଠାନ ଦାୟିତ୍ୱରେ ରହିବା ସହ କେନ୍ଦ୍ର ସରକାରଙ୍କର ଗୋଟିଏ ଟେକ୍‌ନିକାଲ କମିଟିର ଆବାହକ ଥାଏ। ସେତେବେଳେ ଜାନୁଆରୀରେ ପାଞ୍ଚୋଟି ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଓ ତତ୍କାଳୀନ ଏଫ୍‌ଏଓ ବିଶେଷଜ୍ଞଙ୍କୁ ନେଇ ଗଠିତ ହୋଇଥିବା କମିଟି କର୍ନାଟକରେ ଭେଟିଥିଲୁ। ସେଇଠି ନିଷ୍ପତ୍ତି ହେଲା ଯେ, କୁମ୍ଭୀରଙ୍କୁ ନେଇ ଯେଉଁ ପ୍ରକାରର ବ୍ୟାଟେରି ଫାର୍ମିଂ ପରିକଳ୍ପନା କରାଯାଇଥିଲା ତା' କାର୍ଯ୍ୟକାରୀ ହୋଇପାରିବନି। କାରଣ ସ୍ପଷ୍ଟ ଥିଲା ଯେ, ବନ୍ୟପ୍ରାଣୀ ଅଧିନିୟମ ଅନୁଯାୟୀ କୁମ୍ଭୀରମାନେ ଅନୁସୁଚୀ-I ପ୍ରାଣୀ, ଯଦିବା ଆମେ ନିୟମ ବଦଳାଇବା, ଆମ ଅଭୟାରଣ୍ୟରେ କୁମ୍ଭୀର ମାନଙ୍କୁ ଯଥେଷ୍ଟ ସୁରକ୍ଷା ଦେଇ ପାରିବାନି। ବ୍ୟାଟେରି ଫାର୍ମିଂ ଆଢୁଆଳରେ ପ୍ରାକୃତିକ ପରିବେଶରେ ଥିବା କୁମ୍ଭୀରମାନେ ୧୯୭୫ ବର୍ଷ ପୂର୍ବାବସ୍ଥା ଭଳି ନୂତନ ପ୍ରକାରର ବିପଦ ଅନୁଭବ କରିବେ। ତେଣୁ କୁମ୍ଭୀରଙ୍କୁ କୌଣସି ପ୍ରକାର ବ୍ୟବସାୟିକ ସୂତ୍ରରେ ମାରିବା ସେଇଠୁ ବନ୍ଦ ହେଲା। ମାନେକା ଗାନ୍ଧୀଙ୍କ ସମୟରେ ସେଭଳି ପରିକଳ୍ପନାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା।



ରାଷ୍ଟ୍ରୀୟ ଚମ୍ବଲ ଅଭୟାରଣ୍ୟ, ଶିମିଳିପାଳ-ରମତୀର୍ଥ ଓ ଅନ୍ୟାନ୍ୟ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଗବେଷଣା ଭିତ୍ତିକ କାର୍ଯ୍ୟ ସ୍ଥାପନ ହେଲା। ଯେପରକି, ବିଗତ ବର୍ଷ ଗୁଡିକରେ ହାସଲ କରିଥିବା କୁମ୍ଭୀର-ବିଦ୍ୟାକୁ ଆମେ ଭୁଲି ନ ଯାଉ। ଅଭୟାରଣ୍ୟଗୁଡ଼ିକରେ କୁମ୍ଭୀର ତଥା ସେମାନଙ୍କ ପାରିପାର୍ଶ୍ୱିକ ଜୀବଜନ୍ତୁଙ୍କ ସମ୍ପର୍କରେ ଅନେକ ଗବେଷଣା-ଲବ୍ଧ ଜ୍ଞାନ ହାସଲ ହୋଇପାରିଲା। ଏପରିକି, ୧୯୯୧ରେ ମୁଁ ଓ ଡ. ସୁଧାକର କରଙ୍କୁ ତତ୍କାଳୀନ କେନ୍ଦ୍ର ପରିବେଶ ମନ୍ତ୍ରୀ ମାନେକା ଗାନ୍ଧୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ନେଇ ତାମିଲନାଡୁ ଯିବାକୁ ହୋଇଥିଲା। ସେ ରାଜ୍ୟରେ ସ୍ଥିତ ବିଭିନ୍ନ କୁମ୍ଭୀର କେନ୍ଦ୍ର ଓ ମହାବଳୀପୁରମରେ ଥିବା ରମୁଲସ ହୁଇଟେକରଙ୍କ କୁମ୍ଭୀର ବ୍ୟାଙ୍କ ଭବିଷ୍ୟତ କାର୍ଯ୍ୟାବଳୀ ସମ୍ପର୍କରେ ଆମେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲୁ।

ସାରାଂଶରେ, ଭାରତ ବର୍ଷରେ କୌଣସି ଅନୁସୁଚୀ-I ଜୀବମାନଙ୍କୁ ନେଇ ଆମେ ଆର୍ଥିକ ଉପାର୍ଜନ ପାଇଁ ଚିନ୍ତା କରିପାରିବାନି। ମାତ୍ର ସେଭଳି ଜୀବମାନଙ୍କ ଜରିଆରେ ଆମେ ଜନସାଧାରଣ ତଥା ଯୁବପିଢ଼ିଙ୍କୁ ଶିକ୍ଷାଦାନ କରିପାରିବା। ସହନୀୟ ଓ ଦାୟିତ୍ୱ ସମ୍ପନ୍ନ ଟୁରିଜମ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ପୂର୍ବଭଳି ବନ୍ୟପ୍ରାଣୀ ସଂରକ୍ଷଣ ଛତ୍ରଛାୟାରେ ରୋଜଗାର ଦେଇ ପରିବା।

**ପ୍ରାକ୍ତନ ଭାରପ୍ରାପ୍ତ ଅଧିକାରୀ, କେନ୍ଦ୍ରୀୟ କୁମ୍ଭୀର ପ୍ରଜନନ ତଥା ପରିଚାଳନା ଶିକ୍ଷା ଅନୁଷ୍ଠାନ,**
**ମୋ: ୭୯୭୮୩୩୫୯୮୩**

## ଏଇ ଭାରତରେ

ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା- ଏହା ଉପଲବ୍ଧି କରିଛନ୍ତି ଉତ୍ତରାଖଣ୍ଡର ମହିଳାମାନେ। ରାଜ୍ୟର ବିଭିନ୍ନ ଗ୍ରାମପଞ୍ଚାୟତରେ ସେମାନେ ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରୁଛନ୍ତି ଏବଂ ସାମଗ୍ରିକ ପ୍ରୟାସ ସଫଳତା ପାଇଁ ବାଟ କଢ଼ାଇନିଏ ବୋଲି ପ୍ରମାଣ କରିପାରିଛନ୍ତି। ଏହି କ୍ରମରେ ପିଥୋରାଗଡ଼ ଜିଲା ମୁନ୍‌ସିଆରି ବ୍ଲକର ଶଙ୍ଖଦୁରା ଗାଁର ଜଙ୍ଗଲକୁ ସ୍ଥାନୀୟ ସରପଞ୍ଚ ବାସନ୍ତି ରାଓ୍ୱତ ସୁରକ୍ଷା କରୁଛନ୍ତି। ତାଙ୍କ ସହ ଅନ୍ୟ ୮ ମହିଳା ବନ ପଞ୍ଚାୟତରେ ରହିଛନ୍ତି। କେବଳ ଶଙ୍ଖଦୁରା ନୁହେଁ, ସର୍ମୋଲି ଜଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମଲିକା ଭିର୍ଡ଼ି ମଧ୍ୟ ମେସାରିକୁଣ୍ଡର ପୁନରୁଦ୍ଧାର କରିପାରିଛନ୍ତି। ଏବେ ତାଙ୍କ ଅଞ୍ଚଳରେ ପାଣିର ଅଭାବ ରହୁନାହିଁ। ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ସୁରକ୍ଷା ହେବା ଦ୍ୱାରା ଉତ୍ତରାଖଣ୍ଡର ପର୍ଯ୍ୟଟନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇପାରିଛି। ଉଲ୍ଲେଖନୀୟ, ୧୯୩୧ରେ ଇଂରେଜମାନେ ବନ ପଞ୍ଚାୟତ ନିୟମାବଳୀ ଆଣିଥିଲେ। ପରେ ୧୯୭୨ରେ ଏହା ଭାରତୀୟ ଜଙ୍ଗଲ ଆଇନ-୧୯୨୭ ଅଧୀନକୁ ଆସିଥିଲା। ତେବେ ଉତ୍ତରାଖଣ୍ଡରେ ଏବେ ୬,୦୬୯ ବନ ପଞ୍ଚାୟତ ୪,୦୫,୪୨୬ ହେକ୍ଟର ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଅକ୍ଟୋବର ୧୯୭୬**

- ଶ୍ରୀମତୀ ଅରୁଣା ଆସଫ ଅଲ୍ଲୀ ଜାତୀୟ ଭାରତୀୟ ମହିଳା ସଂଘର ସଭାନେତ୍ରୀ ନିର୍ବାଚିତ।
- କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଅତ୍ୟାଧୁନିକ ଆଲକାଲଏଡ କାରଖାନା ମଧ୍ୟପ୍ରଦେଶର ନିମଚଠାରେ ଉଦ୍‌ଘାଟିତ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 5 | | | 2 | | |
| | | | 1 | | | 7 | 9 | |
| | 5 | | 9 | | 7 | | | |
| | 8 | | | | 9 | | | |
| 5 | 2 | | 7 | | | | 8 | 4 |
| 7 | | 9 | | | | 5 | | |
| | | | | | | | | |
| 1 | | 2 | | | 3 | | | |
| 6 | | | | 4 | | 1 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 5 | 8 | 3 | 7 | 9 | 6 |
| 3 | 7 | 5 | 2 | 9 | 6 | 4 | 8 | 1 |
| 6 | 8 | 9 | 1 | 4 | 7 | 2 | 3 | 5 |
| 8 | 1 | 7 | 6 | 5 | 9 | 3 | 2 | 4 |
| 9 | 5 | 3 | 7 | 2 | 4 | 1 | 6 | 8 |
| 4 | 6 | 2 | 3 | 1 | 8 | 5 | 7 | 9 |
| 7 | 9 | 8 | 4 | 3 | 1 | 6 | 5 | 2 |
| 5 | 3 | 4 | 8 | 6 | 2 | 9 | 1 | 7 |
| 1 | 2 | 6 | 9 | 7 | 5 | 8 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାରିବାରିକ ବନ୍ଧନ ବଜାୟ ରହୁ

ମହାଶୟ,

ଆଗକାଳରେ ଥିଲା ଯୌଥ ପରିବାର, ଥିଲା ଆତ୍ମୀୟତାର ମୂଲ୍ୟବୋଧ। ମାଟି ଅଗଣାର ମୋହ ; କକା, ଖୁଡ଼ୀ, ମାଆ, ଜେଜେଙ୍କୁ ନେଇ କୋଳାହଳପୂର୍ଣ୍ଣ ପରିବେଶ। ଭାଇ ସହ ଭାଇର ରକ୍ତସମ୍ପର୍କର ପବିତ୍ରତା। କିନ୍ତୁ ସମୟ ସହ ତାଳ ଦେଇ ଭିନ୍ନ ଦିଗରେ ଅଗ୍ରସର ଆମର ପାଦ । ଦୂରେଇଯାଏ ଆତ୍ମୀୟତାର ବନ୍ଧନ। ବଦଳିଯାଏ ଚାଲିଚଳନ, ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ ଅନ୍ୟ ଏକ ସଂସ୍କାରରେ ସାଲିସ୍ କରି ବଞ୍ଚିବାକୁ। ନ ଥାଏ ରକ୍ତସମ୍ପର୍କ, ଆପଣାର ଆତ୍ମୀୟତା କେବଳ ଯାହା ବନ୍ଧନର ଗୋଟେ ପରିସୀମା ଭିତରେ ସୃଷ୍ଟିକୁ ଆଗେଇନେବାର ପ୍ରୟାସ। ସବୁରି ଭିତରର ଅହଂକାର କେବେ ଯୋଡ଼ିହୁଏ ତ କେବେ ପୁଣି ଭାଙ୍ଗିଦିଏ ସୁନାରସଂସାର। ଆମେ ସଭିଏ ଅନ୍ୟର ଦୋଷ ଖୋଜୁ। ଆତ୍ମବଡ଼ିମା ଭିତରେ ସମସ୍ୟାର ସମାଧାନ ବଦଳରେ ତାହାକୁ ଜଟିଳତା ତଥା କୁଟିଳ କରିବସୁ। ହେଉ ସେ ଭାଇ-ଭାଇ, ବାପା-ମାଆ, ସ୍ୱାମୀ-ସ୍ତ୍ରୀ ଅବା ଶାଶୁ-ବୋହୂର ସମ୍ପର୍କ। ସମସ୍ତ ବନ୍ଧନର ପବିତ୍ରତା ବ୍ୟାପକ ତଥା ପରିବର୍ଦ୍ଧିତ ହେବା ଉଚିତ। ବଡ଼ ହେଉ ଅବା ସାନ ସମସ୍ତେ ବନ୍ଧନକୁ ଆତ୍ମୀୟତାର ସହ ଗ୍ରହଣ କରିବା ଏବଂ ସମ୍ମାନ ଦେବା ଉଚିତ୍। ନ ରହୁ ସ୍ୱାର୍ଥ, ନ ରହୁ କପଟ, ଛନ୍ଦ। ସୃଷ୍ଟିହେଉ ସୁନ୍ଦର ପରିବାର ଓ ପରିବେଶ।

**-ତୃପ୍ତି ପଣ୍ଡା, ସମ୍ପାଦିକା 'ବିଶ୍ୱନୟନ'**
**ଓ 'ବିଶଶ୍ୱେରୀ' ଗୁଣ୍ଡିଚା ବିହାର, ପୁରୀ**

## ଚିରନ୍ତନୀ

ନ ଲୋଡ଼ଇ କିଛି, ବସି ପଥ ପାଶେ
ଚାହିଁ ମୁଁ ରହିବି ସୁଖୀ
ଚରଣ ନଚାଇ ଖେଳିଯାଅ ତୁମେ
କେଳି କଳା କଉତୁକି !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଫୁଲ ଚାଷ



**ଗେ**ଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ପକାଇବା କାମ ଶେଷ କରନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଚଳିତ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ। ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

# ଫସଲ ଉତ୍ପାଦନରେ କୋବାଲ୍‌ଟର ଭୂମିକା




ପ୍ର. ସୁବୋଧ କୁମାର ସାହୁ

**ଉ**ଦ୍ଭିଦରେ ଥିବା ୯୦ ଗୋଟି ପୋଷକ ଉପାଦାନ ମଧ୍ୟରୁ କୋବାଲ୍‌ଟ ଅନ୍ୟତମ । କୋବାଲ୍‌ଟ ଫସଲର ଅତ୍ୟାବଶ୍ୟକ ଖାଦ୍ୟ ଉପାଦାନ ନୁହେଁ। କିନ୍ତୁ ବିଭିନ୍ନ ଉପାୟରେ କୋବାଲ୍‌ଟ ପରୋକ୍ଷ ଭାବେ ଫସଲର ଅମଳ ବଢ଼ାଇବା ସହ ଫସଲର ଏକ ବିଶିଷ୍ଟ ଉପାଦାନ ଭାବେ ତୃଣଭୋଜି ପ୍ରାଣୀମାନଙ୍କର ବିଶେଷ ଉପକାରରେ ଆସେ । ଯଦିଓ କୋବାଲ୍‌ଟ ଉଭୟ ଛୁଇଁ ଏବଂ ଅଣଛୁଇଁଜାତୀୟ ଫସଲର ଏକ ପୋଷକ ଉପାଦାନ; ବିଶେଷକରି ଛୁଇଁଜାତୀୟ ଫସଲ ପାଇଁ ଏହା ଅଧିକ ସହାୟକ ହୋଇଥାଏ ।

ଛୁଇଁଜାତୀୟ ଫସଲ ଯଥା, ମୁଗ,ବିରି, ହରଡ଼,ସୋୟାବିନ, ଚିନାବାଦାମ ଆଦିର ଚେ଼ରରେ ଗୋଲାକାର ଭାତୁଡ଼ି ବହୁ ସଂଖ୍ୟାରେ ଥାଏ । ଉକ୍ତ ଭାତୁଡ଼ିରେ ଏକ ତରଳ ପଦାର୍ଥ ପୂରିରହିଥାଏ । ଏହି ତରଳ ପଦାର୍ଥ ଦେଖିବାକୁ ଈଷତ୍ ଲାଲରଙ୍ଗର । ଉକ୍ତ ଲାଲରଙ୍ଗ କେବଳ କୋବାଲ୍‌ଟ ଥିବା ଯୋଗୁ ହୋଇଥାଏ। ଉକ୍ତ ଲାଲରଙ୍ଗର ତରଳ ପଦାର୍ଥକୁ ଲେଗ୍‌ହେମଗ୍ଲୋବିନ୍ କୁହାଯାଏ । ଲେଗ୍‌ହେମଗ୍ଲୋବିନ୍ ବାୟୁମଣ୍ଡଳରୁ ଅମ୍ଳଜାନ ଶୋଷଣକରି ତାହା ମଧ୍ୟରେ ଥିବା କ୍ଷୁଦ୍ର ବୀଜାଣୁକୁ ବଢ଼ାଏ । ଲେଗ୍‌ହେମଗ୍ଲୋବିନ୍ ଭିତରେ ବହୁ ସଂଖ୍ୟାରେ ରାଇଜୋବିୟମ ବୀଜାଣୁ ଥାଆନ୍ତି ଯାହାକୁ ଅଣୁବିକ୍ଷଣ ଯନ୍ତ୍ର ଦ୍ୱାରା ଦେଖିହୁଏ । ରାଇଜୋବିୟମ ବୀଜାଣୁ ବାୟୁମଣ୍ଡଳରୁ ନିଷ୍କ୍ରିୟ ଯବକ୍ଷାରଯାନକୁ ଶୋଷଣକରି ଭାତୁଡ଼ି ଭିତରେ ଏହାକୁ ସକ୍ରିୟ ଆମୋନିଆରେ ପରିଣତ କରନ୍ତି। ଉକ୍ତ ଆମୋନିଆ ଭାତୁଡ଼ି ମଧ୍ୟରେ ନାଇଟ୍ରୋଜନ୍ ବା ଉଦ୍‌ଜାନ ସଂସ୍ପର୍ଶରେ ଆସି ଫସଲ ପାଇଁ ଗ୍ରହଣ ଯୋଗୁ ଆମୋନିୟମରେ ପରିଣତ ହୁଏ । ଏ ପ୍ରକାର ରସାୟନିକ ପ୍ରକ୍ରିୟା ଦ୍ୱାରା ମାଟି ଭିତରେ ଏକ କ୍ଷୁଦ୍ର ପ୍ରାକୃତିକ ଯବକ୍ଷାରଯାନ ସାର କାରଖାନା ସୃଷ୍ଟିହୁଏ । ଛୁଇଁଜାତୀୟ ଫସଲ ଉକ୍ତ ପ୍ରାକୃତିକ ଯବକ୍ଷାରଯାନ ସାର କାରଖାନାରୁ ଆମୋନିୟମ ପାଇ ଫସଲ ବଢ଼େ । ଏହାଛଡ଼ା ଛୁଇଁଜାତୀୟ ଫସଲର ଚେ଼ରରୁ ଭାତୁଡ଼ି ସ୍ଖଳନ ହୋଇ ମାଟିରେ ମିଶିଲେ ମାଟିର ସୁଲଭ ଯବକ୍ଷାରଯାନ ପରିମାଣ ବଢ଼େ । ଉକ୍ତ ଯବକ୍ଷାରଯାନକୁ ଅଣଛୁଇଁଜାତୀୟ ଫସଲ ଗ୍ରହଣକରି ଶସ୍ୟ ଉତ୍ପାଦନ ବଢ଼ିବାରେ ସାହାଯ୍ୟକରେ।

ଉଭୟ ଛୁଇଁ ଏବଂ ଅଣଛୁଇଁଜାତୀୟ ଫସଲରେ ଭିଟାମିନ ବି–୧୨ ସଂଶ୍ଲେଷଣ କରିବାରେ କୋବାଲ୍‌ଟ ସାହାଯ୍ୟ କରିଥାଏ। ବିଶେଷଭାବରେ ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ବରସିମ୍, ଲୁସର୍ନ ଏବଂ ଅଣଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ମକା, ନାପିୟର, ପାରା ଓ ଗିନି ଆଦିରେ ଭିଟାମିନ ବି–୧୨ ପ୍ରସ୍ତୁତ କରିବାରେ କୋବାଲ୍‌ଟ ସାହାଯ୍ୟ କରିଥାଏ। ଭିଟାମିନ ବି–୧୨ ଅଭାବରେ ଗୋରୁ ଆଦି ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି । ମାଟିରେ ସୁଲଭ କୋବାଲ୍‌ଟ ସ୍ୱଳ୍ପ ପରିମାଣରେ ଅର୍ଥାତ୍ ହେକ୍ଟର ପ୍ରତି ୦.୨ ରୁ ୧.୨ କିଲୋଗ୍ରାମ ପର୍ଯ୍ୟନ୍ତ ଥାଏ । ଏଥିମଧ୍ୟରୁ ଅମ୍ଳ କିସମ ମାଟିରେ ସୁଲଭ କୋବାଲ୍‌ଟ ଆଶାନୁରୂପ ପରିମାଣରେ ଥିବାବେଳେ କ୍ଷାରୀ ମାଟିରେ ସୁଲଭ କୋବାଲ୍‌ଟ ଅଭାବ ପରିମାଣରେ ଅର୍ଥାତ୍ ୦.୨ ରୁ ୧.୦ କିଲୋଗ୍ରାମ ପର୍ଯ୍ୟନ୍ତ ଥାଏ, ଯାହାକି ଅଭାବ ପରିସୀମା ୧.୧୦ କିଲୋଗ୍ରାମ ଠାରୁ କମ୍ । କିନ୍ତୁ ଓଡ଼ିଶାର ପ୍ରାୟ ୭୦ ଶତକଡ଼ା ମାଟି ଅମ୍ଳ । ତେଣୁ ଓଡ଼ିଶା ମାଟିରେ ସୁଲଭ କୋବାଲ୍‌ଟ ଅଧିକ ରହିବାର ସମ୍ଭାବନା ଅଧିକ । କିନ୍ତୁ ଅମ୍ଳମାଟିରେ ଧାନ ଫସଲ ବ୍ୟତୀତ ଅଧିକାଂଶ ଫସଲ ଆଶାନୁରୂପ ଭାବେ ବଢ଼ିପାରେନାହିଁ। ସେଥିପାଇଁ ଅମ୍ଳମାଟିରେ ଚୂନ ପ୍ରୟୋଗ କରି ଫସଲ ଚାଷ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଏ ।

> "ଉଭୟ ଛୁଇଁ ଏବଂ ଅଣଛୁଇଁଜାତୀୟ ଫସଲରେ ଭିଟାମିନ ବି-୧୨ ସଂଶ୍ଳେଷଣ କରିବାରେ କୋବାଲ୍‌ଟ ସାହାଯ୍ୟ କରିଥାଏ । ବିଶେଷଭାବରେ ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ବରସିମ୍, ଲୁସର୍ନ ଏବଂ ଅଣଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ମକା, ନାପିୟର, ପାରା ଓ ଗିନି ଆଦିରେ ଭିଟାମିନ ବି-୧୨ ପ୍ରସ୍ତୁତ କରିବାରେ କୋବାଲ୍‌ଟ ସାହାଯ୍ୟ କରିଥାଏ । ଭିଟାମିନ ବି-୧୨ ଅଭାବରେ ଗୋରୁ ଆଦି ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି । ମାଟିରେ ସୁଲଭ କୋବାଲ୍‌ଟ ସ୍ୱଳ୍ପ ପରିମାଣରେ ଅର୍ଥାତ୍ ହେକ୍ଟର ପ୍ରତି ୦.୨ ରୁ ୧.୨ କିଲୋଗ୍ରାମ ପର୍ଯ୍ୟନ୍ତ ଥାଏ ।"



ଅମ୍ଳମାଟିରେ ଚୂନ ପ୍ରୟୋଗକଲେ ସବୁ ପ୍ରକାର ଛୁଇଁଜାତୀୟ ଫସଲର ଚେ଼ରରେ ଭାତୁଡ଼ି ସଂଖ୍ୟା ବଢ଼େ ସତ, କିନ୍ତୁ ମାଟିର ପିଏଚ୍ ବଢ଼ିବା ହେତୁ କୋବାଲ୍‌ଟ ଅଭାବରୁ ଭାତୁଡ଼ିରେ ରାଇଜୋବିୟମ ସଂଖ୍ୟା କମିଥାଏ । ତେଣୁ ଛୁଇଁଜାତୀୟ ଫସଲ ପାଇଁ ମାଟିର ପିଏଚ୍ ୬ ରୁ ୬.୫ ମଧ୍ୟରେ ରଖି ଉକ୍ତ ମାଟିରେ ହେଉଥିବା ଫସଲ ପାଇଁ ବଜାରରେ ରାସାୟନିକ ଦୋକାନରେ ମିଳୁଥିବା କୋବାଲ୍‌ଟ କ୍ଲୋରାଇଡ୍ ପ୍ରୟୋଗ କରିବା ଉଚିତ୍ । ପରୀକ୍ଷାରୁ ଜଣାପଡିଛି, ହେକ୍ଟର ପିଛା ୨.୦ କିଲୋଗ୍ରାମ କୋବାଲ୍‌ଟ କ୍ଲୋରାଇଡ୍‌କୁ ୪୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍‌ଫେଟ୍ ସହ ମିଶାଇ ପ୍ରୟୋଗକଲେ ଛୁଇଁଜାତୀୟ ଫସଲର ଚେ଼ରରେ ଭାତୁଡ଼ି ସଂଖ୍ୟା ବଢ଼ି ରାଇଜୋବିୟମ ବୀଜାଣୁ ସଂଖ୍ୟା ଠିକ୍ ପରିମାଣରେ ରହି ବାୟୁମଣ୍ଡଳରୁ ଯବକ୍ଷାରଜାନ ଗ୍ରହଣ ଠିକ୍ ଅନୁପାତରେ ହୋଇଥାଏ ।

ଗୃହପାଳିତ ରୋମନ୍ଥକ ପ୍ରାଣୀ ଅଧିକ ଭିଟାମିନ ବି–୧୨ ଆବଶ୍ୟକ କରନ୍ତି । ସବୁଜ ଗୋଖାଦ୍ୟରେ କିଲୋଗ୍ରାମ ପ୍ରତି ୦.୧୦ ରୁ ୦.୧୭ ମିଲିଗ୍ରାମ ରହିଲେ ରୋମନ୍ଥକ ପ୍ରାଣୀ ସୁସ୍ଥ ରହନ୍ତି । ଓଡ଼ିଶାର ଅଧିକ ଚାଷୀ ରୋମନ୍ଥକ ପ୍ରାଣୀଙ୍କୁ ଶୁଖିଲା ଗୋଖାଦ୍ୟ ଦିଅନ୍ତି । ପରୀକ୍ଷାରୁ ଜଣାଯାଇଛି, ଶୁଖିଲା ଧାନ ନଡ଼ାରେ କିଲୋଗ୍ରାମ ପ୍ରତି ମାତ୍ର ୦.୦୪୩ ମିଲିଗ୍ରାମ କୋବାଲ୍‌ଟ ଅଛି; ଯାହାକି ପ୍ରାଣୀମାନଙ୍କ ପାଇଁ ଆବଶ୍ୟକ ପରିମାଣଠାରୁ କମ୍ । ବିଭିନ୍ନ ଅନ୍ୟାନ୍ୟ ଗୋଖାଦ୍ୟ ଅମ୍ଳମାଟିରେ ଚାଷହୋଇଥିବା ବାଜରାରେ ୦.୨ ରୁ ୦.୩୩ ମିଲିଗ୍ରାମ, ଜୁଆରରେ ୦.୨୦ ରୁ ୦.୫୦ ମିଲିଗ୍ରାମ, ଗିନି ଘାସରେ ୦.୨୪ରୁ ୦.୪୮ ମିଲିଗ୍ରାମ, ପାରା ଘାସରେ ୦.୩ ରୁ ୩୨ ମିଲିଗ୍ରାମ ଏବଂ ବରମୁଣ୍ଡା ଘାସରେ ୦.୨୬ ରୁ ୩.୭୫ ମିଲିଗ୍ରାମ କୋବାଲ୍‌ଟ କିଲୋଗ୍ରାମ ପ୍ରତି ଥାଏ । ତେଣୁ ଏହିସବୁ ସବୁଜ ଗୋଖାଦ୍ୟକୁ ରୋମନ୍ଥକ ପ୍ରାଣୀଙ୍କୁ ଖାଇବାକୁ ଦେବା ଉଚିତ୍ । ଅନ୍ୟପକ୍ଷରେ ଧାନ, ଗହମ ଏବଂ ଓଟ୍ ଜାତୀୟ ଗୋଖାଦ୍ୟ ଫସଲରେ କୋବାଲ୍‌ଟ କ୍ଲୋରାଇଡ୍ ପ୍ରୟୋଗକରିବା ଉଚିତ୍ ।

–ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ସଅଳ କିସମ ଧାନ ଚାଷ



**ସ**ଅଳ କିସମ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳକରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି/ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗକରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି/ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନକରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନକରି ସିଞ୍ଚନ କରନ୍ତୁ।

## ଅଙ୍କୁରରେ

**ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭–୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ :** କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ । କେଣ୍ଡାଗୁଡ଼ିକ ୩–୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

**ଗହମ :** ଗହମ ବୁଣିବା ପାଇଁ ଜମିକୁ



ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା: ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି–୨୬୨ ସଂଗ୍ରହ କରନ୍ତୁ ।

**କୋଳଥ :** ଉର୍ମି, ଡିଏସ୍ ୧–୨, ଡିଏସ୍୧–୨–୨, ନୟାଗଡ଼–୧ ଆଦି କିସମ ସଂଗ୍ରହକରି ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ବୁଣାକାମ ଶେଷ କରନ୍ତୁ। ଜମି ପ୍ରସ୍ତୁତକରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୧୨.୫



କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ ।

**ଚିନାବାଦାମ :** ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।



ସ୍ମୃତି, ଦେବୀ, ଧରଣୀ, ଟି.ଜି.–୩୮, ଟିଏସ୍‌ଭି–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

## ପ୍ରାଣୀଙ୍କ ପ୍ରାକୃତିକ ଖାଦ୍ୟ



**ପ୍ରା**ଣୀଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷକରନ୍ତୁ। ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ। ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ବିଷ ସିଞ୍ଚନ କରନ୍ତୁ। ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ସେମାନଙ୍କୁ ପ୍ରତି ୩ ମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ ।

## ମାଛଚାଷ ସମୟରେ...



**ବ**ର୍ଷା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାବ୍ୟତୀତ ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସିଏଏନ୍) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ ସୁପର ଫସ୍‌ଫେଟ୍ (ଏସ୍‌ଏସ୍‌ପି) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

## ଆଖୁରେ ଅଗବିନ୍ଧା ପୋକ ଦମନ

**ଆ**ଖୁ କିଆରିରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ପକାଇ ଏହି ପୋକକୁ



ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହକରି ଜମିରେ ଛାଡ଼ନ୍ତୁ। ଏହାବ୍ୟତୀତ ସନ୍ଧ୍ୟାରେ ଜମିରେ ଧୂଆଁଦେବା ବ୍ୟବସ୍ଥା କରନ୍ତୁ।

ଦହିଆପୋକ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁପି କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ। ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ିଦେଇ ନଷ୍ଟ କରିଦିଅନ୍ତୁ ।

## ପନିପରିବା ଚାଷରେ ରୋଗପୋକ ନିୟନ୍ତ୍ରଣ

**ଲ**ଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶିଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଲି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।





Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


Hero
125M
CELEBRATING 125 MILLION CUSTOMERS
ଆସୁଛି ଧନତେରସର ପରବ,
ହିରୋ ରେ ସବାର ହୋଇ
XTREME 125R
Pleasure+
GST ଲାଭ
ସୀମିତ ସମୟର ଅଫର
ଉତ୍ପାଦଗୁଡ଼ିକ | ଏକ୍ସ-ଶୋ'ରୁମ୍ ମୂଲ୍ୟ | GST ଲାଭ
Xtreme 125R | ₹1 01 845 ₹93 884# | ₹7 961
PLEASURE + | ₹76 773 ₹70 772# | ₹6 001
ଏବେ ବୁକ୍ କରନ୍ତୁ ଧନତେରସ୍‌ରେ ସୁନିଶ୍ଚିତ ଡିଲିଭେରି ପାଇଁ
+ ନଗଦ ବୋନସ୍ ₹3 500~ ପର୍ଯ୍ୟନ୍ତ
+ ତୁରନ୍ତ ରିହାତି ₹10 000^ ପର୍ଯ୍ୟନ୍ତ
HDFC BANK କ୍ରେଡିଟ୍ କାର୍ଡ FESTIVE TREATS Powered by pine labs
+ ଦୈନିକ EMI ₹59$ ରୁ ଆରମ୍ଭ
ଡାଉନ୍ ପେମେଣ୍ଟ ₹1 999$ ରୁ ଆରମ୍ଭ
ସ୍ୱତନ୍ତ୍ର କର୍ପୋରେଟ୍ ଅଫର୍ ₹3 200~ ପର୍ଯ୍ୟନ୍ତ
INDIA'S FIRST 5 YEAR WARRANTY *Conditions apply
Hero GoodLife
ଜିତିବାର ସୁଯୋଗ
100% କ୍ୟାସବ୍ୟାକ
24 କ୍ୟାରେଟ ସ୍ୱର୍ଣ୍ଣ ମୁଦ୍ରା
ଏବଂ ଆହୁରି ଅନେକ ସୁନିଶ୍ଚିତ ଲାଭ*
Additional offers on:
Flipkart amazon.in
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Xtreme 125R x Pleasure+ in Bhubaneswar.
TOLL FREE
1800 266 0018
Authorized Dealers: Jeypore: Supreme Hero, Ph: 9289922183, , Raygada: Ajit Hero, Ph: 9289922819 Associate Dealers: Laxmipur:Tarini Motors-7205862853, Semiliguda:K P Enterprises-9437233464, Nabarangpur:Arun Sales & Service-9437174795, Gunpur:M/s Sai Sharan Automobiles-9437234012 Malkangiri:Kanishka Automobiles-9437181980, Kotpad:Shai Automobiles-7205593156, Umerkote:Bharat Sales-9937455659/9777765563, Kalimela:Laxminiyati Motors-9861002055, Bissam cuttack:Patnaik Motors-7008615208, Muniguda:Sandeep Automobiles, Ph-9668388730, Raighar: Raj Laxmi Auto- 9777563641, Koraput: Santosh Tyres- 9438021999.


mahindra Rise
ପାର୍ବଣ ଆଣିଛି
ପ୍ରଗତିର ପିକ୍-ଅପ୍ ର
ଉପହାର
ଏବେ ଲାଭ ବି ଅଧିକ । ନୂଆ GST ସହିତ ମୂଲ୍ୟ ବି କମ୍ ।
SUPRO PROFIT TRUCK
₹56 000.00* ପର୍ଯ୍ୟନ୍ତର GST ମୂଲ୍ୟ ହ୍ରାସ
+
₹94 000.00* ପର୍ଯ୍ୟନ୍ତର ଲାଭ
BOLERO MaXX PIK-UP
₹94 000.00* ପର୍ଯ୍ୟନ୍ତର GST ମୂଲ୍ୟ ହ୍ରାସ
+
₹54 000.00* ପର୍ଯ୍ୟନ୍ତର ଲାଭ
VEERO
₹78 000.00* ପର୍ଯ୍ୟନ୍ତର GST ମୂଲ୍ୟ ହ୍ରାସ
+
₹1 02 000.00* ପର୍ଯ୍ୟନ୍ତର ଲାଭ
ସୀମିତ ଷ୍ଟକ୍ । ଆଜି ହିଁ କିଣନ୍ତୁ ।
CNG ରେ ମଧ୍ୟ ଉପଲବ୍ଧ
95% ପର୍ଯ୍ୟନ୍ତ ଅନ୍-ରୋଡ୍ ପାଣ୍ଠି ଉପଲବ୍ଧ*
mahindra with you hamesha 1800-209-6006
xmart by mahindra SMART BUY. SMART EXCHANGE.
UDAY
ଦଶ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା
ପ୍ରଦର୍ଶିତ ସହ-ଉପକରଣସବୁ ମାନକ ଉପକରଣର ଭାଗ ନୁହେଁ ।
*GST ମୂଲ୍ୟ ହ୍ରାସ ଯୋଗୁଁ ନୂଆ ମୂଲ୍ୟ ୨୨ ସେପ୍ଟେମ୍ବର ୨୦୨୫ ରୁ ଲାଗୁ । *ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ ।
PARAMOUNT AUTOMOTIVES:
JEYPORE, KORAPUT, MALKANGIRI, NABRANGPUR, RAYAGADA: 7574808724

ଧରିତ୍ରୀ
DHARITRI
ପୃଷ୍ଠା-୮+୮
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୫/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Wednesday, October 15/2025 Page 16 ₹ 7.00 | RAYAGADA
୫୧ଶ ଭାଗ ୩୧୯ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 319 ମୂଲ୍ୟ ₹୭/-

# ପୁରୁଷ ବନ୍ଧୁ ଖଳନାୟକ

## ଡାକ୍ତରୀ ଛାତ୍ରୀ ଗଣବଳାତ୍କାର ଘଟଣାରେ ନୂଆ ମୋଡ଼

**କୋଲକାତା,୧୪।୧୦**

ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜ ବାହାରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣବଳାତ୍କାର ମାମଲା ମଙ୍ଗଳବାର ନୂଆ ମୋଡ଼ ନେଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁ ୱାସିଫ ଅଲ୍ଲୀ ଘଟଣାର ମୁଖ୍ୟ ଖଳନାୟକ ବୋଲି ପୋଲିସ ଜାଣିବାକୁ ପାଇଛି। ମଙ୍ଗଳବାର ସନ୍ଧ୍ୟାରେ ୱାସିଫଙ୍କୁ ପୋଲିସ ଗିରଫ କରିଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।

ବାଲେଶ୍ୱର ଜିଲା ଜଳେଶ୍ୱରର ଏହି ଛାତ୍ରୀ ଜଣକ ଶୁକ୍ରବାର ରାତିରେ ପୁରୁଷ ବନ୍ଧୁଙ୍କ ସହ ମେଡିକାଲ କଲେଜ ବାହାରକୁ ଡିନର କରିବାକୁ ଯାଇଥିବାବେଳେ ବଳାତ୍କାରର ଶିକାର ହୋଇଥିଲେ। ପୁରୁଷ ବନ୍ଧୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତାଙ୍କ ବୟାନରୁ ଜଣାପଡ଼ିଛି। ପୀଡ଼ିତାଙ୍କ ବାପା ମଧ୍ୟ ଅଭିଯୋଗରେ ୱାସିଫଙ୍କ ନାଁ ନେଇଥିଲେ। ତାଙ୍କୁ ମିଶାଇ ମୋଟ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ୱାସିଫଙ୍କୁ ବୁଧବାର ସକାଳେ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି।

ଇତିମଧ୍ୟରେ ପୋଲିସ ଗଣବଳାତ୍କାର ଅଭିଯୋଗକୁ ଖଣ୍ଡନ କରିଛି। ଜଣେ ବ୍ୟକ୍ତି ହିଁ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବୟାନ, ପ୍ରାରମ୍ଭିକ ଭୌତିକ ପ୍ରମାଣ ଆଦିରୁ ଜଣେ ବ୍ୟକ୍ତି ହିଁ ବଳାତ୍କାର କରିଥିବା ସ୍ପଷ୍ଟ ହେଉଛି ବୋଲି ଆସନସୋଲ୍-ଦୁର୍ଗାପୁର ପୋଲିସ କମିଶନର ସୁନିଲ କୁମାର ଚୌଧୁରୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ଆମେ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ଜେରା କରିବା ସହ ସବୁ ଦିଗକୁ ଅନୁଧ୍ୟାନ କରୁଛୁ ବୋଲି ସେ କହିଛନ୍ତି।

ପୁରୁଷ ବନ୍ଧୁଙ୍କୁ ଗିରଫ କରାଯିବା ପୂର୍ବରୁ ଅପରାହ୍ନରେ ପୋଲିସ ୫ ଅଭିଯୁକ୍ତଙ୍କ ସହ ତାଙ୍କୁ ଅପରାଧ ସ୍ଥଳକୁ ନେଇ କ୍ରାଇମ୍ ସିନ୍‌ର ରିକ୍ରିଏଶନ କରିଥିଲା। କାଳୀବାରି ଶ୍ମଶାନ ନିକଟବର୍ତ୍ତୀ ଜଙ୍ଗଲରେ ଏମ୍‌ବିବିଏସ୍ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଅଭିଯୁକ୍ତ ଓ ପୁରୁଷ ବନ୍ଧୁଙ୍କୁ ସେଠାକୁ ନିଆଯାଇ ଶୁକ୍ରବାର ରାତିରେ ଅପରଧ ଘଟାଇବା ବେଳେ ସେମାନେ କ'ଣ ସବୁ କରିଥିଲେ, ତାହା ପୁନର୍ବାର କରିବାକୁ ପୋଲିସ କହିଥିଲା। ସମ୍ପୂର୍ଣ୍ଣ ରିକ୍ରିଏଶନ ଦୃଶ୍ୟର ଭିଡିଓଗ୍ରାଫି କରାଯିବା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏହାକୁ ପୀଡ଼ିତାଙ୍କ ବୟାନ ସହ ଯାଞ୍ଚ୍ କରାଯିବ ବୋଲି ତଦନ୍ତକାରୀ ଟିମ୍‌ର ଜଣେ ପୋଲିସ୍ ଅଧିକାରୀ କହିଛନ୍ତି। ଅପରାଧ ସ୍ଥଳକୁ ନେବା ପୂର୍ବରୁ ପୀଡ଼ିତାଙ୍କ ବନ୍ଧୁଙ୍କୁ ପୋଲିସ ଘଣ୍ଟାଏ ଧରି ଜେରା କରିଥିଲା। ୨ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର ସେମାନଙ୍କ ଘରକୁ ନିଆଯାଇ ଅପରାଧ ସହ ସାମିଲ ଥିବା ପ୍ରମାଣକୁ ପୋଲିସ ଖୋଜିଥିଲା।

## ଦେଶର ୧୦୦ ଦୁର୍ଘଟଣାପ୍ରବଣ ଜିଲା ମଧ୍ୟରେ ସୁନ୍ଦରଗଡ଼, ଗଞ୍ଜାମ

**ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)**

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୦୦ଟି ଦୁର୍ଘଟଣାପ୍ରବଣ ଜିଲାକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ଓଡ଼ିଶାର ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲା ରହିଛି। ଓଡ଼ିଶାର ଏହି ୨ ଜିଲାରେ ଘଟୁଥିବା ଦୁର୍ଘଟଣା ଏବଂ ଏଥିଜନିତ ହେଉଥିବା ମୃତ୍ୟୁସଂଖ୍ୟା ଯେଉଁଭଳି ବୃଦ୍ଧି ଘଟୁଛି ତାହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ୨୦୨୪ରେ ଜାନୁଆରୀରୁ ଜୁଲାଇ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଯେତିକି ଘଟିଥିଲା ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଘଟିଥିବା ଦୁର୍ଘଟଣାକୁ ତୁଳନାକଲେ ଏଥିରେ ୨୩ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୪ ଜାନୁଆରୀରୁ ☞ପୃଷ୍ଠା-୬

## ଡିସେମ୍ବର ୨୨ରୁ ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା

**ଭୁବନେଶ୍ୱର,୧୪।୧୦(ସୁଚିସ୍ମିତା ସାହୁ)**

ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା ଆସନ୍ତା ଡିସେମ୍ବର ୨୨ରୁ ଆରମ୍ଭ ହୋଇ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୁଇଟି ସ୍ଲଟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିବେ। ଯଦି ଛାତ୍ରୀଛାତ୍ର କୌଣସି କାରଣ ଯୋଗୁ ପରୀକ୍ଷା ଦେଇପାରି ନ ଥିବେ କିମ୍ବା ପ୍ରଥମ ପରୀକ୍ଷାରେ ଫେଲ ହୋଇଥିବେ, ☞ପୃଷ୍ଠା-୬

DSPL - 316



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କୃଷି ବିଦ୍ୟାନିଧି ଯୋଜନା

- ସିଏମ୍ କିଷାନ ହିତାଧିକାରୀ ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା
- AISHE ମାନର ସରକାରୀ ଶିକ୍ଷାନୁଷ୍ଠାନର ସମସ୍ତ ଖର୍ଚ୍ଚ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନର ନିର୍ଦ୍ଧାରିତ ହାରରେ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର
- ଜାତୀୟ ଶିକ୍ଷାନୁଷ୍ଠାନ ଯଥା IIT, IIM, NIT, AIIMS ଏବଂ ICAR ରେ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସରକାରୀ ସହାୟତାର ବ୍ୟବସ୍ଥା

| କ୍ର.ନଂ | କାର୍ଯ୍ୟକ୍ରମ | ସମୟ ସୀମା (୨୦୨୫-୨୬) |
| --- | --- | --- |
| ୧ | ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍‌ଲାଇନ୍ ଆବେଦନର ଆରମ୍ଭ ତାରିଖ | ୧୫.୧୦.୨୦୨୫ |
| ୨ | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ | ୩୦.୧୧.୨୦୨୫ |
| ୩ | ଅନୁଷ୍ଠାନର ପ୍ରଧାନ/ ମୁଖ୍ୟଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ରେକର୍ଡର ଅନ୍‌ଲାଇନ୍ ଯାଞ୍ଚର ଶେଷ ତାରିଖ | ୧୫.୧୨.୨୦୨୫ |
| ୪ | ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ରେକର୍ଡର ଅନ୍‌ଲାଇନ୍ ଯାଞ୍ଚର ଶେଷ ତାରିଖ | ୧୫.୦୧.୨୦୨୬ |

ଯୋଗ୍ୟ ଛାତ୍ରଛାତ୍ରୀମାନେ www.scholarship.odisha.gov.inରେ ଆବେଦନ କରନ୍ତୁ

ଅଧିକ ସୂଚନା ପାଇଁ ୧୫୫୩୩୫/ ୧୮୦୦-୩୪୫-୬୭୭୦ରେ ଯୋଗାଯୋଗ କରନ୍ତୁ

OIPR-01102/13/0036/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର




Honda Exclusive Authorized Dealerships: JEYPORE: Kesar Honda - 06854-230492, 8895321212; KALIMELA: Mahi Honda - 9937552882; MALKANGIRI: Kesar Honda - 9668796587; MUNIGUDA: Laxmi Honda - 0958352467; NABRANGPUR: Virider Honda - 7008899292, 9937413659; UMERKOTE: Sita Ram Honda - 6372732198; RAYGADA: Aditya Honda - 9938418969, 8280096999, 6281201674; GUNUPUR: Sri Rama Motors -7894894696; PADMAPUR: Krupasindhu Motors - 7978135364; SIMLIGUDA: SS Honda - 06853225397, 7799882597; LAXMIPUR: Maa Tarini Honda: 9348897775, 8658515778
For Bulk/Institutional enquiries, please write us at: institutionalsales@honda2wheelersindia.com

# ଷଡ଼ଯନ୍ତ୍ରକାରୀ ବାପ, ପୁଅଙ୍କ ସମେତ ୪ ଗିରଫ

**ଏମ୍ସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା ଘଟଣା**

- ମୁଖ୍ୟ ଅଭିଯୁକ୍ତ ଶିବାଙ୍କୁ ଖୋଜୁଛି ପୋଲିସ
- ଅପରାଧରେ ବ୍ୟବହୃତ ବନ୍ଧୁକ ଜବତ

ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)


ଗିରଫ ୪ ଅଭିଯୁକ୍ତ।

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ ନେଇ ଏମ୍ସ କର୍ମଚାରୀ ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳି କରି ହତ୍ୟା ଘଟଣାରେ ମଙ୍ଗଳବାର ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ସୁଧାଂଶୁଙ୍କ ଦାଦାପୁଅ ଭାଇ ମୁଖ୍ୟ ଅଭିଯୁକ୍ତ ଶିବା ପ୍ରଧାନ ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାକୁ ଖୋଜାଖୋଜି ଜାରି ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିବାଙ୍କ ବାପା ସୁକାନ୍ତ ପ୍ରଧାନ ଓରଫ ଭାଲୁ, ବଡ଼ଭାଇ ଶୁଭେନ୍ଦୁ ପ୍ରଧାନ ଓରଫ ଛବି, ସାଙ୍ଗ ରାକେଶ ଖୁଣ୍ଟିଆ ଓରଫ ରାକା ଏବଂ ରଘୁନାଥନଗରର କାହ୍ନା ଓରଫ ସୁବ୍ରତ ସାହୁ। ଶିବା ହିଁ ସୁଧାଂଶଙ୍କୁ ଗୁଳି କରି ହତ୍ୟା କରିଥିଲେ ବୋଲି ଖବରଦାତା ସମ୍ମିଳନୀରେ ଜୋନ ଏସିପି-୩ ତାପସ ପ୍ରଧାନ କହିଛନ୍ତି। ଘଟଣା ଭିଆଇବା ପରେ ଶିବା ଉକ୍ତ ବନ୍ଧୁକକୁ ନେଇ ରାକେଶଙ୍କ ମାଧ୍ୟମରେ କାହ୍ନାଙ୍କୁ ଦେଇଥିଲେ। ପୋଲିସ କାହ୍ନାଙ୍କଠାରୁ ଅପରାଧରେ ବ୍ୟବହୃତ ବନ୍ଧୁକ (୭.୬୫ ଏମ୍ଏମ୍ ପିସ୍ତଲ) ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଶିବା କେଉଁଠାରୁ ବନ୍ଧୁକ ଆଣିଥିଲେ ସେନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସୁଧାଂଶୁଙ୍କ ପରିବାର ଓ ଶିବାଙ୍କ ପରିବାର ମଧ୍ୟରେ ଘରଡିହ ଜମିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଏପରିକି ୭ବର୍ଷ ହେବ ଭୁବନେଶ୍ୱର ସିଭିଲ କୋର୍ଟରେ ଏନେଇ ମାମଲା ମଧ୍ୟ ଚାଲିଛି। ମୃତ୍ୟୁ ପୂର୍ବରୁ ଜେଜେମା' ବିଳାସିନୀ ନାତି ସୁଧାଂଶୁଙ୍କ ନାଁରେ ଘରଡିହ କରିଦେଇଥିଲେ। କୋର୍ଟରେ ଏନେଇ ସୁଧାଂଶୁ ପ୍ରମାଣ ଦେବାରୁ ଦାଦା ପରିବାର ତାଙ୍କୁ ହତ୍ୟା କରିବାକୁ ଯୋଜନା ରଚିଥିଲେ। ଦାଦା ସୁକାନ୍ତ, ଦୁଇ ପୁଅ ଛବି ଓ ଶିବା ଏବଂ ସାଙ୍ଗ ରାକେଶ ଏନେଇ ଷଡ଼ଯନ୍ତ୍ର କରିଥିଲେ। କିଛିଦିନ ତଳେ ଶିବା ଏକ ବନ୍ଧୁକ ଯୋଗାଡ଼ କରି ଆଣିଥିଲେ। ସୁଧାଂଶୁ ସୋମବାର ସକାଳ ପ୍ରାୟ ୯ଟାରେ ବାଇକ ଯୋଗେ ଏମ୍ସକୁ ଡ୍ୟୁଟି କରିବାକୁ ଯାଉଥିବାବେଳେ ଗାଁ ରାସ୍ତାରେ ଶିବା ଛକି ରହିଥିଲେ। ରାକେଶ ସେହି ବାଟେ ଆସି ତାଙ୍କ ପଛରେ ସୁଧାଂଶୁ ଆସୁଥିବା ଜଣାଇଥିଲେ। ପରେ ସୁଧାଂଶୁଙ୍କୁ ରାସ୍ତାରେ ଅଟକାଇ ଶିବା ଗୁଳି କରି ହତ୍ୟା କରିଥିଲେ। ଏନେଇ ସୁଧାଂଶୁଙ୍କ ସାନଭାଇ ଦେବାଶିଷଙ୍କ ଏତଲାକ୍ରମେ ଖଣ୍ଡଗିରି ପୋଲିସ ଏକ ମାମଲା (ନଂ. ୭୩୮/୨୦୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଧରାପଡ଼ିଲା ବହୁ କୋଟି ଟଙ୍କାର ହେରଫେର

- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କନିଷ୍ଠ କିରାଣି ନିଲମ୍ବିତ
- ନକଲି ଇ-ଚାଲାଣ ଦେଇ ଆତ୍ମସାତ୍ କରୁଥିଲେ ଅର୍ଥ
- ଏଜିଙ୍କ ଅଡିଟ୍ ପରେ ଖୋଲିଗଲା ବହୁ ବର୍ଷର ଗୁମର

ଅନୁଗୋଳ,୧୪।୧୦(ମାନସ ବିଶ୍ୱାଳ)


ନିଲମ୍ବିତ କନିଷ୍ଠ କିରାଣି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଆକାଉଣ୍ଟାଣ୍ଟ ଦାୟିତ୍ୱରେ ଥିବା କନିଷ୍ଠ କିରାଣି ସୁବ୍ରତ ବେହେରା ଦରମା ବାବଦ ଅର୍ଥରୁ ବହୁ କୋଟି ଟଙ୍କାର ହେରଫେର୍ କରିଥିବା ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟରୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ବହୁବର୍ଷ ଧରି ସେ କିପରି ସରକାରୀ ଅର୍ଥ ଆତ୍ମସାତ୍ କରିଚାଲିଥିଲେ ତାହାର ଗୁମର ଖୋଲିଯାଇଛି। ଏ ସମ୍ପର୍କରେ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି), ସ୍ୱାସ୍ଥ୍ୟ ବିଭାଗ ଅଡିଟ୍ ଟିମ୍ ଓ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍ଆର୍ଏମ୍ଏସ୍) ତଦନ୍ତ କରିବା ପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିଛି। ଏ ନେଇ କନିଷ୍ଠ କିରାଣିଙ୍କ ବିରୋଧରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ୨୦୦୭ ମସିହାରେ ସୁବ୍ରତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କନିଷ୍ଠ କିରାଣି ଭାବେ ନିଯୁକ୍ତି ମିଳିଥିଲା। ୨୦୧୫-୧୬ରୁ ସେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଇତିମଧ୍ୟରେ ସେ ନିଜ ଆକାଉଣ୍ଟକୁ ନିର୍ଦ୍ଧାରିତ ଦରମା ଠାରୁ ବହୁ କୋଟି ଟଙ୍କା ଅଧିକ ପଠାଇଥିବା ଜଣାପଡ଼ିଥିଲା। ଏଜିଙ୍କ ଅଡିଟ୍‌ରୁ ଏହା ଧରାପଡ଼ିବା ପରେ ତଦନ୍ତ ପରିଧି ବଢ଼ାଯାଇଥିଲା। ୫ ଦିନ ଧରି ଅନୁଗୋଳରେ ଏଜି ତଦନ୍ତ କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଅଡିଟ୍ ଟିମ୍ ମଧ୍ୟ ଏହାର ତଦନ୍ତ କରିଥିଲା। କନିଷ୍ଠ କିରାଣି ସୁବ୍ରତ ଅଧିକାଂଶ ସମୟରେ ଡାକ୍ତରଖାନାର କର୍ମଚାରୀ, ଡାକ୍ତରଙ୍କ ଆକାଉଣ୍ଟକୁ ଜାଣିଶୁଣି ଅଧିକ ଦରମା ପଠାଇ ଦେଉଥିଲେ। ପରେ ଦରମା ବାବଦ ଯାଇଥିବା ଅଧିକ ଅର୍ଥ ଫେରସ୍ତ ପାଇଁ ସମ୍ପୃକ୍ତ କର୍ମଚାରୀ ଓ ଡାକ୍ତରଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ। ଏପରି କି ଅଧିକ ଅର୍ଥ ଫେରସ୍ତ ସମୟରେ ସେ ଏକ ନକଲି ଇ-ଚାଲାଣ ମଧ୍ୟ ଦେଉଥିବା ତଦନ୍ତରୁ ଜଣାପଡ଼ିଛି। ସମ୍ପୃକ୍ତ କିରାଣିଙ୍କ ଏପରି ଅର୍ଥ ଆତ୍ମସାତ୍ ଘଟଣାକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ସ୍ୱୀକାର କରିଛନ୍ତି।

# ଯବାନ ସ୍ୱାମୀଙ୍କ ଘର ଆଗରେ ସ୍ତ୍ରୀଙ୍କ ଧାରଣା

**ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ସତ୍ତ୍ୱେ ସ୍ତ୍ରୀ ମାନ୍ୟତା ଦେବାକୁ ନାରାଜ ସ୍ୱାମୀ**

କାଲିମେଳା, ୧୪।୧୦ (ଜୀବନ କୃଷ୍ଣ ଦାସ)


କରିସ୍ମା ତାଙ୍କ ମା'ଙ୍କ ସହ ଧାରଣା ଦେଇଛନ୍ତି।

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ନଲାଗଣ୍ଡି ପଞ୍ଚାୟତ ଏମ୍ଭି-୭୨ ଗାଁରେ ଜଣେ ବିଏସ୍ଏଫ୍ ଯବାନଙ୍କ ଘର ସମ୍ମୁଖରେ ଗତ ୨ ଦିନ ହେଲା ଧାରଣାରେ ବସିଛନ୍ତି ତାଙ୍କ ସ୍ତ୍ରୀ। ତାପସ ମଣ୍ଡଳ ବିଏସ୍ଏଫ୍ ଯବାନ ଭାବେ ଜମ୍ମୁ କଶ୍ମୀର ସିଲିଗୁଡ଼ିରେ କାର୍ଯ୍ୟରତ ଥିବାବେଳେ ନିଜର ଅଧିକାର ଦାବିରେ ସ୍ତ୍ରୀ କରିସ୍ମା ମଣ୍ଡଳ ତାଙ୍କ ମା' ସହ ଧାରଣା ଦେଇଛନ୍ତି। ତାପସଙ୍କ ବାପା ତୁଷାର ମଣ୍ଡଳ, ଶାଶୁ ଓ ନଣନ୍ଦ ଘର ଛାଡ଼ି ଫେରାର ହୋଇଯାଇଛନ୍ତି।

ତାପସ ପଡ଼ିଆ ବ୍ଲକ୍ ଶିମିଳିବାଞ୍ଚା ପଞ୍ଚାୟତ ଏମ୍ଭି -୬୧ ଗ୍ରାମର କୃଷ୍ଣପଦ ବିଶ୍ୱାସଙ୍କ ଝିଅ କରିସ୍ମାଙ୍କୁ ମାଲକାନଗିରି ମାଲିକେଶ୍ୱର ଶିବମନ୍ଦିରରେ ବିବାହ କରିଥିଲେ। ପରେ ଉଭୟେ ୨୦୨୨ ସେପ୍ଟେମ୍ବର ୩୦ରେ କୋର୍ଟ ମ୍ୟାରେଜ କରିଥିଲେ। ଏହାପରେ ଉଭୟେ ମାଲକାନଗିରିରେ ଘର ଭଡ଼ା ନେଇ ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିଲେ। ହେଲେ ଶ୍ୱଶୁର ତାପସ, ଶାଶୁ ଓ ପରିବାର ଅନ୍ୟ ସଦସ୍ୟମାନେ ପୁଅ ବୋହୂଙ୍କ ସମ୍ପର୍କରେ ବିଭେଦ ସୃଷ୍ଟିକରି ଉଭୟଙ୍କୁ ଅଲଗା କରିଦେଇଥିଲେ। ଏହାପରେ ନ୍ୟାୟ ପାଇଁ କରିସ୍ମା ଏମ୍ଭି-୭୯ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୯୮/୨୨ରେ ଏକ ମାମଲା ରୁଜୁକରିବା ସହ ଅଭିଯୁକ୍ତ ତାପସ ମଣ୍ଡଳଙ୍କୁ ମୋଟୁ କୋର୍ଟକୁ ଚାଲାଣ କରିଥିଲା। ଏହା ବିରୋଧରେ ଅଭିଯୁକ୍ତ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ସ୍ୱାମୀସ୍ତ୍ରୀ ଏକାଠି ରହିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କରିସ୍ମାଙ୍କୁ ଶ୍ୱଶୁର, ଶାଶୁ, ସ୍ୱାମୀ କି ପରିବାର ଲୋକ ସ୍ତ୍ରୀ କିମ୍ବା ବୋହୂ ମାନ୍ୟତା ନ ଦେବାରୁ ସେ ଏମ୍ଭି-୭୨ ଗାଁକୁ ଆସି ଶ୍ୱଶୁରଘର ଆଗରେ ଧାରଣାରେ ବସିଛନ୍ତି। ଏ ସମ୍ପର୍କରେ ସ୍ୱାମୀ ଓ ଶ୍ୱଶୁରଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ଘରେ ଅନୁପସ୍ଥିତ ରହିଥିବା ବେଳେ ଫୋନ କରିଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ। ଫଳରେ ସେମାନଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

# ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଭିଡିଓ ପ୍ରସାରଣକରି ଯୁବକ ଗିରଫ

କଟକ,୧୪।୧୦(କାର୍ତ୍ତିକ ସାହୁ)

ସାମାଜିକ ଗଣମାଧ୍ୟମରେ ଏକାଧିକ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ କଟକ ସାଇବର ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସାଲେପୁର ଥାନା ଅନ୍ତର୍ଗତ ଜିଗିନି ପାଟପୁର ଗ୍ରାମର ବିଶ୍ୱବଲ୍ଲଭ ନନ୍ଦ। ବିଶ୍ୱବଲ୍ଲଭଙ୍କ ନିକଟରୁ ଗୋଟିଏ ସ୍ମାର୍ଟଫୋନ୍, ସିଡୀ ଓ ମୋବାଇଲ ସ୍କ୍ରିନ୍‌ସର୍ଟ ଜବତ ହୋଇଛି। ଏ ନେଇ ବିଭିନ୍ନ ଦଫାରେ କଟକ ସାଇବର ଥାନାରେ ଏକ ମାମଲା (ନଂ.୮୩/୨୦୨୫) ରୁଜୁ ହୋଇଛି।

ସୂଚନାନୁସାରେ ବିଶ୍ୱବଲ୍ଲଭ ସମାଜରେ ଜଣାଶୁଣା ବ୍ୟକ୍ତିମାନଙ୍କ ଫଟୋକୁ ବ୍ୟବହାର କରି କମ୍ପ୍ୟୁଟର ଜରିଆରେ ସେମାନଙ୍କ ମିଥ୍ୟା ତଥା ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରୁଥିଲେ। ସେଗୁଡ଼ିକୁ ଫେସ୍‌ବୁକ୍ ଭଳି ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିଲେ। ତେବେ ସେ ଲୋକମାନଙ୍କ ନିକଟରୁ ଅର୍ଥ ଦାବି କରୁଥିଲେ କି ନାହିଁ ପୋଲିସ ତାହାର ତଦନ୍ତ କରୁଛି।

# ଭାଜପା କର୍ମୀଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୧୪।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୁଣି ମାଓବାଦୀଙ୍କ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ପୁଣି ଜଣେ ଭାଜପା କର୍ମୀଙ୍କୁ ହତ୍ୟା କରିଛନ୍ତି। ମଙ୍ଗଳବାର ରାତିରେ କେତେଜଣ ସଶସ୍ତ୍ର ମାଓବାଦୀ ବିଜାପୁର ଭାଜପା ମଣ୍ଡଳସ୍ତରୀୟ କର୍ମୀ ସତ୍ୟମ ପୁନେମଙ୍କୁ ତାଙ୍କ ଘରୁ ଉଠାଇନେଇ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏଥିସହ ମୃତଦେହ ପାଖରେ ଏକ ଚିଠି ମଧ୍ୟ ଛାଡ଼ିଯାଇଛନ୍ତି। ସତ୍ୟମ ପୁନେମ ପୋଲିସ ସୂଚନାଦାତା ଥିଲେ। ତାଙ୍କୁ ମାଓବାଦୀ ସଂଗଠନ ତରଫରୁ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ସେ ପୋଲିସକୁ ମାଓବାଦୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରୁଥିଲେ। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଘଟଣାସ୍ଥଳରେ ବିଜାପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## Business

# ଡୋର ଟୁ ଡୋର ରେଳ ପାର୍ସଲ ସେବା ଆରମ୍ଭ

ଭୁବନେଶ୍ୱର,୧୪।୧୦



ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୋନିକ୍ ଇଣ୍ଟିଗ୍ରେଟେଡ୍ ଲଜିଷ୍ଟିକ୍ସ ହବ୍‌କୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହାସହ ୨ଟି ନୂତନ ଡୋର-ଟୁ-ଡୋର ମାଲ୍ ଏବଂ ପାର୍ସଲ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଡୋର-ଟୁ-ଡୋର ସେବା ଦକ୍ଷତା ବୃଦ୍ଧି କରିବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ। ଶିଳ୍ପଗୁଡ଼ିକ ଗନ୍ତବ୍ୟସ୍ଥଳକୁ ସମ୍ପୂର୍ଣ୍ଣ ରେକ୍ ପୂରଣ ନ କରି ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ କଣ୍ଟେନର ପଠାଇପାରିବେ। କାରଖାନା ଏବଂ ଟ୍ରେନ୍‌ର ଲୋଡିଂ ଅନ୍‌ଲୋଡିଂ ପଏଣ୍ଟ ମଧ୍ୟରେ ଲଜିଷ୍ଟିକାଲ ବ୍ୟବଧାନକୁ ଡୋର-ଟୁ-ଡୋର ସେବା ମାଧ୍ୟମରେ ପୂରଣ କରିବ। ସାମଗ୍ରୀ ସେଡ୍ କିମ୍ବା ଲଜିଷ୍ଟିକ୍ସ ଟର୍ମିନାଲଗୁଡ଼ିକରେ ଖାଦ୍ୟଶସ୍ୟ, ସିମେଣ୍ଟ ଏବଂ ଟ୍ରାକ୍ଟର ଆଦି ସାମଗ୍ରୀ ପରିଚାଳନା କରିବାକୁ ପ୍ରସ୍ତୁତ। ଏହି ସୁବିଧାରେ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି, ଯେଉଁଥିରେ ଗୋଦାମ, ଡୋର-ଟୁ-ଡୋର ସେବା ଏବଂ ଗ୍ରାହକ କଣ୍ଟେନର ଷ୍ଟଫିଂ ଏବଂ ଡି-ଷ୍ଟଫିଂ ପାଇଁ ସୁବିଧା ରହିବ। ସୋନିକ୍ ଏହି ସୁବିଧା ପ୍ରଦାନ କରୁଥିବା ପ୍ରଥମ ସମନ୍ୱିତ ଲଜିଷ୍ଟିକ୍ସ ହବ୍ ପାଲଟିଛି। ଟର୍ମିନାଲଟି ଲକ୍ଷ୍ନୌରୁ ପ୍ରାୟ ୫୦ କିଲୋମିଟର ଏବଂ କାନପୁରରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ଏହା କାନପୁର ଏବଂ ଲକ୍ଷ୍ନୌ ଅଞ୍ଚଳର ବର୍ଦ୍ଧିତ ଲଜିଷ୍ଟିକ୍ସ ଆବଶ୍ୟକତା ପୂରଣ କରିବ। କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ସମସ୍ତ ଟର୍ମିନାଲ କାର୍ଯ୍ୟ ପରିଚାଳନା କରିବ। ଟର୍ମିନାଲଟି ସାର, ଏବଂ ଶ୍ରମିକ ଉଭୟଙ୍କ ପାଇଁ ଆବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ। ଏହି ମାର୍ଗ ଦିଲ୍ଲୀ - ଆଗ୍ରା - କାନପୁର - କୋଲକାତାକୁ ସଂଯୋଗକରେ। ରେଳ ପାର୍ସଲ ଭ୍ୟାନ୍ (ମୁମ୍ବାଇରୁ କୋଲକାତା) ବ୍ୟବହାରକରି ପାର୍ସଲ ସେବା ପ୍ରଦାନ କରିବ। ସଡ଼କ ପରିବହନ ତୁଳନାରେ, ରେଳ ପାର୍ସଲ ସେବା ଲଜିଷ୍ଟିକ୍ସ ଖର୍ଚ୍ଚରେ ୭.୫% ହ୍ରାସ କରିଥାଏ। ଏହା ସହ ରେଳ ପରିବହନ ଯଥେଷ୍ଟ ଦ୍ରୁତ, ପରିବହନ ସମୟରେ ପ୍ରାୟ ୩୦% ସଞ୍ଚୟ ପ୍ରଦାନକରେ। ଏହାସହ ଆଉ ଏକ ପରୀକ୍ଷଣ ମଧ୍ୟ ସଫଳ ହୋଇଛି - ଚାଷୀମାନଙ୍କୁ ଲାଭଦେବା ପାଇଁ ସୁଲଭ ମୂଲ୍ୟରେ ଟ୍ରାକ୍ଟର ଭଳିଉପକରଣ ପରିବହନ କରାଯିବ। ଯେପରି କାର୍ କାର୍ଗୋକୁ ଦକ୍ଷତାର ସହିତ ସ୍ଥାନାନ୍ତର କରାଯାଏ, ସେହିପରି ଟ୍ରାକ୍ଟର ଏବଂ ଭାରି ନିର୍ମାଣ ଉପକରଣ ପାଇଁ ମଧ୍ୟ ସମାନ ପରିବହନ ସୁବିଧା ବିସ୍ତାର କରାଯିବ। ରେଳ ବୋର୍ଡର ଅଧ୍ୟକ୍ଷ ଏବଂ ସିଇଓ ସତୀଶ କୁମାର କହିଛନ୍ତି, ଡୋର-ଟୁ-ଡୋର ଡେଲିଭରି ପଦକ୍ଷେପ ଦ୍ୱାରା ଜଣେ କନ୍‌ସାଇନିଙ୍କ କନ୍‌ସାଇନମେଣ୍ଟ ସିଧାସଳଖ ଗୋଦାମ କିମ୍ବା କାରଖାନାରୁ ଉଠାଯାଏ ଏବଂ ଭାରତୀୟ ରେଳପଥ ଦ୍ୱାରା ଅନ୍ତିମ ଗନ୍ତବ୍ୟସ୍ଥଳରେ ପହଞ୍ଚାଯାଏ। ସୂଚନା ଥାଉକି, ଭାରତୀୟ ରେଳ (ଭାରତୀୟ ରେଳପଥ) ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲବାହୀ ପରିବହନକାରୀ, ଯାହା ବାର୍ଷିକ ୧.୬ ବିଲିୟନ ଟନ୍ ସାମଗ୍ରୀ ପରିବହନକରେ।

# ଫାବ୍ ଇଣ୍ଡିଆ ଉଦଘାଟନ୍ କଲେ ସୋନୁ ସୁଦ୍




ଭୁବନେଶ୍ୱର,୧୪।୧୦

ଲାଇଫଷ୍ଟାଇଲ ବ୍ରାଣ୍ଡ ଫାବ୍ ଇଣ୍ଡିଆର ନୂଆ ଷ୍ଟୋର ବାଲେଶ୍ୱର ଆଇଟିଆଇ ଛକରେ ଖୋଲିଛି। ବଲିଉଡ୍ ଅଭିନେତା ସୋନୁ ସୁଦ୍, ଖିମଜୀ ଜୁଏଲର୍ସର ମାଲିକ ମିତେଶ ଖିମଜୀ, ଷ୍ଟୋର ମାଲିକ ସଞ୍ଜିବ ମହାନ୍ତି, ତାଙ୍କ ମା' ଏବଂ ଦୁଇ ପାର୍ଟନର ମୋନାଶିଷ ଦାସ ଏବଂ ନିବେଦିତା ଦାସ ମଙ୍ଗଳବାର ଏହି ଷ୍ଟୋରର ଉଦ୍‌ଘାଟନ କରିଛନ୍ତି। ନୂଆ ଫାବ୍ ଇଣ୍ଡିଆ ଷ୍ଟୋରରେ ପୋଷାକ, ଘରକରଣା ଉପକରଣ, ଖାଦ୍ୟ ଓ ଆସେସୋରିଜ ଉପଲବ୍ଧ ହେଉଛି। ପୁରୁଷ, ନାରୀ ଓ ଶିଶୁଙ୍କ ପାଇଁ ପାରମ୍ପରିକ ଓ ଆଧୁନିକ ପୋଷାକ କୁର୍ତ୍ତା, ଶାଢ଼ି, ଟ୍ୟୁନିକ, ଶର୍ଟ ଆଦିର ସ୍ୱତନ୍ତ୍ର କଲେକ୍ସନ ରହିଛି। ଆସବାବପତ୍ର ବିଭାଗରେ ହସ୍ତଶିଳ୍ପ ଫର୍ନିଚର, ବେଡ୍‌ଲିନେନ, ପରଦା, ରଗ୍ସ ଓ ସାଜସଜ୍ଜା ସାମଗ୍ରୀ ରହିଛି। ୱେଲ୍‌ନେସ୍ ଓ ପର୍ସନାଲ କେୟାର ଶ୍ରେଣୀରେ ତ୍ୱଚା ଓ ଶରୀର ପାଇଁ ବିଭିନ୍ନ ସାମଗ୍ରୀ ମିଳୁଛି। ଜୈବିକ ଖାଦ୍ୟ ବିଭାଗରେ ଡାଲି, ମସଲା, ଚା, ତେଲ ଆଦି ଖାଦ୍ୟସାମଗ୍ରୀ ଉପଲବ୍ଧ। ସେହିପରି ଜୁଏଲେରି, ବ୍ୟାଗ୍ ଓ ଆସେସୋରିଜ ବିଭାଗରେ ଗ୍ରାହକଙ୍କ ମନ ଲାଖି ଉତ୍ପାଦ ରହିଛି। ଉଦ୍‌ଘାଟନୀ ଅବସରରେ ଫାବ୍ ଇଣ୍ଡିଆ ବାଲେଶ୍ୱର ଫ୍ରାଞ୍ଚାଇଜ ମାଲିକ ତଥା ଷ୍ଟୋର ପାର୍ଟନର ସଞ୍ଜୀବ ମହାନ୍ତି କହିଛନ୍ତି, ବାଲେଶ୍ୱରର ଲୋକଙ୍କ ନିକଟକୁ ଫାବ୍ ଇଣ୍ଡିଆର ପାରମ୍ପରିକତା ଓ ଆଧୁନିକତାର ସମନ୍ୱୟ ଆଣିପାରିଥିବାରେ ଆମେ ଗର୍ବିତ। ଫାବ୍ ଇଣ୍ଡିଆ ଏହି ନୂଆ ପଦକ୍ଷେପ ମାଧ୍ୟମରେ ଭାରତୀୟ ଶିଳ୍ପ ପରମ୍ପରାକୁ ସଂଯୋଗକରି ସ୍ଥାୟୀ ମନଲୋଭା ଓ ସଚେତନ ଜୀବନଶୈଳୀକୁ ପ୍ରେରିତ କରୁଛି।

# ମଧୁକୁଞ୍ଜର 'ଶୁଭ ଧନ୍‌ତେରସ୍' ଅଫର

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

MADHUKUNJ Gold & Diamonds

ଧନ୍‌ତେରସ୍ ଅବସରରେ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ 'ଶୁଭ ଧନ୍‌ତେରସ୍' ଅଫର ଘୋଷଣା କରାଯାଇଛି। ଏହାର ଭୁବନେଶ୍ୱର, କଟକ ଓ ଜଟଣୀ ଶାଖାରେ ହୀରା, ସୁନା ଓ ରୁପା ଅଳଙ୍କାରର ଗଢ଼ା ମଜୁରିରେ ଫ୍ଲାଟ୍ ୪୦% ରିହାତି ପ୍ରଦାନ କରାଯାଉଛି। ଅକ୍ଟୋବର ୧୦ରୁ ଲାଗୁ ହୋଇଥିବା ଅଫର ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଏହା ସହ ସୁନା ଓ ରୁପା ମୁଦ୍ରା ଜିତିବାର ସୁଯୋଗ ରହିଛି। କମ୍ପାନୀ ପକ୍ଷରୁ ଆଜୀବନ ବାଏବ୍ୟାକ୍ ଗ୍ୟାରେଣ୍ଟି ସହ ନିଃଶୁଳ୍କ ମରାମତି ସୁବିଧା ମଧ୍ୟ ଦିଆଯାଉଛି। ଶତ ପ୍ରତିଶତ ୯୧୬ ବିଆଇଏସ୍ ହଲ୍‌ମାର୍କ ସୁନାଗହଣା ଏବଂ ଶତ ପ୍ରତିଶତ ଆଇଜିଆଇ ସ୍ୱୀକୃତିପ୍ରାପ୍ତ ହୀରା ଅଳଙ୍କାର ଷ୍ଟୋରରେ ଉପଲବ୍ଧ ହେଉଥିବା କମ୍ପାନୀ ଦାବି କରିଛି। ପୁରୁଣା ସୁନା ବଦଳରେ କୌଣସି କାଟ୍ କରାଯାଉ ନ ଥିବା କୁହାଯାଇଛି।

# ଆର୍‌ବିଆଇର ଡିଜିଟାଲ ରୁପି

ଭୁବନେଶ୍ୱର,୧୪।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ମୁମ୍ବାଇରେ ଆୟୋଜିତ ଗ୍ଲୋବାଲ ଫିନ୍‌ଟେକ୍ ଫେଷ୍ଟ ୨୦୨୫ରେ ଅଫ୍‌ଲାଇନ 'ଡିଜିଟାଲ ରୁପି(ଇ-ରୁପି)' ଲଞ୍ଚ କରାଯାଇଛି। ଉକ୍ତ ଅଫ୍‌ଲାଇନ ଡିଜିଟାଲ ରୁପିର ବିଶେଷତ୍ୱ ହେଉଛି, ଇଣ୍ଟରନେଟ୍ କିମ୍ବା ମୋବାଇଲ ନେଟ୍‌ୱର୍କ ବିନା ମଧ୍ୟ ଉପଭୋକ୍ତା ଡିଜିଟାଲ ପେମେଣ୍ଟ କରିପାରିବେ। ଏହାକୁ ଆପଣ ନଗଦ ରୁପି ପରି ଖର୍ଚ୍ଚ କରିପାରିବେ। ଏଥିପାଇଁ କେବଳ ଏକ କ୍ୟୁଆର୍ କୋଡ୍ ସ୍କାନ୍ କରିବା କିମ୍ବା ଟାପ୍ କରିବା ଆବଶ୍ୟକ। ଏହାପରେ ଉପଭୋକ୍ତାଙ୍କର ପେମେଣ୍ଟ ସଫଳତାର ସହ ସମ୍ପୂର୍ଣ୍ଣ ହେବା ସହିତ ଉପଭୋକ୍ତା ନିଜ ଟଙ୍କାକୁ ଡିଜିଟାଲ ରୁପେ ନିଜର ୱାଲେଟ୍‌ରେ ରଖିପାରିବେ। ଏହି ଆପ୍‌କୁ ଗୁଗଲ ପ୍ଲେ ଷ୍ଟୋର କିମ୍ବା ଆପଲ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରିପାରିବେ।

# ଡ. ସାରା ଜର୍ଜଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୧୪।୧୦



ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ଏବଂ ସେଣ୍ଟ ଜର୍ଜ ସ୍କୁଲର ନିର୍ଦ୍ଦେଶିକା ଡକ୍ଟର ସାରା ଜର୍ଜଙ୍କୁ ୫ମ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ୧୦,୦୦୦ରୁ ଅଧିକ ସ୍କୁଲ ସହ ନେଟ୍‌ୱର୍କ ଥିବା ଭାରତର କେ୧୨ ଶିକ୍ଷା କ୍ଷେତ୍ରକୁ ରୂପାନ୍ତରିତ କରୁଥିବା ଏକ ଅଗ୍ରଣୀ ସଂଗଠନ 'ହେଲ୍ପିଂ ଗୁରୁସ୍' ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ପୂର୍ବତନ ଭାରତୀୟ କୂଟନୀତିଜ୍ଞ ତଥା ଭାରତ ଓ ଆଫ୍ରିକାରେ ବିଶେଷ ଉପଦେଷ୍ଟା ଆମ୍ବାସାଡର ଦୀପକ ବୋହରାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେ ଡକ୍ଟର ଜର୍ଜଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ଶିକ୍ଷାବିତ୍ ଭାବେ ଅଭିହିତ କରିଥିଲେ। ସୂଚନା ଥାଉକି, ଡ. ସାରା ଜର୍ଜ ୧୯୮୨ରୁ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ ସେଣ୍ଟ ଜର୍ଜ ସ୍କୁଲ ଏବଂ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ସାମଗ୍ରିକ ଶିକ୍ଷା ଓ ଚରିତ୍ର ଗଠନର ପ୍ରତୀକ ହୋଇ ଉଠିଛି। ଦଶନ୍ଧି ଧରି ସେ ୧ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଏବଂ ୧ ହଜାର ଶିକ୍ଷକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଯୋଗଦାନ ରଖିଛନ୍ତି। ଶିକ୍ଷା ବ୍ୟତୀତ ଡ. ଜର୍ଜ ମହିଳା ସଶକ୍ତୀକରଣ ଏବଂ ଅବହେଳିତ ଶିଶୁମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ୟମ କରିଆସିଛନ୍ତି। ପୂର୍ବରୁ ନାସାର କେନେଡି ସ୍ପେସ୍ ସେଣ୍ଟର ପକ୍ଷରୁ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି।

# ସାଇବର ସୁରକ୍ଷା ନେଇ ସତର୍କକଲା ବିଓଆଇ

ଭୁବନେଶ୍ୱର,୧୪।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ଓ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୋକଙ୍କୁ ସୁରକ୍ଷିତ ଆର୍ଥିକ ଅଭ୍ୟାସ ସମ୍ପର୍କରେ ଅବଗତ କରାଇବା, ଅନ୍‌ଲାଇନ ଠକେଇ ରୋକିବା ଏବଂ ବ୍ୟାଙ୍କିଂରେ ସଚ୍ଚୋଟତାକୁ ପ୍ରୋତ୍ସାହିତ କରାଯାଇଛି। ଜଗତ୍‌ସିଂହପୁର ତେରିକି ଶାଖା ପ୍ରବନ୍ଧକ ମନୋରଞ୍ଜନ ବେହେରା, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଦିବ୍ୟରାଜ, ଜଗତ୍‌ସିଂହପୁର ଶାଖା ପ୍ରବନ୍ଧକ ହିମାଂଶୁ ଶେଖର ପାଣିଗ୍ରାହୀ, ଭୁବନେଶ୍ୱରର ବରିମୁଣ୍ଡ ଶାଖା ପ୍ରବନ୍ଧକ ଦେବଶ୍ରୀ ବରାଇ, ଖୋର୍ଦ୍ଧାର କେନ୍ଦୁପଲ୍ଲୀ ଶାଖା ପ୍ରବନ୍ଧକ ଚିନ୍ତାମଣି ବେହେରା ଏବଂ ନୟାଗଡ଼ର ଗୋଡ଼ିପଡ଼ା ଶାଖା ପ୍ରବନ୍ଧକ ଜ୍ଞାନରଞ୍ଜନ ସାହୁ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସତର୍କତା ଅଧିକାରୀ ନିରଜ କୁମାର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ଏବଂ ଅଧିକାରୀମାନେ 'ସତର୍କ ଭାରତ, ସମୃଦ୍ଧ ଭାରତ' ବାର୍ତ୍ତାକୁ ପ୍ରଚାର କରିଥିଲେ।

# ରାଜ ଇଲେକ୍ଟ୍ରୋନିକ୍ସର ଧନତେରସ, ଦିପାବଳୀ ସେଲ୍

ଭୁବନେଶ୍ୱର,୧୪।୧୦

RAJ ELECTRONICS
ଦୀର୍ଘବର୍ଷ ଧରି ସମଗ୍ର ଓଡିଶାବାସୀଙ୍କ ପରିଚିତ

ଚଳିତ ପାର୍ବଣ ଋତୁରେ ରାଜ ଇଲେକ୍ଟ୍ରୋନିକ୍ସରେ ଧନତେରସ ଏବଂ ଦିପାବଳୀ ସେଲ୍ ଆରମ୍ଭ ହୋଇଛି। ଗ୍ରାହକ ନୂତନ ଜିଏସଟି ହାର ଓ ସହଜ କିସ୍ତିରେ ପ୍ରଡକ୍ଟ ନେଇପାରିବେ। ଏହାସହିତ ୪୭% ପର୍ଯ୍ୟନ୍ତ ଡିସକାଉଣ୍ଟ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ଅଫର, ବିଭିନ୍ନ ପ୍ରଡକ୍ଟ ସହିତ ୨ କିମ୍ବା ୩ ବର୍ଷର ୱାରେଣ୍ଟୀ ଏବଂ ଫାଇନାନ୍ସ କମ୍ପାନୀ ପକ୍ଷରୁ ୨୫୦୦ ରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ଅଫର ସହିତ ୧ ରୁ ୨ ଇଏମଆଇ ଫ୍ରି ଆଦି ଅଫର ରହିଛି। ଏହାସହ ସମସ୍ତ ବ୍ରାଣ୍ଡେଡ କମ୍ପାନୀମାନଙ୍କର ବିଭିନ୍ନ ବର୍ଗର ପ୍ରଡକ୍ଟରେ ଭରପୂର ଶୋ'ରୁମ ରୁ ଗ୍ରାହକମାନେ ଏହି ଅଫର ମାଧ୍ୟମରେ କିଣିବାର ସୁଯୋଗ ପାଇବେ। ନଗଦ ଭାବେ ନଦେଇ ସବୁଠୁ କମ ଡାଉନପେମେଣ୍ଟରେ ୦% ସୁଧ ଓ ସହଜ କିସ୍ତିରେ ଗ୍ରାହକମାନେ ପ୍ରଡକ୍ଟ କିଣିବାର ଲାଭ ନେଇପାରିବେ। ଦିପାବଳୀ ପର୍ଯ୍ୟନ୍ତ ଏହି ଅଫର୍ ବୈଧ ରହିବ। ଏଲଇଡି ଟିଭି ମାନଙ୍କରେ ଅଫର ନ ରହିବା ଯୋଗୁଁ ଏହାର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ ହୋଇଥିବାରୁ ଜଣେ ଗ୍ରାହକ ଏହାକୁ ବର୍ଷେ କିମ୍ବା ଦୁଇବର୍ଷ ପାଇଁ କିଣି ନଥାନ୍ତି, ୮ରୁ ୧୦ ବର୍ଷର ଆବଶ୍ୟକତା ପୂରଣ ପାଇଁ କ୍ରୟ କରିଥାନ୍ତି। ତେଣୁ ଆସନ୍ତା ଖରାଦିନରେ ମୂଲ୍ୟବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନର ପୂଜା ଅଫର ମୂଲ୍ୟରେ ଏସି କିଣି ମାଗଣା ଇନଷ୍ଟଲେସନ ଅଫର୍‌ରେ ଘରେ ଲଗାଇବା ଯୁକ୍ତିଯୁକ୍ତ ବୋଲି ରାଜ ଇଲେକ୍ଟ୍ରୋନିକ୍ସର ସ୍ୱତ୍ତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି।

# କ୍ଷତିପୂରଣ ଦାବିରେ ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ

- ଟ୍ୟାଙ୍କର ଧକ୍କାରେ ୨ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟଣା
- ଅଟକି ରହିଲା ଯାନବାହନ, ଯାତ୍ରୀ ହଇରାଣ

ରାମନାଗୁଡ଼ା,୧୪।୧୦ (ସଞ୍ଜୟ ପ୍ରଧାନ)


ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ରାୟଗଡ଼ା ଜିଲା ରାମନାଗୁଡ଼ା ଥାନା ଅଧୀନ ପାଲୁପାଇ ଗ୍ରାମ ନିକଟ ୩୨୬ ନମ୍ବର ଜାତୀୟ ରାଜପଥରେ ସୋମବାର ଏକ ତେଲ ଟ୍ୟାଙ୍କର ଓ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୨ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକ ମୁନା ମିଣିଆକା (୧୮) ଏବଂ ରାହୁଲ ଉର୍ଲାକା (୧୮)ଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ମଙ୍ଗଳବାର ସକାଳେ ପ୍ରଥମେ ରାମନାଗୁଡ଼ା ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ କୌଣସି ସମାଧାନ ନ ହେବାରୁ ପାଲୁପାଇ ନିକଟ ଦୁର୍ଘଟଣା ଘଟିଥିବା ସ୍ଥାନରେ ଗ୍ରାମବାସୀ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧକରି ଆନ୍ଦୋଳନ ଜାରି ରଖିଥିଲେ। ଅପରାହ୍ନ ୩ରୁ ରାତି ୮ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଯୋଗୁ ବ୍ରହ୍ମପୁର, ଗୁଣପୁର, ରାୟଗଡା, ମୁନିଗୁଡାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ବନ୍ଦ ରହିଥିଲା। ଫଳରେ ପ୍ରାୟ ୫ ଘଣ୍ଟା ଧରି ବହୁ ଯାନବାହନ ଅଟକି ରହିଥିଲା। ବସ୍ ଏବଂ କାର୍ ଅଟକି ରହିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ରାମନାଗୁଡ଼ା ଥାନା ଅଧିକାରୀ ସୁନିତା ବେହେରା, ଏଏସ୍‌ଆଇ ଜଗନ୍ନାଥ ବେହେରା, ସମଦତ୍ତ ପ୍ରଧାନ ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଦୀର୍ଘ ୫ ଘଣ୍ଟା ପରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଥିଲେ।

ଦୁଇ ବାଇକ୍ ଆରୋହୀ ମୁନା ଏବଂ ରାହୁଲ ରାମନାଗୁଡ଼ାରୁ ହାଟଗୁମ୍ମା ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ତେଲ ଟ୍ୟାଙ୍କର (ଏନ୍‌ଏଲ୍ ୦୧କ୍ୟୁ ୮୮୫୭ ) ସହିତ ଧକ୍କା ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ରାମନାଗୁଡ଼ା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତକରି ଘଟଣାର ତଦନ୍ତ କରୁଛି। ଏହି ଘଟଣାରେ ପୋଲିସ ଟ୍ୟାଙ୍କର ଡ୍ରାଇଭରଙ୍କୁ ଗିରଫ କରିଛି।


ତହସିଲଦାର, ବିଡିଓ ଏବଂ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି।

## ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ବିକାଶକରେ ସୁରଭି

ଚନ୍ଦ୍ରପୁର,୧୪।୧୦ (ବିଜୟ ପ୍ରସାଦ ଉଲାକା)

**ଆଞ୍ଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ୮ଟି ଆଞ୍ଚଳିକ ସାଧନା କେନ୍ଦ୍ରରେ ମଙ୍ଗଳବାର ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇଯାଇଛି । ଚନ୍ଦ୍ରପୁର ସଦର ମହକୁମାରେ ଥିବା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ କଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା, ସଭାପତି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିଙ୍ଗନା ତାଡ଼ିଙ୍ଗି, ଉମାକାନ୍ତ ମିସାଲ, ପ୍ରଦୀପ କୁମାର ଚୌଧୁରୀ ଓ ୧୪ଟି ସ୍କୁଲର ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ବିକାଶ ପାଇଁ ସୁରଭି ଏକ ଉତ୍ତମ ମାଧ୍ୟମ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, କୁଇଜ, ଅଭିନୟ ଓ ବକ୍ତୃତା, ଭାଷଣ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ରଜନୀ କାନ୍ତ ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ୨୨ ବାଲି ଟ୍ରାକ୍ଟର ଅଟକ

ଗୁଣପୁର,୧୪।୧୦( ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବଂଶଧାରା ନଦୀରୁ ବେଆଇନ ଭାବେ ବାଲି ଖନନ କରାଯାଉଥିବା ଅଭିଯୋଗ ପରେ ମଙ୍ଗଳବାର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ ମଙ୍ଗଳବାର ଚଢାଉ କରିଛନ୍ତି। ଟ୍ରାକ୍ଟରଗୁଡିକ ନଦୀରୁ ବାଲି ଉଠାଉଥିବାବେଳେ ଗୁଣପୁର ପୋଲିସ ଓ ଖଣି ବିଭାଗ ଅଚାନକ ଚଢାଉ କରି ରୟାଲଟି ଓ କାଗଜପତ୍ର ଯାଞ୍ଚ କରିଥିଲେ। କିଛି ବାଲି ଟ୍ରାକ୍ଟରର ରୟାଲିଟ ନ ଥିବା ବେଳେ କିଛି ଟ୍ରାକ୍ଟର ଓଭର ଲୋଡ କରି ବାଲି ନେଉଥିବା ଜଣାପଡିଛି। ଏ ନେଇ ୨୨ ଟ୍ରାକ୍ଟର ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି। ଗୁଣପୁର ଉପଜିଲାପାଳ ଖଣି ବିଭାଗ ଅଧିକାରୀ ଓ ପୋଲିସକୁ ଏହି ମାମଲା ହସ୍ତାନ୍ତର କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିବା କହିଛନ୍ତି। ଏହାପରେ ଜିଲାପାଳଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଉପଜିଲାପାଳ ପ୍ରତିକ୍ରିୟା ରଖିଛନ୍ତି।

## ସମନ୍ୱିତ ଶିଶୁବିକାଶ ଯୋଜନା କାର୍ଯ୍ୟାଳୟ କୋଠା ଉଦ୍‌ଘାଟିତ

ଗୁଣପୁର,୧୪।୧୦( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅଫିସ ପରିସରରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟର ନୂତନ କୋଠା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୋଠା ଉଦ୍‌ଘାଟନ କରିବାର ଥିଲା। ତେବେ ଉପଜିଲାପାଳ ଦୁଧାଲ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ମରାଠୀଗୁଡା ଅଙ୍ଗନୱାଡି କେନ୍ଦ୍ରର ଶିଶୁ ଦିବେଶ୍ୱରୀ ଶବର ହାତରେ ଫିତା କାଟି ଉଦ୍‌ଘାଟନ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓ, ସିଡିପିଓ ସୁଷମା ପ୍ରସାଦ, ବିଭିନ୍ନ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କ ଉପସ୍ଥିତିରେ ଜଣେ ଛୋଟ ପିଲା ଦ୍ୱାରା କୋଠା ଉଦ୍‌ଘାଟନ କରାଯାଉଛି।


## କଂଗ୍ରେସକୁ ତୃଣମୂଳସ୍ତରରୁ ସଙ୍ଗଠିତ ସହ ମଜଭୁତ କରିବାକୁ ଆହ୍ୱାନ

- ଜିଲାର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା
- ଆପଲସ୍ୱାମୀଙ୍କୁ ଜିଲାର ଦାୟିତ୍ୱ ହସ୍ତାନ୍ତରକଲେ ସପ୍ତଗିରି
- କଂଗ୍ରେସରେ ଯୋଗଦେଲେ ବିଜେଡି ମହିଳା କର୍ମୀ

ରାୟଗଡ଼ା,୧୪।୧୦
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଘୋଷଣା ହେବା ପରେ ଜିଲାର ବରିଷ୍ଠ ନେତାଙ୍କୁ ପ୍ରଦେଶ କଂଗ୍ରେସରେ ବିଭିନ୍ନ ପଦପଦବୀ ମିଳିଛି । ଏହି ଅବସରରେ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଜିଲା କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ ସଂଯୋଜକ ଦୁର୍ଗାପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ନୂତନ ଜିଲା କଂଗ୍ରେସ ସଭାପତି ତଥା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କୁ ଜିଲାର ଦାୟିତ୍ୱ ହସ୍ତାନ୍ତର କରିଥିଲେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା। ଆଗାମୀ ଦିନରେ ଜିଲାରେ ସାଂଗଠନିକ ସୁଦୃଢ଼ ସହିତ କଂଗ୍ରେସ ପକ୍ଷରୁ ଜିଲାର ୩ଟି ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ପଦଯାତ୍ରା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବା ସହିତ ଆହୁରି ମଜଭୁତ କରାଯିବ ବୋଲି ସଭାପତି କାଡ୍ରାକାଙ୍କ ସମେତ ସମସ୍ତ ବରିଷ୍ଠ ନେତା ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

କାର୍ଯ୍ୟକ୍ରମରେ ନୂତନ ଜିଲା ସଭାପତି ତଥା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ସମେତ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ପରାମର୍ଶଦାତା ରତ୍ନମଣି ଉଲାକା, ପୂର୍ବତନ ସାଧାରଣ ସମ୍ପାଦକ ତଥା ଜିଲା ସଂଯୋଜକ ଦୁର୍ଗାପ୍ରସାଦ ପଣ୍ଡା, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଜିଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକ, ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ, ବରିଷ୍ଠ ନେତା ଅଜିତ ଦାସ, ରାୟଗଡ଼ା ବିଧାନସଭା ଯୁବ ସଭାପତି ଯୋଶେଫ ଖୋସଲା, ବରିଷ୍ଠ ନେତା ରମାକାନ୍ତ ମାଝି, ମହିଳା ନେତ୍ରୀ ନନ୍ଦିଗୌରୀ, ଲକ୍ଷ୍ମୀ ଶବର, ଅମ୍ବିକା ମାଝିଙ୍କ ସମେତ ବହୁ ବରିଷ୍ଠ ନେତା ମଞ୍ଚାସୀନ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି ମହିଳା କର୍ମୀ ଦଳ ଛାଡ଼ି ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଥିଲେ । କଂଗ୍ରେସ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଥିବା ମହିଳା ନେତ୍ରୀ ଜୟନ୍ତୀ ମହାରଣା ଓ ଅନ୍ୟମାନେ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ସୁନୀଲ ପଣ୍ଡା (ଝୁନା), ପାର୍ଥ ବର୍ଦ୍ଧନ, ଜଗନ୍ନାଥ ସାହୁ, ଅସଲମ୍ ଖାନ୍, ହରିଶ ପଟ୍ଟନାୟକ, ବାପି ପଟ୍ଟନାୟକ ଓ ଅନ୍ୟମାନେ ପରିଚାଳନା କରିଥିଲେ ।


ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିବା ନୂତନ ମହିଳା କର୍ମକର୍ତ୍ତାଙ୍କ ସହ ଏମ୍‌ପି, ବିଧାୟକମାନେ ।

## ଗାଁକୁ ନିଶାମୁକ୍ତ କରିବାକୁ କଠୋର ହେଲେ ଗ୍ରାମବାସୀ

ଚନ୍ଦାହାଣ୍ଡି, ୧୪।୧୦(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି ପଞ୍ଚାୟତ ପଲସାପଡ଼ା ଗ୍ରାମବାସୀ ଗାଁ ରେ ବଢିଚାଲିଥିବା ଘରୋଇ ହିଂସା,ଅସାମାଜିକ କାର୍ଯ୍ୟକଳାପ ତଥା ଛୋଟରୁ ବୟସ୍କ ପର୍ଯ୍ୟନ୍ତ ବ୍ୟକ୍ତିଙ୍କୁ ନିଶାକବଳରୁ ରକ୍ଷା କରି ଧନଜୀବନ ରକ୍ଷା ଲକ୍ଷ୍ୟ ନେଇ ଗାଁରେ ଏକ ବୈଠକ କରିଥିଲେ। କୌଣସି ବ୍ୟକ୍ତି ମଦ ଗଞ୍ଜେଇ ବିକ୍ରି, ବିକାଳିଙ୍କୁ ପ୍ରୋତ୍ସାହିତ କଲେ, ଗାଁ ରେ ମଦ ପିଇ ବିଶୃଙ୍ଖଳା କାର୍ଯ୍ୟ କଲେ ଓ ଗାଁ ମଧ୍ୟରେ ଜୁଆ କି ସଟ୍ଟା ଖେଳିଲେ ତାଙ୍କୁ କଠୋର ଦଣ୍ଡ ଦେବା ସହ ତାକୁ ଗ୍ରାମର ସାମୁହିକ କାର୍ଯ୍ୟରୁ ବାସନ୍ଦ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଗାଁକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଏଭଳି ପ୍ରୟାସକୁ ପ୍ରଶଂସା କରାଯାଇଛି। ବୈଠକରେ ସରପଞ୍ଚ ଦୁର୍ଲଭ ପୂଜାରୀ, କରୁଣା ପୂଜାରୀ, ଟେକଧର ଗୌଡ଼, ରାଜୁ ଦଣ୍ଡସେନା, ଭଗବାନ ବାଘ, ଚନ୍ଦ୍ର ଗହୀର ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ । ସେହିପରି ମୋହରା ପଞ୍ଚାୟତ ପୂଜାରୀଗୁଡା ଗ୍ରାମରେ ମଧ୍ୟ ଦୀର୍ଘ ମାସ ହେବ ମଦ ବିକ୍ରୀ ବନ୍ଦ କରାଯାଇଛି। ସୋମବାର ରାତିରେ ଜଣେ ବ୍ୟକ୍ତି ନିୟମ ନ ମାନି ମଦ ରାନ୍ଧୁ ଥିବାବେଳେ, ମହିଳାମାନେ ତାଙ୍କ ଘରେ ପଶି ମହୁଲ ଫାଶ ଓ ରନ୍ଧା ମଦକୁ ଫିଙ୍ଗିବା ଶହ ତାକୁ ଏଥିରୁ ନିବୃତ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ଭୋଟିଂ ଶେଷ

ନନ୍ଦାହାଣ୍ଡି, ୧୪।୧୦ (ପ୍ରତୀପ କୁମାର ଦାଶ)

**ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ପରେ ଘୋଷଣା ହେବ ଫଳାଫଳ**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଦହଣା ପଞ୍ଚାୟତ ସରପଞ୍ଚ କମଳା ପୂଜାରୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ପରେ ମଙ୍ଗଳବାର ଭୋଟିଂ କରାଯାଇଛି। ଏହାର ଫଳାଫଳ ଆସନ୍ତା ୨୭ ତାରିଖରେ ଘୋଷଣା କରାଯିବ ବୋଲି ହାଇକୋର୍ଟଙ୍କ ନୋଟିସ୍ ହୋଇଛି।

ସୂଚନାନୁଯାୟୀ, ସରପଞ୍ଚ କମଳା ପୂଜାରୀ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ଆଣି ନାଏବ ସରପଞ୍ଚ କନକ ପାଇକଙ୍କ ନେତୃତ୍ୱରେ ସମସ୍ତ ୱାର୍ଡମେମ୍ବର ଅଗଷ୍ଟ ୨୨ରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ସେପ୍ଟେମ୍ବର ୧୭ରେ ଦସ୍ତଖତ ଯାଞ୍ଚ ପରେ ଅକ୍ଟୋବର ୧୪କୁ ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ସରପଞ୍ଚ ପୂଜାରୀ କିନ୍ତୁ ଅନାସ୍ଥାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନାସ୍ଥା ନୋଟିସ୍ ତାଙ୍କୁ ବିଳମ୍ବରେ ମିଳିଥିବା ନେଇ ସରପଞ୍ଚ ପୂଜାରୀ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ନିର୍ଦ୍ଧାରିତ ତାରିଖ ଓ ସମୟରେ ଭୋଟିଂ କରାଯିବ। କିନ୍ତୁ ଫଳାଫଳ ଘୋଷଣା ହେବନାହିଁ। ଆସନ୍ତା ୨୭ ତାରିଖରେ ପରବର୍ତ୍ତୀ ଶୁଣାଣି ପରେ ଫଳାଫଳ ଘୋଷଣା କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଆସିଛି। ମଙ୍ଗଳବାର ଦହଣା ପଞ୍ଚାୟତ କାର୍ଯ୍ୟାଳୟରେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଏବଂ ଭାରପ୍ରାପ୍ତ ପିଇଓ ଅଭିଷେକ ବାଘଙ୍କ ଉପସ୍ଥିତିରେ ସମସ୍ତ ୧୧ ଜଣ ୱାର୍ଡ ସଭ୍ୟ ଭୋଟ ଦେଇଥିଲେ। ଏହାର ଚୂଡ଼ାନ୍ତ ଫଳାଫଳ ଆସନ୍ତା ୨୭ରେ ଘୋଷଣା କରାଯିବ ବୋଲି ତହସିଲଦାର ମହାନନ୍ଦିଆ ସୂଚନା ଦେଇଛନ୍ତି। ଭୋଟିଂ ପରେ ତହସିଲଦାର, ପିଇଓ ଏବଂ ସମସ୍ତ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ ଭୋଟବାକ୍ସକୁ ଜଉମୁଦ ଦେଇ ସୁରକ୍ଷିତ ଭାବରେ ଷ୍ଟ୍ରଙ୍ଗ୍‌ରୁମକୁ ନିଆଯିବାର ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ ଗୁଡୁ ଓ ପୋଲିସ ଟିମ୍ ଉପସ୍ଥିତ ଥିଲେ।


ଭୋଟ ଦେବାକୁ ଆସିଥିବା ୱାର୍ଡମେମ୍ବରମାନେ।



## ସଂକ୍ଷେପରେ

### ଘରେ ପଶି ଯୁବକଙ୍କୁ ହତ୍ୟା ଘଟଣା
## ଅଭିଯୁକ୍ତ ଭାଇ ଗିରଫ

ନନ୍ଦାହାଣ୍ଡି/ନବରଙ୍ଗପୁର,୧୪।୧୦ (ପ୍ରତିପ କୁମାର ଦାଶ/ସଦାଶିବ ପ୍ରହରାଜ)

ଦିନ ଦ୍ୱିପ୍ରହରରେ ଘରେ ପଶି ଯୁବକଙ୍କୁ ହତ୍ୟା ଘଟଣାରେ ମୃତକଙ୍କ ଭାଇ ମକର ହରିଜନଙ୍କୁ ଗିରଫକରି ନବରଙ୍ଗପୁର ପୋଲିସ କୋର୍ଟ ଚାଲାଣ କରିଛି। ନବରଙ୍ଗପୁର ଥାନା ନନ୍ଦାହାଣ୍ଡି ବ୍ଲକର ସିନ୍ଧିଗୁଡା ଗାଁର ହରିଜନ ଧନୁର୍ଜୟ ହରିଜନ (୩୦)ଙ୍କୁ ଭାଇ ମକର ଫାଉଡ଼ା ମାଧ୍ୟମରେ ହତ୍ୟା କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଅସୁସ୍ଥ ଥିବାରୁ ଧନୁର୍ଜୟ ଘରେ ଶୋଇଥିଲା। ସ୍ତ୍ରୀ କମଳି ଗାଁ ଭିତରେ କୁଲି କାମ କରିବାକୁ ଯାଇଥିଲେ। ଆସିବା ପରେ ସ୍ୱାମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖିଥିଲେ। ଏ ନେଇ ସେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ କ୍ରମେ ୩୯୭/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

## ଗାଁକୁ ନିଶାମୁକ୍ତ କରିବାକୁ କଠୋର ହେଲେ ଗ୍ରାମବାସୀ

ଚନ୍ଦାହାଣ୍ଡି, ୧୪।୧୦(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି ପଞ୍ଚାୟତ ପଲସାପଡ଼ା ଗ୍ରାମବାସୀ ଗାଁ ରେ ବଢ଼ିଚାଲିଥିବା ଘରୋଇ ହିଂସା,ଅସାମାଜିକ କାର୍ଯ୍ୟକଳାପ ତଥା ଛୋଟରୁ ବୟସ୍କ ପର୍ଯ୍ୟନ୍ତ ବ୍ୟକ୍ତିଙ୍କୁ ନିଶାକବଳରୁ ରକ୍ଷା କରି ଧନଜୀବନ ରକ୍ଷା ଲକ୍ଷ୍ୟ ନେଇ ଗାଁରେ ଏକ ବୈଠକ କରିଥିଲେ। କୌଣସି ବ୍ୟକ୍ତି ମଦ ଗଞ୍ଜେଇ ବିକ୍ରି, ବିକାଳିଙ୍କୁ ପ୍ରୋତ୍ସାହିତ କଲେ, ଗାଁରେ ମଦ ପିଇ ବିଶୃଙ୍ଖଳା କାର୍ଯ୍ୟ କଲେ ଓ ଗାଁ ମଧ୍ୟରେ ଜୁଆ କି ସଙ୍ଗା ଖେଳିଲେ ତାଙ୍କୁ କଠୋର ଦଣ୍ଡ ଦେବା ସହ ତାକୁ ଗ୍ରାମର ସାମୁହିକ କାର୍ଯ୍ୟରୁ ବାସନ୍ଦ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଗାଁକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଏଭଳି ପ୍ରୟାସକୁ ପ୍ରଶଂସା କରାଯାଇଛି। ବୈଠକରେ ସରପଞ୍ଚ ଦୁର୍ଲ୍ଲଭ ପୂଜାରୀ, କରୁଣା ପୂଜାରୀ, ଟେକଧର ଗୌଡ଼, ରାଜୁ ଦଣ୍ଡସେନା, ଭଗବାନ ବାଘ, ଚନ୍ଦ୍ର ଗହୀର ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ମୋହରା ପଞ୍ଚାୟତ ପୂଜାରୀଗୁଡା ଗ୍ରାମରେ ମଧ୍ୟ ଦୀର୍ଘ ମାସ ହେବ ମଦ ବିକ୍ରୀ ବନ୍ଦ କରାଯାଇଛି। ସୋମବାର ରାତିରେ ଜଣେ ବ୍ୟକ୍ତି ନିୟମ ନ ମାନି ମଦ ରାନ୍ଧୁଥିବାବେଳେ, ମହିଳାମାନେ ତାଙ୍କ ଘରେ ପଶି ମହୁଲ ଫାଶ ଓ ରନ୍ଧା ମଦକୁ ଫିଙ୍ଗିବା ଶହ ତାକୁ ଏଥିରୁ ନିବୃତ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

## ଖେଳୁଆଡ଼ ମନୋବୃତ୍ତି ରଖି ଖେଳିବାକୁ ପରାମର୍ଶ

ତେନ୍ତୁଲିଖୁଣ୍ଟି, ୧୪।୧୦(ଚିଦାନନ୍ଦ ସାହୁ)

ପିଏମଶ୍ରୀ ନୋଡାଲ ବାପୁଜୀ ସରକାରୀ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ. ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ପ୍ରଧାନ ଶିକ୍ଷକ ଆନନ ଭତ୍ରାଙ୍କ ଅବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ସୁଦୀପ୍ତ ଦାସ ଖେଳ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଶିକ୍ଷକ ତଥା ସଂଯୋଜକ ଆନନ ଭତ୍ରା ମଞ୍ଚାସୀନ ଥିଲେ। ଖେଳୁଆଡ଼ ମନୋବୃତି ନେଇ ଆଗକୁ ବଢ଼ିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶାରୀରିକ ଶିକ୍ଷକ ମନୋଜ ପୂଜାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ଅବସରପ୍ରାପ୍ତ ଏବିଇଓ ମୋହନ ମଧୁସୂଦନ ବାଘ ମୁଖ୍ୟ ଅତିଥି, ଏବିଇଓ କୁଳ ରଞ୍ଜନ ସୁନା, ଗୋପାଳ କୃଷ୍ଣ ପଟ୍ଟନାୟକ, କ୍ଷେତ୍ର ମୋହନ ବିଷୋୟୀ, ଆବାହକ ଆନନ ଭତ୍ରା, ଗୋପାଳ କୃଷ୍ଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସେମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଷ୍ଟେଟ ବ୍ୟାଙ୍କ୍ ଆରଏମ୍‌ଙ୍କ ପ୍ରସ୍ତାବିତ ଶାଖା ଗୃହ ପରିଦର୍ଶନ

ନନ୍ଦପୁର,୧୪।୧୦(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ସଦର ମହକୁମାରେ ଅକ୍ଟୋବର ମାସ ଶେଷ ସୁଦ୍ଧା ଷ୍ଟେଟ ବ୍ୟାଙ୍କ୍ ଶାଖା କାର୍ଯ୍ୟକ୍ଷମ ହେବ ବୋଲି ଜୟପୁର ଷ୍ଟେଟ୍ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ସୁବାଷ ଚନ୍ଦ୍ର ବେହେରା କହିଛନ୍ତି। ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଶାଖା ଉଦଘାଟନ କରିବେ। ମ୍ୟାନେଜର ବେହେରା ନନ୍ଦପୁର ବ୍ଲକ ପ୍ରସ୍ତାବିତ ଶାଖା ଗୃହ ପରିଦର୍ଶନ କରି ଭିତ୍ତିଭୂମି ସ୍ଥିତି ପରଖି ଥିଲେ। ନନ୍ଦପୁର ଶାଖାରେ କାର୍ଯ୍ୟ କରିବାକୁ ପରିଚାଳକ ଓ ଅନ୍ୟ କର୍ମଚାରୀ ଚୟନ ସରିଛି। ନିର୍ମାଣ କାର୍ଯ୍ୟ ୧୦ ଦିନ ମଧ୍ୟରେ ସାରି ଶାଖା କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି। ଏଥିରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଖସକେତନ ବେହେରା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଜାତୀୟ ଭାଜପା କାଉନସିଲ ସଦସ୍ୟ ଜୟରାମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଙ୍ଗରା ଭୂଇଁ ପାଲଟିଛି ଚିରସ୍ରୋତା ଇନ୍ଦ୍ରାବତୀ

ତେନ୍ତୁଲିଖୁଣ୍ଟି, ୧୪।୧୦(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଦେଇ ପ୍ରବାହିତ ଇନ୍ଦ୍ରାବତୀ ନଦୀ ଶୁଷ୍କ ତଥା ଟାଙ୍ଗରା ଭୂଇଁ ପାଲଟିଛି। କେତେକ ସ୍ଥାନରେ ଏହା ଅପରିଷ୍କାର ହୋଇ ରହିଛି। ଇନ୍ଦ୍ରାବତୀ ଉପକୂଳବାସୀଙ୍କ ମୌଳିକ ସମସ୍ୟା ସମାଧାନ ସାଙ୍ଗକୁ ନଦୀଜଳ ସଫେଇ ପାଇଁ କିଛି ଜଳ ଛାଡ଼ିବାକୁ ଖାତିଗୁଡ଼ା ଗ୍ରାମବାସୀ ଓ ଇନ୍ଦ୍ରାବତୀବାସୀ ଦାବି କରିଛନ୍ତି।

ପ୍ରକୃତିର ଗତିପଥକୁ ବଦଳାଇ ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ମାଧ୍ୟମରେ ୧୧୦ ବର୍ଗକିଲୋମିଟର ଜଳଭଣ୍ଡାର ନିର୍ମାଣ ହେଲା। ଫଳରେ ଇନ୍ଦ୍ରାବତୀ ନଦୀ ସମେତ ଅନ୍ୟ ତିନି ନଦୀ ଶୁଷ୍କଭୂମିରେ ପରିଣତ ହୋଇଛି। ନବରଙ୍ଗପୁର ଜିଲାବାସୀଙ୍କ ହକ୍‌କୁ ଅଣଦେଖା କରି ପ୍ରକଳ୍ପ ଆରମ୍ଭ ହେଲା। ନବରଙ୍ଗପୁର ଜିଲାବାସୀଙ୍କୁ ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ ସୁବିଧା କରି ପାରିପାର୍ଶ୍ୱିକ ବିକାଶର ସ୍ୱପ୍ନ ଦେଖାଇ କାର୍ଯ୍ୟ ହାସଲ ପରେ ସେସବୁ ପ୍ରତିଶ୍ରୁତି ପ୍ରତାରଣା ସଦୃଶ ହୋଇ ରହିଯାଇଛି। କାର୍ଯ୍ୟ ଚାଲିଥିବା ବେଳେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଇନ୍ଦ୍ରାବତୀର ତମାମ ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରୁଥିଲା। ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ ସାଙ୍ଗକୁ ଗମନାଗମନ କ୍ଷେତ୍ରରେ ଇନ୍ଦ୍ରାବତୀର ସ୍ୱତନ୍ତ୍ର ପରିଚୟ ରହିଥିଲା। କିନ୍ତୁ କାର୍ଯ୍ୟ ହାସଲ ପରେ ଜଳବିଦ୍ୟୁତ୍ ନିଗମ ଇନ୍ଦ୍ରାବତୀବାସୀଙ୍କ ସୁବିଧା ଏବଂ ପାରିପାର୍ଶ୍ୱିକ ବିକାଶ ପ୍ରତି ଆଖି ବୁଜି ସମସ୍ତ ଦାୟିତ୍ୱ ଓଡ଼ିଶା ଜଳସେଚନ ବିଭାଗକୁ ଦେଇଦେଲେ। ଉନ୍ନୟନ କାର୍ଯ୍ୟରେ ଯେତେ ଅର୍ଥ ଜଳସେଚନ ବିଭାଗ ଖର୍ଚ୍ଚ କରିବ, ତାହାର ୫୦% ଅର୍ଥ ଜଳ ବିଦ୍ୟୁତ୍ ନିଗମ ବହନ କରିବା ନେଇ ବୁଝାମଣା ହୋଇଛି। ଏହି ଗଣିତ ହିସାବ ପରେ ଅଞ୍ଚଳର ବିକାଶ ଏକ ପ୍ରକାର ଠପ୍ ହୋଇଯାଇଛି। ଜଳସେଚନ ବିଭାଗ ଏବଂ ଜଳବିଦ୍ୟୁତ୍ ନିଗମ ମଧ୍ୟରେ ସଲାସୁତୁରା ହୋଇ ଉନ୍ନୟନ ପ୍ରତି ଆଖି ବୁଜିଦେଇଥିବା ଅଭିଯୋଗ କରିଛନ୍ତି ନବରଙ୍ଗପୁର ଜିଲାବାସୀ। ଇନ୍ଦ୍ରାବତୀ ଉପକୂଳବାସୀଙ୍କ ପ୍ରତି ଅଣଦେଖା ଭବିଷ୍ୟତରେ ମହଙ୍ଗା ପଡ଼ିବ ବୋଲି ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି।

# ଜିଲାପାଳଙ୍କୁ ଦାବି ଜଣାଇଲେ ଚାଷୀ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀ।

ନବରଙ୍ଗପୁର,୧୪।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ କଂଗ୍ରା ଗାଁରେ ଚାଷୀ ଏକ ଘରୋଇ କମ୍ପାନୀର ଧାନ ବିହନ କିଣି ଚାଷ କରିଥିଲେ। ଏବେ ଉକ୍ତ ଫସଲରେ ରୋଗ ପୋକ ଲାଗି ଫସଲ ନଷ୍ଟ ହୋଇଯାଇଛି। ବିଭିନ୍ନ ପ୍ରକାର କୀଟନାଶକ ସିଞ୍ଚନ କଲେ ମଧ ରୋଗ ପୋକ କମୁନାହିଁ। କମ୍ପାନୀ ଏଜେଣ୍ଟ ଏବେ ଡାକିଲେ ଆସୁନାହାନ୍ତି। ବ୍ୟାଙ୍କ, ଲ୍ୟାମ୍ପସ ଓ ବିଭିନ୍ନ ଲୋକଙ୍କଠାରୁ ଋଣ ଓ କରଜ କରି ଚାଷୀମାନେ ଫସଲ କରିଛନ୍ତି। ଏବେ ଋଣ କିଭଳି ଶୁଝିବେ ସେନେଇ ଚିନ୍ତାରେ ଚାଷୀ। ଏହିଭଳି ସମସ୍ୟାକୁ ନେଇ ଚାଷୀମାନେ ଧାନ ଗଛ ଗଛ ଧରି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଉକ୍ତ କମ୍ପାନୀ ଓ ଏଜେଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବି କରିଛନ୍ତି।

# ଗାଁରେ ମଦ ବିକ୍ରି ବନ୍ଦ ଦାବିକଲେ ମହିଳା



ଦାବି ଜଣାଇବାକୁ ଆସିଥିବା ମହିଳାମାନେ।

ନବରଙ୍ଗପୁର,୧୪।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ କାମତା ପଞ୍ଚାୟତ ଅଧୀନ କୁସୁମୀ ଗାଁରେ ବ୍ୟାପକ ଭାବେ ଦେଶୀ ରନ୍ଧା ମଦ ବିକ୍ରି ହେଉଛି। ୨୫ ଜଣ ମଦ ପିଇ ମୃତ୍ୟୁବରଣ କଲେଣି । ଗାଁରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ କରାଯାଉ ବୋଲି ଜିଲାପାଳଙ୍କ ନିକଟରେ ସମିତି ସଭ୍ୟା ବସନ୍ତ ସାଗରିଆ, ପୁଷ୍ପାଞ୍ଜଳି ନାୟକ, ନିରମଣି ଭତରାଙ୍କ ସମେତ ଗାଁର ମହିଳାମାନେ ଅଭିଯୋଗ କରିଛନ୍ତି। ଅବକାରୀ ବିଭାଗକୁ ଜଣାଇଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ଏବେ ଗାଁର ୩୦ ଭାଗ ଲୋକ ମଦ ପିଇ ଘରକୁ ଆସୁଛନ୍ତି। ଗାଁରେ ଝଗଡା, ଘରୋଇ ହିଂସା ବୃଦ୍ଧି ପାଉଛି । ଦିନ ମଜୁରି କରି ଯାହା ରୋଜଗାର କରୁଛନ୍ତି ତାହା ମଦ ପିଇ ସାରି ଦେଉଛନ୍ତି। ଅନେକ ମଦୁଆ ଘରର ଚାଉଳ, ଆସବା ପତ୍ର ମଧ ବିକ୍ରି କରି ଦେଉଛନ୍ତି। ମଦ ଯୋଗୁ ଗାଁରେ ଅଶାନ୍ତି ଲାଗିରହୁଛି। ଏନେଇ ଗାଁରେ ମଦ ରନ୍ଧା ଓ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ମଦ ପାଇଁ ବ୍ୟବହୃତ ମହୁଲ ପୋଚ ଗାଁରେ ପକାଉଛନ୍ତି, ଯାହାକି ଗାଁ ପରିବେଶକୁ ଦୁର୍ଗନ୍ଧ କରୁଛି। ବିଭିନ୍ନ ରୋଗ ସଂକ୍ରମଣ ହେବା ଯଥେଷ୍ଟ ଆଶଙ୍କା ରହିଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏଥିସହ ମଦ ରାନ୍ଧୁଥିବା ଲୋକଙ୍କ ତାଲିକା ଜିଲାପାଳଙ୍କୁ ଦେଇଛନ୍ତି।

## ରାଜ୍ୟସ୍ତରୀୟ ବର୍ଣ୍ଣାଳୀ ପ୍ରଶିକ୍ଷକଙ୍କ ସ୍କୁଲ ପରିଦର୍ଶନ

ଚନ୍ଦାହାଣ୍ଡି, ୧୪।୧୦(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଜୁନାପାଣି ଆଶ୍ରମ ବିଦ୍ୟାଳୟକୁ ରାଜ୍ୟସ୍ତରୀୟ ବର୍ଣ୍ଣାଳୀ ପ୍ରଶିକ୍ଷକ ଅମୂଲ୍ୟ ବରିହା ମଙ୍ଗଳବାର ପରିଦର୍ଶନ କରିଥିଲେ। ବରିହା ବିଦ୍ୟାଳୟର ବର୍ଣ୍ଣାଳୀ ଶ୍ରେଣୀ ଗୃହ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କ ଭିତରେ ଭେଦ ଭାବ ନରଖି ସାମାଜିକ ସମତା ଦେଖି ବହୁତ ଆକୃଷ୍ଟ ହୋଇଥିଲେ। ବର୍ଣ୍ଣାଳୀ ତାଲିମପ୍ରାପ୍ତ



ଅମୂଲ୍ୟ ବରିହାଙ୍କ ସହ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ।

ଶିକ୍ଷକ ଗୌରୀଶଙ୍କର ଡ଼ଙ୍ଗରି ସୁରକ୍ଷିତ ସ୍ପର୍ଶ ଓ ଅସୁରକ୍ଷିତ ସ୍ପର୍ଶ ବିଷୟକୁ ନେଇ ଏକ ଶିକ୍ଷାଦାନ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ସହ କିଛି ସମୟ ପ୍ରଶ୍ନ ଉତ୍ତର ହୋଇଥିଲା। ଛାତ୍ରୀଛାତ୍ରଙ୍କ ଗ୍ରହନାଶୀଳତା ଓ ବିଦ୍ୟାଳୟ ପରିବେଶ ପ୍ରତି ଆକୃଷ୍ଟ ହୋଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟିମିଚାନ୍ଦ ଚୌହାନ, ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଭାନୁମତୀ ମହାରଣା, ଅଲ୍ଲୀଭା ମହାମାତ୍ର, ମେଟ୍ରୋନ ଦୀପ୍ତି ମୟୀ ସାମଲ, ଗଣପତି ମାଝୀ ଓ ଅନ୍ୟ କର୍ମଚାରୀଙ୍କୁ ସାଧୁବାଦ ଦେଇଥିଲେ।

## ଧର୍ମାନ୍ତରୀକରଣ ବିରୋଧରେ ଶୋଭାଯାତ୍ରା, ଦାବିପତ୍ର

ନବରଙ୍ଗପୁର,୧୪।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ବସବାସ କରିଆସୁଥିବା ବନବାସୀ ସମାଜର ତଫସିଲଭୁକ୍ତ ଜାତି, ଉପଜାତି, ପଛୁଆ ବର୍ଗମାନଙ୍କୁ ପ୍ରଲୋଭନ ଓ ଚଞ୍ଚକତା ଦେଖାଇ ବ୍ୟାପକ ଭାବରେ ସେମାନଙ୍କ ଧର୍ମ ପରିବର୍ତ୍ତନ କରାଯାଉଛି। ପରବର୍ତ୍ତୀ ସମୟରେ ସେମାନଙ୍କୁ ଅବୈଧ କାମରେ ବିନିଯୋଗ କରାଯାଉଥିବାର ଅଭିଯୋଗ ଆଣିଛନ୍ତି ବନବାସୀ ଗଣ୍ଡ, କନ୍ଧ, କୁଇ, ଗରଡ଼ା, ହରିଜନ, ବୈଶ୍ୟ ଆଦି ବିଭିନ୍ନ ଜାତି ମୁଖିଆମାନେ। ଏହା ବିରୋଧରେ ସୋମବାର ଅପରାହ୍ନରେ ବିଭିନ୍ନ ବନବାସୀ ବର୍ଗର ବହୁ ସଂଖ୍ୟକ ବ୍ୟକ୍ତି ଭଣ୍ଡାରଘରଣୀ ମନ୍ଦିର ନିକଟରେ ଏକାଠି ହାଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆଙ୍କୁ ପ୍ରଦାନ କରିଥିଲେ।

ଅବୈଧ ଧର୍ମାନ୍ତରୀକରଣ ପାଇଁ ନିଷେଧ ହୋଇଥିବା ଧାରାକୁ କୋହଳ ଓ ପ୍ରସାରିତକୁ ଉଚ୍ଛେଦ ସକାଶେ ସୁପ୍ରିମକୋର୍ଟଙ୍କ ଆଦେଶକୁ ନିନ୍ଦା କରାଯାଇଥିଲା। କଲେଜିୟମ ଧାରାକୁ ଉଠାଇ ସ୍ୱଚ୍ଛ ବିଚାରପତି ନିଯୁକ୍ତି ସକାଶେ ଗଣ୍ଡ ସମାଜର ପ୍ରମୁଖ ପୁନୀତରାମ ଗଣ୍ଡ ଦୃଢ଼ ଦାବି କରିଥିଲେ। ଧର୍ମ ପରିବର୍ତ୍ତନ କରିଥିବା ଆଦିବାସୀମାନେ ନିଜର ପରମ୍ପରା ଓ ସମାଜ ଜୀବନ ହରାଇ ବସୁଛନ୍ତି। ଏଣୁ ସରକାର ସେମାନଙ୍କ ଆରକ୍ଷଣ ସୁବିଧା ରଦ୍ଦ କରନ୍ତୁ ବୋଲି ମଣିରାମ ଗଣ୍ଡ ଦାବି କରିଥିଲେ। ବନବାସୀ ସାନ୍ତା ସମାଜର ପ୍ରମୁଖ ବଳୀ ସାନ୍ତା କହିଥିଲେ ଯେ, ଛଳ ବଳ ପ୍ରୟୋଗ ପୂର୍ବକ ଧର୍ମାନ୍ତରୀକରଣ କରାଯାଉଛି। ଧର୍ମ ପରିବର୍ତ୍ତନ କଲେ ଅଭାବ ରହିବ ନାହିଁ ଏବଂ ସମସ୍ତେ ଭେଦଭାବ ଶୂନ୍ୟ ହୋଇ ରହିବେ ବୋଲି କୁହାଯାଏ, କିନ୍ତୁ ତାହା ଭାଷଣସର୍ବସ୍ୱ। ଧର୍ମାନ୍ତରିତ ଲୋକ ଯେମିତି ଗରିବକୁ ସେମିତି ଗରିବ ବୋଲି ସେ କହିଥିଲେ। ମୁଷ୍ଟିମେୟ ଲୋକଙ୍କର ଏଥିରେ ଫାଇଦା କେବଳ। ଗରଡ଼ା ସମାଜ ମୁଖିଆ ପ୍ରହଲ୍ଲାଦ ଗରୁଡ଼ କହିଥିଲେ, ଧର୍ମାନ୍ତରୀକରଣକୁ ବ୍ୟାପକ ଭାବରେ କଠୋର କରାଯାଉ। ଏହି କାମ କରୁଥିବା ବ୍ୟକ୍ତିଙ୍କୁ ଦଶ ବର୍ଷ ଜେଲଦଣ୍ଡ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ଶହେରୁ ଉର୍ଦ୍ଧ୍ୱ ବନବାସୀ ଉପସ୍ଥିତ ଥିଲେ।

## ଉମରକୋଟ୍‌ର କୁନିଙ୍କୁ ରୌପ୍ୟ ପଦକ

ଉମରକୋଟ, ୧୪।୧୦(ସନ୍ତୋଷ ଶତପଥୀ)

**ସର୍ବଭାରତୀୟ ଜୁନିୟରସ୍ତରରେ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତା**



କୁନି ରାଜଗଣ୍ଡ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଜୁନିୟର ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ ୧୪ ବର୍ଷରୁ କମ୍ ଜାଭେଲିନ ଥ୍ରୋରେ ଉମରକୋଟର ଛାତ୍ରୀ କୁନି ରାଜଗଣ୍ଡ ରୋପ୍ୟ ପଦକ ହାସଲ କରିଛନ୍ତି। ସେ ୩୫.୭୪ ମିଟର ଦୂର ଜାଭେଲିନ୍ ଥ୍ରୋ କରି ସର୍ବ ଭାରତୀୟ ଜୁନିୟର ସ୍ତରରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ହରିୟଣାର ଆରାଧ ସିଂ ୩୬. ୫୬ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କୁନି ଉମରକୋଟ ନିକଟସ୍ଥ ଏକଟାଗୁଡ଼ା ଗ୍ରାମର ହରି ରାଜଗଣ୍ଡଙ୍କ ଝିଅ। କୁନି ବିଏସ୍‌ପଦର ହାଇସ୍କୁଲରେ ରହି କ୍ରୀଡ଼ା ଶିକ୍ଷକ ସପନ ବୈରାଗୀଙ୍କଠାରୁ କୋଚିଂ ନେଉଥିଲେ। ୨୦୨୩ରେ ଭୁବନେଶ୍ୱର କଳିଙ୍ଗ ହଷ୍ଟେଲ କ୍ରୀଡ଼ା ଛାତ୍ରାବାସ ପାଇଁ ମନୋନୀତ ହୋଇଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱରରେ କୋଚ ଆଲୋକ କୁମାର ମହାନ୍ତିଙ୍କଠାରୁ ତାଲିମ ନେବା ସହ ନବମ ଶ୍ରେଣୀରେ ପାଠ ପଢୁଛନ୍ତି। କୁନି ଆଗାମୀ ଦିନରେ ଅଲମ୍ପିକ୍ସ ଓ ଆନ୍ତର୍ଜାତିକସ୍ତରରେ ଅଂଶ ଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟ ରଖିଥିବା କହିଛନ୍ତି। କୁନିଙ୍କ ଏହି ସଫଳତା ପାଇଁ ବିଏସ୍‌ପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ସାଧୁ ରାମ ଭତ୍ରା ଓ କ୍ରୀଡ଼ା ଶିକ୍ଷକ ସପନ କୁମାର ବୈରାଗୀ ଓ ଜିଲା କ୍ରୀଡ଼ା ସଂଘ ଅଭିନନ୍ଦନ ଜ୍ଞାପନ କରିଚନ୍ତି।

## ବିଦ୍ୟାଳୟ ସମୂହ ଖେଳ ଓ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ



ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଡାବୁଗାଁ, ୧୪।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରକାରୀ (ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ଓ ଦୌଡକୁଦ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଇଓ ରଶ୍ମିତା ନେତମଙ୍କ ଆବାହକତ୍ୱ ଓ ଏବିଇଓ ଭଗବାନ ମାଝୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉପସ୍ଥିତ ଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷା ବୀଣା ମାଝୀ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ପି. ନାଗା ରାଓ, ଆର୍ ପ୍ରକାଶ ରାଓ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ ଓ ବୋରିଗାଁ ମଣ୍ଡଳ ସଭାପତି ଜଗଦୀଶ ବିଶୋୟୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନୌଜ ମହାପାତ୍ର ଉପସ୍ଥିତ ଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମସ୍ତ ଖେଳରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ବିଦ୍ୟାଳୟ ସମୁହ ଖେଳ ଓ ଦୌଡ଼ କୁଦ ପ୍ରତିଯୋଗୀତା ରେ ଭାଗ ନେବେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତେ ପ୍ରସାଦ ନାଗ ମଞ୍ଚ ପରିଚାଳନା କରିଥିଲେ।

ପାପଡ଼ାହାଣ୍ଡି (ସ୍ୱପ୍ନଜିତ ପଟ୍ଟନାୟକ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ସରକାରି ଲାଲ ବହାଦୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ଓ ଦୌଡ଼କୁଦ ପ୍ରତିଯୋଗିତା ଉଦଯାପିତ ହୋଇଛି। ବିଇଓ ସୁଦୀପ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରାମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଏସ୍ଏମ୍ସି ସଭାପତି ରାଜକିଶୋର ରାଓ, ଏବିଇଓ ବାଲକଦାସ ରନ୍ଧାରୀ, ଚୈତନ୍ୟ ହରିଜନ, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ପାପଡ଼ାହାଣ୍ଡି ବ୍ଲକର ଚାରି ଜୋନ୍ ପାପଡାହାଣ୍ଡି, ମୈଦଳପୁର, ମୋକିଆ ଏବଂ ଚେରଚେଟାରୁ ମୋଟ ୧୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ଖେଳ ଏବଂ ଦୌଡ଼କୁଦ ପ୍ରତିଯୋଗିତାରେ ଏହି ବିଜେତା ଛାତ୍ରୀଛାତ୍ର ଭାଗ ନେବେ ବୋଲି ବିଇଓ ସୂଚନା ଦେଇଛନ୍ତି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ଭୋଟିଂ ଶେଷ

ନନ୍ଦାହାଣ୍ଡି, ୧୪।୧୦ (ପ୍ରତୀପ କୁମାର ଦାଶ)

**ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ପରେ ଘୋଷଣା ହେବ ଫଳାଫଳ**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଦହଣା ପଞ୍ଚାୟତ ସରପଞ୍ଚ କମଳା ପୂଜାରୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ପରେ ମଙ୍ଗଳବାର ଭୋଟିଂ କରାଯାଇଛି। ଏହାର ଫଳାଫଳ ଆସନ୍ତା ୨୭ ତାରିଖରେ ଘୋଷଣା କରାଯିବ ବୋଲି ହାଇକୋର୍ଟଙ୍କ ନୋଟିସ୍ ହୋଇଛି।

ସୂଚନାନୁଯାୟୀ, ସରପଞ୍ଚ କମଳା ପୂଜାରୀ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ଆଣି ନାଏବ ସରପଞ୍ଚ କନକ ପାଇକଙ୍କ ନେତୃତ୍ୱରେ ସମସ୍ତ ୱାର୍ଡମେମ୍ବର ଅଗଷ୍ଟ ୨୨ରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ସେପ୍ଟେମ୍ବର ୧୭ରେ ଦସ୍ତଖତ ଯାଞ୍ଚ ପରେ ଅକ୍ଟୋବର ୧୪କୁ ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ସରପଞ୍ଚ ପୂଜାରୀ କିନ୍ତୁ ଅନାସ୍ଥାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନାସ୍ଥା ନୋଟିସ୍ ତାଙ୍କୁ ବିଳମ୍ବରେ ମିଳିଥିବା ନେଇ ସରପଞ୍ଚ ପୂଜାରୀ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ନିର୍ଦ୍ଧାରିତ ତାରିଖ ଓ ସମୟରେ ଭୋଟିଂ କରାଯିବ। କିନ୍ତୁ ଫଳାଫଳ ଘୋଷଣା ହେବନାହିଁ। ଆସନ୍ତା ୨୭ ତାରିଖରେ ପରବର୍ତ୍ତୀ ଶୁଣାଣି ପରେ ଫଳାଫଳ ଘୋଷଣା କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଆସିଛି। ମଙ୍ଗଳବାର ଦହଣା ପଞ୍ଚାୟତ କାର୍ଯ୍ୟାଳୟରେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଏବଂ ଭାରପ୍ରାପ୍ତ ପିଇଓ ଅଭିଷେକ ବାଘଙ୍କ ଉପସ୍ଥିତିରେ ସମସ୍ତ ୧୧ ଜଣ ୱାର୍ଡ ସଭ୍ୟ ଭୋଟ ଦେଇଥିଲେ। ଏହାର ଚୂଡ଼ାନ୍ତ ଫଳାଫଳ ଆସନ୍ତା ୨୭ରେ ଘୋଷଣା କରାଯିବ ବୋଲି ତହସିଲଦାର ମହାନନ୍ଦିଆ ସୂଚନା ଦେଇଛନ୍ତି। ଭୋଟିଂ ପରେ ତହସିଲଦାର, ପିଇଓ ଏବଂ ସମସ୍ତ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ ଭୋଟବାକ୍ସକୁ ଜଉମୁଦ ଦେଇ ସୁରକ୍ଷିତ ଭାବରେ ଷ୍ଟ୍ରଙ୍ଗ୍‌ରୁମକୁ ନିଆଯିବାର ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ ଟୁଡୁ ଓ ପୋଲିସ ଟିମ୍ ଉପସ୍ଥିତ ଥିଲେ।



ଭୋଟ ଦେବାକୁ ଆସିଥିବା ୱାର୍ଡମେମ୍ବରମାନେ।



## ସଂକ୍ଷେପରେ

### ରେଳ ପ୍ରକଳ୍ପ ବାତିଲ ଦାବିକଲେ ଗ୍ରାମବାସୀ

କୁନ୍ଦୁରା,୧୪।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତର ରାଜୀବ ଗାନ୍ଧି ସେବା କେନ୍ଦ୍ରରେ ପଞ୍ଚାୟତସ୍ତରୀୟ ସଚେତନତା ଓ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି। କୁନ୍ଦୁରା ବିଡିଓ ପି.ମନସ୍ୱିତାଙ୍କ ଅଧକ୍ଷତା କରିଥିଲେ। ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଦୀର୍ଘ ଦିନରୁ ଦିଗାପୁର ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିବାରୁ ପଞ୍ଚାୟତ ଗୃହ ନିର୍ମାଣ ନେଇ ସରପଞ୍ଚ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏଥିସହ ଦିଗାପୁର ପଞ୍ଚାୟତର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବା ଓ କେତେକଙ୍କୁ ତୃତୀୟ କିସ୍ତି ମିଳି ନ ଥିବା ନେଇ ଅଭିଯୋଗ ହୋଇଥିଲା। ଦିଗାପୁର, ଖିଲପୁଟ ଓ ଘସରଡ଼ା ଗ୍ରାମର ଚାଷ ଜମିରେ କେନ୍ଦ୍ର ସରକାରଙ୍କ ରେଳ ଲାଇନ ଯିବା ନେଇ ୩ ଗ୍ରାମର ଚାଷୀମାନେ ରେଳ ପ୍ରକଳ୍ପ ବାତିଲ ସହ ଅନ୍ୟ ରାସ୍ତାରେ ନିର୍ମାଣ କରିବାକୁ ଦାବି କରିଥିଲେ। ଶିବିରରେ ଦିଗାପୁର ସଦର ଗ୍ରାମର ୩ ପ୍ରମୁଖ ରାସ୍ତା ନିର୍ମାଣ, କୃଷ୍ଣ ସାଗର ଉନ୍ନତିକରଣ ଓ ପାର୍କ ନିର୍ମାଣ, ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପାଇଁ ଆଶ୍ରୟ ସ୍ଥଳ, ସୋଲାର ଚଳିତ ପାଣିଟାଙ୍କି ବ୍ୟବସ୍ଥା, ମନ୍ଦିର ପାଚେରୀ ନିର୍ମାଣ ଆଦି ଦାବି ହୋଇଥିଲା। ବିଡିଓ ଅନ୍ତ୍ୟୋଦୟ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ମିଳିଥିବା ହିତାଧିକାରୀଙ୍କ ଜାଗା ତଦାରଖ କରିଥିଲେ। ଯାହା ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ଅତିଶୀଘ୍ର କାର୍ଯ୍ୟକ୍ଷମ କରାଇବି ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

### ଜବରଦଖଲ ଉଚ୍ଛେଦ, ୬ ଦୋକାନ ସିଲ୍

କୋରାପୁଟ,୧୪।୧୦(ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ଦୀର୍ଘଦିନ ହେବ କୋରାପୁଟ ବସ୍‌ଷ୍ଟାଣ୍ଡ, ୨୬ ଏବଂ ୩୨୬ ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଜବରଦଖଲ କରିଥିବା ଦୋକାନଘର ଉଚ୍ଛେଦ ସହ ଦୀର୍ଘଦିନରୁ ଭଡ଼ା ଦେଇ ନ ଥିବା ୬ ଦୋକାନକୁ ସୋମବାର ସିଲ୍ କରାଯାଇଛି। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ସୟଦ ସବିର ଶାହଙ୍କ ଉପସ୍ଥିତିରେ କଳାନିକେତନ ଛକଠାରୁ ଟ୍ରାଫିକ୍ ଛକ, ଗୁଣ୍ଡିଚା ଛକ, ବସ୍ ଷ୍ଟାଣ୍ଡ, ସିଟକେପ ଛକ ଓ ମାଂସ ମାର୍କେଟ ଆଦି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଦୋକାନ ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବାରୁ ଏଥିରେ ସୁଧାର ଆଣିବାକୁ ଏହି ସମସ୍ତ ଅଞ୍ଚଳରେ ଉଚ୍ଛେଦ କରାଯାଇଛି। ଏଥିସହ ଲକ୍ଷାଧିକ ଟଙ୍କା ଦୋକାନ ଭଡ଼ା ବାବଦକୁ ବାକି ରଖିଥିବା ମାଂସ ମାର୍କେଟର ୩ ଓ ବସ୍‌ଷ୍ଟାଣ୍ଡର ୩ ଦୋକାନକୁ ସିଲ୍ କରିଥିଲେ। ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ଥିବା ଜୟଦୁର୍ଗା ହୋଟେଲ ରାସ୍ତା ଉପରକୁ ମାଡ଼ି ନିର୍ମାଣ ହୋଇଥିବାରୁ ଏହି ଘରକୁ ଭଙ୍ଗାଯାଇଥିଲା। ଉଚ୍ଛେଦରେ କୋରାପୁଟ ପୋଲିସ ଫୋର୍ସ, ମ୍ୟୁନିସିପାଲିଟିର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଆଗକୁ ଏଭଳି ଉଚ୍ଛେଦ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ତ୍ରିପାଠୀ ପ୍ରକାଶ କରିଛନ୍ତି।

### ନୂତନ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ



କୋରାପୁଟ,୧୪।୧୦(ଅମିତାଭ ବେହେରା)

କୋରାପୁଟ ଜିଲାର ନୂତନ ଜିଲା ଶିକ୍ଷାଧିକାରୀ ଭାବେ କରୁଣାକର ଭୁଇ ସୋମବାର ଯୋଗଦେଇଛନ୍ତି। କୋରାପୁଟ ଜିଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଚଳିତମାସ ୬ ତାରିଖରେ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ନୂଆପଡ଼ା ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ଅଧିକାରୀ ତଥା ଜିଲା ଶିକ୍ଷାଧିକାରୀ ଭୁଇଙ୍କ କୋରାପୁଟ ବଦଳି ହୋଇଛି। ନୂତନ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟରେ ଯୋଗଦେବା ପରେ କାର୍ଯ୍ୟାଳୟର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ଏବଂ ଚମେଲି ମଜୁମଦାର, ଡିଏସ୍ଏସ୍ ଅନନ୍ତ ଦଳପତି,ପେଡ଼ାଗୋଗି କୋଅର୍ଡିନେଟର ଚନ୍ଦ୍ରକଳା ବର୍ଗଡ଼ି ଏବଂ ସେକ୍ସନ ଅଫିସର ପ୍ରଶାନ୍ତ କୁମାର ଭତ୍ରାଙ୍କ ସହ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

# କାର୍ଯ୍ୟ ଶେଷକରି ଗୃହ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ

## ନୂତନ ଚିକିତ୍ସାଳୟ ସ୍ଥାନାନ୍ତର ନେଇ ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ ଓ ଅଧିକାରୀମାନେ।

କୋରାପୁଟ,୧୪।୧୦(ଅମିତାଭ ବେହେରା)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟର ନୂତନ ୬୫୦ ଶଯ୍ୟା ଗୃହକୁ ସ୍ଥାନାନ୍ତର କରିବା ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଦୂଷଣ ଓ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ସହ ବାକିଥିବା ଅନ୍ୟ ଅନୁସାଙ୍ଗିକ କାର୍ଯ୍ୟ ଶେଷ କରିବା ସହ ଶୀଘ୍ର ଗୃହ ହସ୍ତାନ୍ତର କରିବାକୁ କୋରାପୁଟ ବିଧାୟକ ରଘୁରାମ ମାଛ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ଅଧକ୍ଷତା କରିଥିଲେ। ନବନିର୍ମିତ ୬୫୦ ଶଯ୍ୟାର ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାକୁ କାର୍ଯ୍ୟକ୍ଷମ କରିବାକୁ ବିଧାୟକ କହିଥିଲେ। ତୁରନ୍ତ ଗୃହକୁ ହସ୍ତାନ୍ତର କରିବାକୁ ସାପୁର୍ଜି କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ଗୃହର ବାକିଥିବା ଟାଉନ ପ୍ଲାନର ଅନୁମୋଦନ କାର୍ଯ୍ୟ, ଅଗ୍ନିନିର୍ବାପକ ସୁରକ୍ଷା ବ୍ୟବସ୍ଥା, ସିଟିଇର ପ୍ରମାଣପତ୍ର କାର୍ଯ୍ୟ, ରୋଗୀମାନଙ୍କ ପାଇଁ ଶଯ୍ୟା, ଜଳଯୋଗାଣ କାର୍ଯ୍ୟ, ବିଦ୍ୟୁତ, ପ୍ରଦୂଷଣ ପ୍ରମାଣପତ୍ର ଓ ଚିକିତ୍ସାଳୟକୁ ସଂଯୋଗୀ ରାସ୍ତା କାର୍ଯ୍ୟ ତୁରନ୍ତ ସାରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ପୁରୁଣା ଚିକିତ୍ସାଳୟରେ ପାଣି ଗଳୁଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ନୂତନ ଗୃହ ହସ୍ତାନ୍ତର ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ବିଧାୟକ ଗୁରୁତ୍ୱ ଦେଇଛନ୍ତି। ଏଥିସହ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଚିକିତ୍ସାଳୟ ଅଧୀକ୍ଷକ ପ୍ରଫେସର ଡା.ସୁଶାନ୍ତ କୁମାର ସାହୁ, ଡିନ୍ ପ୍ରଫେସର ଡା. ହରେକୃଷ୍ଣ ଦଳାଇ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଆର ଏନ୍. ମିଶ୍ର,ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଚିରଞ୍ଜୀବୀ ମହାଲି ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଶିଶୁଙ୍କ ସମସ୍ୟାକୁ ଗୁରୁତ୍ୱଦେବା ନେଇ ଆଲୋଚନା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଅଧିକାରୀ ଓ ଗ୍ରାମବାସୀ।

## ଶିଶୁ ଅଧିକାର ସମ୍ବନ୍ଧୀୟ କାର୍ଯ୍ୟକ୍ରମ

ଦଶମନ୍ତପୁର,୧୪।୧୦(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷରେ ଏକତା ଅନୁଷ୍ଠାନ ଆନୁକୁଲ୍ୟରେ ବ୍ଲକସ୍ତରୀୟ ଶିଶୁ ଅଧିକାର ସମ୍ବନ୍ଧୀୟ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଦଶମନ୍ତପୁର ବ୍ଲକ ଏବିଡିଓ ଏସ.କେ.ବେହେରା, ସମ୍ମାନିତ ଅତିଥି ଅତିରିକ୍ତ ସିଡିପିଓ ରାଜେଶ୍ୱରୀ ଡୁରୁକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ନାୟକ,ବ୍ଲକ ସାମାଜିକ ସୁରକ୍ଷା ବିଭାଗର ଗୌତମ ଖୋସ୍ଲା,ବ୍ଲକ ଶିକ୍ଷା ବିଭାଗର ସିଆରସିସି ମଧୁସୂଦନ ପାତ୍ର ଏବଂ ଆଇଡିଏସ୍‌ର ପ୍ରତାପ ଜେନା, ବେଡ଼ା ପଦର ପିଇଓ ସୁସାଇ ଭୋଇ,ଆରସିଆଇ ପ୍ରକଳ୍ପର ଗାୟତ୍ରୀ ଦେଓ ଏବଂ ମିହିର ପାତ୍ରଙ୍କ ସମେତ ପରଜା ବଡ଼ାପଦର ଏବଂ ଲୁଲା ପଞ୍ଚାୟତରୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଶ୍ରେୟା ପ୍ରକଳ୍ପର ଶିଶୁ ଅଧିକାର କାର୍ଯ୍ୟକ୍ରମର ଫଳାଫଳ ନେଇ ମାମିନା ବେହେରା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ପକ୍ଷରୁ ମତାମତ ଏବଂ ସୁବିଧା ସୁଯୋଗ ସହ ଶିଶୁ ଅଧିକାରରୁ ବଞ୍ଚିତ ନ ହେବା ନେଇ ଆଲୋଚନା ହୋଇଥିଲା। ବାଲ୍ୟ ବିବାହ, ଶିଶୁ ଶ୍ରମିକ,ବିଦ୍ୟାଳୟ ବାହାରେ ନ ରହିବେ, ନିର୍ଯାତନାର ଶିକାର ନ ହେବା ଓ ଅଞ୍ଚଳରେ ଥିବା ସୁବିଧା ନେଇ ଆଲୋଚନା କରିଥିଲେ। ବିଭାଗୀୟ କର୍ମଚାରୀ, ପଞ୍ଚାୟତ ପ୍ରତିନିଧିଙ୍କ ସହଯୋଗରେ ଶିଶୁ ସମ୍ପର୍କିତ ସମସ୍ୟାଗୁଡ଼ିକ ସମାଧାନ ହେବା ନେଇ ମତ ରଖିଥିଲେ। ପଞ୍ଚାୟତ ସ୍ତରରେ ଶିଶୁ ଅଧିକାର କମିଟି ଦୃଢ଼ କରି ଗ୍ରାମସଭା ଓ ପଲ୍ଲୀସଭାରେ ଶିଶୁଙ୍କ ଅଂଶଗ୍ରହଣ ସହ ସେମାନଙ୍କ ସମସ୍ୟାକୁ ଅଗ୍ରାଧିକାର ଦେବାକୁ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏକତା ଅନୁଷ୍ଠାନର ଧର ମଣ୍ଡି, ମକର ମୁଦୁଲି ଓ ଅନ୍ୟ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।

# ଶିଶୁ ମହୋତ୍ସବ ସୁରଭି

ଜୟପୁର,୧୪।୧୦(ପବନ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଅତିଥି କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଜୟପୁର ବ୍ଲକସ୍ଥିତ ସରକାରୀ ୟୁପିଏସ କ୍ଲଷ୍ଟରରେ,ଜୟନଗର ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ କ୍ଲଷ୍ଟରର ସିଆରସିସି ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ତର୍କ, ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ସୃଜନଶୀଳ ଲିଖନ, ହସ୍ତାକ୍ଷର, କୁଇଜ ଆଦି ପ୍ରତିଯୋଗିତା ହୋଇଥିଲା। କନିଷ୍ଠ ଓ ବରିଷ୍ଠଙ୍କୁ ନେଇ ୨୬ ପ୍ରତିଯୋଗିତାରେ ୧୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୨୫ରୁ ଊର୍ଦ୍ଧ୍ୱ ସହଯୋଗୀ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜୟନଗର ଏସ୍ଏସ୍ ଏବଂ ସୁନାରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ, ଚନ୍ଦନ କୁମାର ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କେ.ଗୋପାଳ, ସେକ୍ସନ ଅଫିସର ଶଶୀଭୂଷଣ ଦାଶ, ଜୟପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବୀ ପ୍ରସାଦ ଦାଶ, ସିଆରସିସି ରୁଦ୍ରପ୍ରସାଦ ପାଣିଗ୍ରାହୀ ଏବଂ ରାମେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ ଏବଂ କାଉନସିଲର ଗୋପୀନାଥ ମହାନ୍ତି କୃତୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# ଆଇସିଡିଏସ୍‌ର ପ୍ରକଳ୍ପସ୍ତରୀୟ ପୋଷଣ କାର୍ଯ୍ୟକ୍ରମ

ସୁନାବେଡ଼ା,୧୪।୧୦(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ଆଇସିଡିଏସ୍ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ପ୍ରକଳ୍ପ ସ୍ତରୀୟ ପୋଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ନଳିନୀ ବେହେରାଙ୍କ ଅଧକ୍ଷତାରେ ସୁନାବେଡ଼ା ପୌର ପରିଷଦ ଉପାଧକ୍ଷା ରିତୁ କଣ୍ଟା, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ରୋଶନୀ ଖେସ ଓ ପୌର ପରିଷଦର ୫ନଂ. ୱାର୍ଡ କାଉନସିଲର ମନୋଜ ସୁନା, ୬ନଂ. ୱାର୍ଡ କାଉନସିଲର ମିନତୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପୋଷଣଯୁକ୍ତ ଖାଦ୍ୟର ଉପକାରିତା ନେଇ ବୁଝାଇଥିଲେ। ବିଭିନ୍ନ ପ୍ରକାର ଫଳ,ପନିପରିବା ଖାଇବା ଦ୍ୱାରା ସୁସ୍ଥ ଓ ନୀରୋଗ ରହିପାରିବା ବୋଲି ଅତିଥିମାନେ କହିଥିଲେ। ସିଡିପିଓ ବେହେରା ସମସ୍ତ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ପୋଷଣଯୁକ୍ତ ଖାଦ୍ୟର ଉପକାରିତା ନେଇ ବୁଝାଇଥିଲେ। ଡାକ୍ତର ଖେସ ଉଚ୍ଚରକ୍ତଚାପ,ମଧୁମେହ, ମୋଟାପଣ ସମ୍ପର୍କରେ ବୁଝାଇବା ସହ କମ୍ ତେଲଯୁକ୍ତ ଖାଦ୍ୟ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଚଳିତମାସ ୧୬ ତାରିଖ ଯାଏ ଚାଲିବ। ଏହା ସମସ୍ତ କେନ୍ଦ୍ରରେ ଚାଲୁ ରହିଛି ବୋଲି ସିଡିପିଓ ବେହେରା କହିଛନ୍ତି।

# ଅପରପକ୍ଷଙ୍କ ବିରୋଧ ଯୋଗୁ ଅଟକିଲା ଜମି ଚିହ୍ନଟ କାର୍ଯ୍ୟ

## ନ୍ୟାୟ ଅପେକ୍ଷାରେ ପଟ୍ଟାଧାରୀ

କୁନ୍ଦୁରା,୧୪।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ପକନାଗୁଡ଼ା ପଞ୍ଚାୟତ ଟଭାପଦର ଗ୍ରାମରେ ସ୍ଥାନୀୟ ଥାନା ଏଏସ୍ଆଇ ପ୍ରତାପ ରଥଙ୍କ ଦ୍ୱାରା ୫ ବର୍ଷ ହେବ ଲାଗି ରହିଥିବା ଜାଗା ବିବାଦର ସମାଧାନ ହେବାକୁ ଥିବା ବେଳେ ଅପରପକ୍ଷର ପ୍ରତିବାଦ ଯୋଗୁ ତାହା ମଙ୍ଗଳବାର ବନ୍ଦ ହୋଇଛି। ପାକନାଗୁଡ଼ା ଗ୍ରାମର କେତେଜଣ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ହୋଇଥାନ୍ତା। ସୂଚନାନୁଯାୟୀ, ଜାଗା ପଟ୍ଟାଧାରୀ ସୁରେନ୍ଦ୍ର ବେହେରା



ଘରଡିହ ବିବାଦର ସମାଧାନ ଓ ନ୍ୟାୟ ପାଇବାକୁ କୁନ୍ଦୁରା ତହସିଲ କାର୍ଯ୍ୟାଳୟଠାରୁ ଜିଲାପାଳ ଓ ଜିଲା ଏସ୍‌ପିଙ୍କ ବାରମ୍ବାର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ଏହାର ନିଷ୍ପତ୍ତି ନେବାକୁ ସଭା ହୋଇଥିବା ବେଳେ ତାଙ୍କ ଅପରପକ୍ଷ ୫-୬ ବର୍ଷ ହେବ ବିବାଦ ଲାଗିଥିବାରୁ ପୁଣି ଏହାକୁ ବିରୋଧ କରିଥିଲେ। ସୁରେନ୍ଦ୍ରଙ୍କ ନିକଟରେ ଥିବା ଜାଗା ପଟ୍ଟା ଏବଂ ତହସିଲ ବିଭାଗୀୟ ଅମିନଙ୍କ ଦ୍ୱାରା ମପାଯାଇଥିବା ରିପୋର୍ଟ ଅନୁସାରେ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ କରାଯାଉଥିଲା। ଏହାକୁ ଅପରପକ୍ଷ ବିରୋଧ କରିବାରୁ ଏହା ସ୍ଥଗିତ ହୋଇଥିବା ଗ୍ରାମବାସୀ କହିଛନ୍ତି। ଅପରପକ୍ଷ ମୋତି ହରିଜନଙ୍କ ଓକିଲ ଜାଗା ଚିହ୍ନଟ କାର୍ଯ୍ୟ ବନ୍ଦ କରିବାକୁ ଫୋନ ଯୋଗେ କହିଥିଲେ। ଘରଡିହ ଜାଗା ବିବାଦର କୋର୍ଟ ରାୟ ଓକିଲଙ୍କ ନିକଟରେ ରହିଛି। କୋର୍ଟ ନିଷ୍ପତ୍ତି କାଗଜ ୧୫ ତାରିଖରେ କୁନ୍ଦୁରା ଥାନାଧିକାରୀଙ୍କ ନିକଟରେ ମୋତିଙ୍କ ଓକିଲ ପହଞ୍ଚାଇବେ। କୋର୍ଟ ନିଷ୍ପତ୍ତିକୁ ଆଧାର କରି ବିବାଦୀୟ ଜାଗାକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ଅଧିକାରୀ ରଥ କହିଥିଲେ। ଏହାପରେ ଜାଗାର ପଟ୍ଟାଧାରୀ ସୁରେନ୍ଦ୍ର ଘରଡିହ ପଟ୍ଟା ମୋ ନିକଟରେ ଥିବା ସତ୍ତ୍ୱେ ଜାଗା ପାଇଁ ହଇରାଣ ହେଉଥିବା କହିଛନ୍ତି। ବାରମ୍ବାର ନ୍ୟାୟ ପାଇଁ ଅନୁରୋଧ କରିବା ସତ୍ତ୍ୱେ ସାମଧାନ ମିଳୁ ନ ଥିବା କହିଛନ୍ତି। ୧୫ ତାରିଖ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ସେ କହିଛନ୍ତି।

# ୭ ଦିନରେ ପଦକ୍ଷେପ ନ ନେଲେ ରାସ୍ତା ଅବରୋଧ ଚେତାବନୀ

## ପାତ୍ରପୁଟ ବ୍ରିଜ ସୁରକ୍ଷା ନେଇ ଉପଜିଲାପାଳଙ୍କୁ ଦାବିପତ୍ର

ଜୟପୁର,୧୪।୧୧(ପବନ ପାଣିଗ୍ରାହୀ)



ବୈପାରିଗୁଡ଼ା କୋଟା ବ୍ରିଜ ସୁରକ୍ଷା ମଞ୍ଚ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୋରାପୁଟ ଜିଲା ବୈପାରିଗୁଡ଼ା କୋଟା ବ୍ରିଜ ସୁରକ୍ଷା ମଞ୍ଚ ପକ୍ଷରୁ ପାତ୍ରପୁଟ ବ୍ରିଜ୍ର ସୁରକ୍ଷା ଦାବି କରି ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀଙ୍କୁ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ମଞ୍ଚର ସଦସ୍ୟମାନେ ଆଗାମୀ ୭ ଦିନ ମଧ୍ୟରେ ବ୍ରିଜର ସୁରକ୍ଷା ନେଇ ପଦକ୍ଷେପ ଗ୍ରହଣ ନ କରାଗଲେ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛିଯେ,୧୯୩୧ରେ ସ୍ଥାପିତ ବ୍ରିଟିଶ୍ ଅମଳର ଜୟପୁର-ବୈପାରିଗୁଡା କୋଲାବ ନଦୀ ଉପରେ ଲୁହା ବ୍ରିଜର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଉକ୍ତ ବ୍ରିଜ ଦେଇ ଆନ୍ଧ୍ର, ଛତିଶଗଡ଼, ମାଲକାନଗିରି ଏବଂ ମାଛକୁଣ୍ଡ ଜଳ ବିଦ୍ୟୁତ କେନ୍ଦ୍ର, ଗୁପ୍ତେଶ୍ୱର ପୀଠକୁ ହଜାରେ ସଂଖ୍ୟାରେ ଗାଡ଼ି ଦୈନିକ ଯାତାୟାତ କରୁଛି। ବ୍ରିଜର ଅବସ୍ଥା ଶୋଚନୀୟ ଥିବାରୁ ଅଘଟଣ ଘଟିବା ଆଶଙ୍କା ରହିଛି। ଜନସାଧାରଣଙ୍କ ବ୍ରିଜ ଦେଇ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ପ୍ରଶାସନ ଅବଗତ ଥିଲେ ସୁଦ୍ଧା ବ୍ରିଜର ସୁରକ୍ଷା ନେଇ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନ ଏହି ଐତିହ୍ୟ ବ୍ରିଜକୁ ପର୍ଯ୍ୟଟନସ୍ଥଳୀ ଭାବେ ବ୍ୟବହାର କରିବାକୁ ଦାବି କରାଯାଇଛି। ଏହା ନିକଟରେ ଏକ ବ୍ରିଜ କରିବାକୁ ଦାବି ହୋଇଛି। ଏ ନେଇ ଜାତୀୟ ରାଜପଥ ବିଭାଗକୁ ଅବଗତ କରାଯିବାରୁ ବ୍ରିଜ ଠିକ୍ ଅଛି ବୋଲି ଉତ୍ତର ଦେଉଛନ୍ତି। ଏହି ରାସ୍ତା ଜାତୀୟ ରାଜପଥର ମାନ୍ୟତା ପାଇଥିବାରୁ ନୂତନ ବ୍ରିଜ୍ ନିର୍ମାଣ କରିବାକୁ ଦାବି ହୋଇଛି। ଗତ ଦିନରେ ଜାତୀୟ ରାଜପଥ ବିଭାଗ ବ୍ରିଜ ପାଇ ଟେଣ୍ଡର ଆହ୍ୱାନ କରିଥିବା ବେଳେ ତାହା ବନ୍ଦ ହୋଇଛି। ବ୍ରିଜ ମଧ୍ୟ ଭାଗରେ ଗର୍ତ୍ତ ସୃଷ୍ଟି ହୋଇଛି। ୧୧ ଫୁଟ ଓସାର ବ୍ରିଜରେ ଗୋଟିଏ ଗାଡ଼ି ଗଲେ ଅନ୍ୟ ଗାଡ଼ିକୁ ଅପେକ୍ଷା କରିବାକୁ ପଡୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ଏକ ବଡ଼ ସମସ୍ୟା ବୋଲି କେଦାରଗୌରୀ ଦାସ, କୃଷ୍ଣକେଶବ ଷଡଙ୍ଗୀ,ବିଶ୍ୱଜିତ ନାୟକ, ଜଗନ୍ନାଥ ରାଉତ,ସନ୍ତୋଷ ପଟ୍ଟନାୟକ, ସତ୍ୟନାରାୟଣ ସାହୁ, ହେମନ୍ତ ଖେମୁଣ୍ଡୁ ଓ ସଦନ ବିଷୋୟୀ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

## ନାଗେଶ୍ୱରୀ ଖଣି ଖନନକୁ ବିରୋଧ

କୋରାପୁଟ,୧୪।୧୦(ଅମିତାଭ ବେହେରା)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍‌ର ନାଗେଶ୍ୱରୀ ପାହାଡ଼ ଖଣି ଖନନକୁ ବିରୋଧକରି ମାଳିଡ଼ଙ୍ଗର ସୁରକ୍ଷା ମଞ୍ଚର ଶତାଧିକ ଅଞ୍ଚଳବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ କମ୍ପାନୀକୁ ଖଣି ଖନନ ପାଇଁ ଦିଆଯିବ ନାହିଁ ବୋଲି ଦାବି କରିଛନ୍ତି। ନାଗେଶ୍ୱରୀ ପାହାଡ଼ ଏକ ପର୍ଯ୍ୟଟନସ୍ଥଳୀ। ପାହାଡ଼ ଗୁମ୍ଫାରେ ଥିବା ଠାକୁରାଣୀଙ୍କୁ ଅଞ୍ଚଳବାସୀ ପୂଜାର୍ଚ୍ଚନା କରୁଛନ୍ତି। ଜଙ୍ଗଲ ଜମି ଉପରେ ନିର୍ଭର କରୁଥିବା ୯ ଗ୍ରାମର ବାସିନ୍ଦା ଜୀବିକା ନିର୍ବାହ କରୁଛନ୍ତି। ଉକ୍ତ ଅଞ୍ଚଳରେ ହେବାକୁ ଥିବା ଖଣି ଖନନ ବନ୍ଦ କରିବାକୁ ଅଞ୍ଚଳର ବିମଳ ପୂଜାରୀ, ବୁଦା ଖିଲ, ଲକ୍ଷ୍ମଣ ଶୀସା ଓ ବିଜୟ ମୁଦୁଲି ପ୍ରମୁଖ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭକରି ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଅଞ୍ଚଳବାସୀ।

# ଜବରଦଖଲକାରୀଙ୍କ ଅର୍ଦ୍ଧନିର୍ମିତ ଗୃହକୁ ଭାଙ୍ଗିଲା ପ୍ରଶାସନ

ନନ୍ଦପୁର/ପାଡୁଆ,୧୪।୧୦
(ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)



ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ସରକାରୀ ଜମି ଜବରଦଖଲକରି ନିର୍ମାଣ ଚାଲିଥିବା ଗୃହକୁ ନନ୍ଦପୁର ତହସିଲ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଭଙ୍ଗାଯାଇଛି। ପାଡୁଆ ରାଜସ୍ୱ ମଣ୍ଡଳ ଅଧୀନ ରାଧାକୃଷ୍ଣ କଲେଜ ସମ୍ମୁଖରେ ବଳଦେବ ବାଟଘରିଆ ନାମକ ବ୍ୟକ୍ତି ଜମି ଜବରଦଖଲକରି ଗୃହ ନିର୍ମାଣ କରୁଥିଲେ। ତାଙ୍କ ବିରୋଧରେ ଜବରଦଖଲ ନଂ. ୫୬/୨୫ରେ ମାମଲା ରୁଜୁ କରାଯାଇ ନିର୍ମାଣ ବନ୍ଦ କରିବା ସହ ଏଥିରେ ବ୍ୟବହୃତ ସାମଗ୍ରୀ ହଟାଇନେବାକୁ ବାରମ୍ବାର ନୋଟିସ କରାଯାଇଥିଲା। କିନ୍ତୁ ନୋଟିସକୁ ଅମାନ୍ୟ କରିଥିବାରୁ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା, ରାଜସ୍ୱ ସୁପରଭାଇଜର ସୋମନାଥ ମୁଦୁଲି, ପାଡୁଆ ରାଜସ୍ୱ ନିରୀକ୍ଷକ ବ୍ରହ୍ମାନନ୍ଦ ସେଠୀ, ନନ୍ଦପୁର ଆର୍‌ଆଇ ମଧୁସୂଦନ ଖେମୁଣ୍ଡୁ, ଚାଟୁଆ ଆର୍‌ଆଇ ରିଙ୍କୁ ବୁରୁଡି, ପାଡୁଆ ଥାନା ଏସ୍‌ଆଇ ସୁରେନ୍ଦ୍ର ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ବୁଲ୍‌ଡୋଜର ସହାୟତାରେ ଅର୍ଦ୍ଧନିର୍ମିତ ଗୃହକୁ ଭଙ୍ଗାଯାଇଥିଲା। ନନ୍ଦପୁର ଅଞ୍ଚଳରେ ଏଭଳି ଏକାଧିକ ସରକାରୀ ଜବରଦଖଲ ମାମଲା ରୁଜୁ ହୋଇଛି। ଆଗକୁ ସମସ୍ତ ନୋଟିସ ଖିଲାପକାରୀଙ୍କ ଗୃହ ଭାଙ୍ଗିବା କାର୍ଯ୍ୟ ଜାରି ରହିବ ବୋଲି ତହସିଲଦାର ମହାରଣା ସୂଚନା ଦେଇଛନ୍ତି।

# ଦେଶୀ ଡଙ୍ଗା ସହ ୧୧୯ ଖଣ୍ଡ ମୂଲ୍ୟବାନ୍ କାଠ ଜବତ, ଜଣେ ଗିରଫ

ମାଲକାନଗିରି,୧୪।୧୦
(ଦୁର୍ଯ୍ୟୋଧନ ପାତ୍ର)



ଗିରଫ ଅଭିଯୁକ୍ତ ଏବଂ ଜବତ ଦେଶୀ ଡଙ୍ଗା ସହ କାଠ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନାଞ୍ଚଳ ତରଫରୁ ସ୍ୱାଭିମାନ ଅଞ୍ଚଳ ଗାଜୁଲମାମୁଡି ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାରାମ ଜଙ୍ଗଲରୁ ୧୧୯ ଖଣ୍ଡ ମୂଲ୍ୟବାନ୍ କାଠ ସହ ଏକ ଦେଶୀ ଡଙ୍ଗା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବିଡିଗୁଡ଼ା ଗ୍ରାମର ସୁନାଧର ଖିଲ।

ଚିତ୍ରକୋଣ୍ଡା ବନାଞ୍ଚଳ ଅନ୍ତର୍ଗତ ଗାଜୁଲମାମୁଡି ପଞ୍ଚାୟତ ସିଙ୍ଗାରାମ ଜଙ୍ଗଲରେ କାଠପଟା କଟାଯାଉଥିବା ବିଶେଷ ସୂତ୍ରରୁ ଖବରପାଇ ଚିତ୍ରକୋଣ୍ଡା ବନାଞ୍ଚଳର ଏକ ଟିମ୍ ଚଢ଼ାଉ କରିଥିଲେ । ସେହି ସମୟରେ ତୁମୁଲମାମୁଡି ଗ୍ରାମର କେତେଜଣ ଲୋକ କାଠପଟା କାଟୁଥିବାବେଳେ ବନ କର୍ମଚାରୀଙ୍କୁ ଦେଖି ଫେରାର ହୋଇଯାଇଥିଲେ। ବନ କର୍ମଚାରୀ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ଏଥିସହ କାଠ ଓ ଗୋଟିଏ ଦେଶୀ ଡଙ୍ଗା ଜବତ କରିଛନ୍ତି। ତେବେ ଅଭିଯୁକ୍ତମାନେ କାଠ ପଟାକାଟି ଦେଶୀ ଡଙ୍ଗା ସାହାଯ୍ୟରେ ଚୋରାଚାଲାଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଜବତ କାଠ ମଧ୍ୟରୁ ୪୦ ଖଣ୍ଡ ଶାଗୁଆନ ପଟା, ୪ ଖଣ୍ଡ ମୁଣ୍ଡି ପଟା, ୨୫ ଖଣ୍ଡ ବିଜା ସ୍ଲିପର, ୩୦ ଖଣ୍ଡ ବିଜା ସାଇଜ୍, ୨୦ ଖଣ୍ଡ ମୁଣ୍ଡି ସାଇଜ ଭଳି ମୋଟ ୧୧୯ ଖଣ୍ଡ ପଟା ଜବତ କରିଛନ୍ତି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ତୁମୁଲମାମୁଡ଼ି ଗ୍ରାମର ତ୍ରିନାଥ ହନ୍ତାଳ ଫେରାର ହୋଇ ଯାଇଥିବା ବନାଞ୍ଚଳ ଅଧିକାରୀ ନାୟକ ସୂଚନା ଦେଇଛନ୍ତି।

ପ୍ରକାଶଥାଉ କି ବାଲିମେଳା ଜଳଭଣ୍ଡାର ମଧ୍ୟରେ ଅନେକ ଜଙ୍ଗଲ ଭରା ପାହାଡ ଥିବା ଯୋଗୁ ସେହିସବୁ ଅଞ୍ଚଳକୁ ବିନା ଲଞ୍ଚ କିମ୍ବା ଡଙ୍ଗାରେ ଯାଇ ଜଙ୍ଗଲ ସୁରକ୍ଷା କରିବାରେ କଷ୍ଟସାଧ ହୋଇଥାଏ । ଏହାର ସୁଯୋଗ ନେଇ ଜଙ୍ଗଲ ମାଫିଆମାନେ ସେହି ସବୁ ଅଞ୍ଚଳରୁ ମୂଲ୍ୟବାନ୍ ଗଛ କାଟି ଚୋରାଚାଲାଣ କରୁଛନ୍ତି। ତେବେ ସ୍ଥାନୀୟ ଲୋକମାନେ କିପରି ଜାଣିପାରୁନାହାନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 15/2025-26**

No. 3689 / Date : 10.10.2025

**No.B-602** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.14.10.2025 at 05.00 P.M. to dt.29.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0053/2526

# ମା', ଶିଶୁ କୁପୋଷଣର ଶିକାର ନ ହେବାକୁ ଗୁରୁତ୍ୱ

## ଜିଲ୍ଲାସ୍ତରୀୟ ପୋଷଣ ମାସ

ମାଲକାନଗିରି,୧୪ା୧୦
(ଦୁର୍ଯ୍ୟୋଧନ ପାତ୍ର)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅଧିକାରୀ।

ମାଲକାନଗିରି ସଦର ମହକୁମା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବ୍ରତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତୋଲାମଣି ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ମଞ୍ଚାସୀନ ଥିଲେ। ଜିଲ୍ଲାରେ ଯେପରି କୌଣସି ମା' କିମ୍ବା ଶିଶୁ କୁପୋଷଣର ଶିକାର ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆମ ଶରୀର ପାଇଁ ଠିକ୍ ପୋଷଣଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି। ପୋଷଣଯୁକ୍ତ ଖାଦ୍ୟ ଅଭାବରୁ ନବଜାତ ଶିଶୁର ଠିକ୍ ଭାବେ ଶରୀର ଗଠନ ହୋଇପାରେ ନାହିଁ ଏବଂ ବିଭିନ୍ନ ରୋଗର ଶିକାର ହେବାର ସମ୍ଭାବନା ଅଧିକ ରହିଥାଏ। ତେଣୁ ଶିଶୁକୁ ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଦେବା ଆବଶ୍ୟକ। ସେହିପରି ପ୍ରସୂତି ମା'ମାନେ ସନ୍ତୁଳିତ ପୋଷଣଯୁକ୍ତ ଖାଦ୍ୟ ଖାଇବା ଦରକାର। ଗର୍ଭବତୀ, ପ୍ରସୂତି ଓ ଶିଶୁ ଉପଯୁକ୍ତ ପୋଷଣ ଅଭାବରୁ ବିଭିନ୍ନ ରୋଗର ଶିକାର ହେଉଥିବାରୁ ସେମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ଖାଇବାକୁ ଦେବା ଜରୁରୀ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ଇଜିଡା ପ୍ରଧାନ ସଂଯୋଜନାକରି ପୋଷଣ ମାସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କେଉଁ ଖାଦ୍ୟରେ ପୋଷଣଯୁକ୍ତ ତତ୍ତ୍ୱ ରହିଛି ସେ ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପୋଷଣଯୁକ୍ତ ଖାଦ୍ୟ ସବୁଜ ପନିପରିବା, କ୍ଷୀର, ଅଣ୍ଡା, ପିଠା, ସହିତ ବିଭିନ୍ନ ପ୍ରକାର ଡାଲି, ଓ ଶସ୍ୟଜାତୀୟ ଖାଦ୍ୟ ପରିବେଷଣ କରାଯିବା ସହ ମା'ମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ, ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

# ସରକାରୀ ଅର୍ଥର ସୁବିନିଯୋଗ ନେଇ ଅନୁଧ୍ୟାନ

## ତ୍ରାଇଙ୍ଗୁଲାର କମିଟି ବୈଠକ

ମାଲକାନଗିରି,୧୪ା୧୦
(ଦୁର୍ଯ୍ୟୋଧନ ପାତ୍ର)



ବୈଠକରେ ଉପସ୍ଥିତ ଅଧିକାରୀ।

ମାଲକାନଗିରି ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏଫ୍ଏଲ୍ସି ବୈଠକ ଗୃହରେ ମଙ୍ଗଳବାର ଟ୍ରାଇଙ୍ଗୁଲାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କମିଟି ବିଭାଗର ଅଡିଟ୍ ପାରା ନିରାକରଣ ନିମନ୍ତେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ ସଚିବ ବୀରସେନ ପ୍ରଧାନ ଏ ନେଇ ୧୧ଟିମ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୋମନାଥ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବ୍ରତ ପ୍ରଧାନ ଉପସ୍ଥିତ ଥିଲେ। ସରକାର ପ୍ରଦାନ କରୁଥିବା ଅର୍ଥର ଠିକ୍ ଭାବେ ସୁବିନିଯୋଗ ହୋଇଛି ନା ନାହିଁ ତାହା ଟ୍ରାଇଙ୍ଗୁଲାର କମିଟି ଅନୁଧ୍ୟାନ କରିଥିଲା। ଏହି କମିଟି ବିଭିନ୍ନ ଆର୍ଥିକ ଅସଙ୍ଗତି ଅନୁଧ୍ୟାନ ସହ ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଥିଲେ। ଯେଉଁଭଳି ଭାବେ ଅଧିକରୁ ଅଧିକ ଅଡିଟ ପାରା ସମାଧାନ ହୋଇପାରିବ ସେଥି ନିମନ୍ତେ ସମସ୍ତ ଅଧିକାରୀ ସହଯୋଗ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ସଚିବ ପ୍ରଧାନ ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟରେ ଅଡିଟ ପାରା ନିରାକରଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ସରକାରୀ ଜିଲ୍ଲାପାଳ ଜଗଜୀବନ ଚୌଧୁରୀ, ପୁନା ଗୁଡ଼ୁକ, କଟକ ବୋର୍ଡ ଅଫ୍ ରେଭିନ୍ୟୁ ଏ.ଆଇ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟର ଜଣେ ଅଡିଟର ଓ ମାଲକାନଗିରି ଜିଲ୍ଲାର ସମସ୍ତ ତହସିଲଦାର ଉପସ୍ଥିତ ଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹ 350 per sq.cm
Colour : ₹ 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Commission Agents, both sex for Hotel Room and Cottage Booking, commission at 10 to 20 percent on booking charge. Contact - 9861129953.

WANTED
ADD THE NEW WINGS TO YOUR CAREER
India Most Trusted Company is looking prof. M/F for Team Leader and Part Time Emp in Bhubaneswar and Cuttack. (Need Ex. Bankers, Retired and VRS Emp, Professional Housewife, Real Estate Employee, Mutual fund and Insurance Advisor, Corp Employees and other Business People are Welcome). 9866320431, 9776868008.

See Career Appointment on every Wednesday & Saturday

WANTED
Wanted Girls Age 18 to 25 years for
TAKEAWAY RESTAURANT
Packaging Unit & Home Nursing.
Salary Rs.8000/- to Rs.10,000/-
Bhubaneswar.
Contact : 6370061224


# ଅନ୍ତର୍ଦେଶୀୟ ପତ୍ର, ପୋଷ୍ଟକାର୍ଡ ଦେଖିଲେ ସ୍କୁଲ ପିଲା



ସୁନାବେଡ଼ା,୧୪ା୧୦(କୃତିବାସ ପ୍ରଧାନ)

ମୋବାଇଲ ଯୁଗରେ ଇନ୍ ଲ୍ୟାଣ୍ଡ ଲେଟର ଓ ପୋଷ୍ଟକାର୍ଡ ହଜିବାକୁ ବସିଲାଣି। ଏ ନେଇ ଛାତ୍ରଛାତ୍ରୀଙ୍କ ଜ୍ଞାନ ବଢ଼ାଇବାକୁ ସୁନାବେଡ଼ା ହାଲ ଟାଉନସିପ ଡିଏଭି ଭିଏସ୍ ବିଦ୍ୟାଳୟ ଚେଷ୍ଟା କରିଛି। ଶ୍ରେଣୀ ୧ ଓ ୨ର ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ହାଲ ମୁଖ୍ୟ ପୋଷ୍ଟ ଅଫିସରେ ପହଞ୍ଚି ପୋଷ୍ଟବକ୍ସ,ଇନ୍ ଲ୍ୟାଣ୍ଡ ଲେଟର, ପୋଷ୍ଟକାର୍ଡ ଆଦି ଦେଖାଇ ଏହାର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ପିଲାମାନେ ଏଗୁଡ଼ିକର ଫଟୋ ମୋବାଇଲ କିମ୍ବା ବହିରେ ଦେଖୁଥିବାବେଳେ ଏହାର ବ୍ୟବହାର ସମ୍ପର୍କରେ ସେମାନଙ୍କୁ ଅବଗତ କରିବା ଏକ ପ୍ରୟାସ ବୋଲି ସ୍କୁଲ ଶିକ୍ଷୟିତ୍ରୀ ନମିତା ସାହୁ କହିଛନ୍ତି।

# ବାଲି ଚାଲାଣ ଖବର ସଂଗ୍ରହ ବେଳେ ଖବରଦାତାଙ୍କୁ ଆକ୍ରମଣ ଉଦ୍ୟମ

ମାଥିଲି,୧୪ା୧୦ (ସୁବାଷ ଚନ୍ଦ୍ର ଖୁନ୍ଥିଆ)



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଖବରଦାତାମାନେ।

ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ମେକା ପଞ୍ଚାୟତ ନଦୀଘାଟରୁ ଅବୈଧ ଭାବେ ବାଲିଚାଲାଣ କରାଯାଉଥିବା ଖବର ପାଇ ୨ ଜଣ ଖବରଦାତା ଖବର ସଂଗ୍ରହ କରିବାକୁ ଯାଇଥିଲେ। ଉଭୟ ନଦୀ ଘାଟରେ ପହଞ୍ଚି ଖବର ସଂଗ୍ରହ କରୁଥିବାବେଳେ ଗ୍ରାମର ବାଲିମାଫିଆଙ୍କ ନିର୍ଦ୍ଦେଶରେ ୧୦ରୁ ୧୫ରୁ ଜଣ ଯୁବକ ମାରଣାସ୍ତ୍ର ଧରି ଖବରଦାତାଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ସେମାନେ ପ୍ରାଣଭୟରେ ଧାଇଁ ଧାଇଁ ମେକା ଗ୍ରାମର ଜଣଙ୍କ ଘରେ ପଶିଯାଇଥିଲେ। ଆକ୍ରମଣକାରୀମାନେ ମଧ୍ୟ ମେକା ଗ୍ରାମକୁ ଆସି ୨ ସାମ୍ବାଦିକଙ୍କୁ ଗଲେ ଆଜି ହାଣିଦେବୁ ବୋଲି ଗାଁ ବାହାରେ ଚିତ୍କାରକରି କହୁଥିଲେ। ଏହି ସମୟରେ ଜଣେ ଖବରଦାତା ପୋଲିସକୁ ଫୋନ୍ କରିବାରୁ ସେମାନେ ଗାଁରେ ପହଞ୍ଚି ସାମ୍ବାଦିକଙ୍କୁ ଉଦ୍ଧାରକରି ମାଥିଲି ଥାନାକୁ ଆଣିଥିଲେ। ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ ଏସ୍ଆଇ ପ୍ରଦୀପ ନାୟକଙ୍କୁ ତଦନ୍ତ କରିବାକୁ କହିଥିଲେ। ଏସ୍ଆଇ ନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ତେବେ ଖବର ସଂଗ୍ରହ ସମୟରେ ସାମ୍ବାଦିକଙ୍କ ପ୍ରତି ବାରମ୍ବାର ଆକ୍ରମଣ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର ମାଥିଲି ଥାନାକୁ ଆସି ଏସ୍ଆଇ ପ୍ରଦୀପ ନାୟକଙ୍କ ସହ ଆଲୋଚନାକରି ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗୁହାରି କରିଥିଲେ। ଏ ସମ୍ପର୍କରେ ମାଥିଲି ତହସିଲଦାର ମୋନାଶ୍ରୀ ଭୋଇଙ୍କୁ ପଚାରିବାରୁ ସବୁ ଦାୟିତ୍ୱ ମାଇନିଂ ଅଫିସରଙ୍କୁ ଦିଆଯାଇଛି। ଆମେ କିଛି କରି ପାରିବୁନାହିଁ ବୋଲି ସେ କହିଛନ୍ତି। ଅନୁମୋଦନ ବେନିୟମ ବାଲି ଘାଟ ଚାଲୁଥିବାବେଳେ ସେହି ଅଞ୍ଚଳର ଆଦିବାସୀ ଲୋକ କିଛି ଜାଣିପାରୁନାହାନ୍ତି ବୋଲି ଗ୍ରାମର ବାସିନ୍ଦା ଅଭିଯୋଗ ଆଣିଛନ୍ତି।

# ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ୪ ଗିରଫ

ଜୟପୁର, ୧୪ା୧୦(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ଓ ଜେଟପାଇର ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଗୁଞ୍ଜିଗୁଡ଼ା ଗ୍ରାମର ବିବାକର ବିଷୋୟୀ (୩୮), ବାଜିପୁଟର ସମର ଖିଲ (୫୫), ସିଉଣିଗୁଡ଼ା ଗ୍ରାମର କୈଳାଶ ଚାଲାଣ ଓ ଖଗପତି ଭୂମିଆ।


ପୂର୍ବ ତଟ ରେଳପଥ
ନିଲାମ ନୋଟିସ ନଂ.SDCM-KUR-PSA-4W
Seq. No.AA/1 : ... PARKING-KUR-PSA-FW-215-25-1 ...
Seq. No.AA/1 : ... PARKING-KUR-BYZA-TW-218-25-1 ... SDCM-KUR-BYZA2W ... 200 SQM.
Seq. No.AA/1 : ... PARKING-KUR-KASR-TW-217-25-1 ... SDCM-KUR-KASR2W
... www.ireps.gov.in ...
PR-680/Q/25-26

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ନଂ.36-SBP-TRD-OT-2025-26, ତା.09.10.2025ରିଖ
... TRR, TSR ... CTR ...
30,91,313.95, EMD ... 61,800/- ... 08 ମାସ
... 31.10.2025 ... 1530 ...
... www.ireps.gov.in ...
PR-679/Q/25-26

ଦ.ପୂ. ରେଳପଥ – ଟେଣ୍ଡର
... www.ireps.gov.in ...
(PR-720)
... http://www.ireps.gov.in ...
(PR-721)


# ଶିଶୁଙ୍କ ଅନ୍ତର୍ନିହିତ କଳାର ବିକାଶରେ ସୁରଭି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାଲକାନଗିରି, ୧୪ା୧୦(ଗୌରୀ ଶଙ୍କର ପଣ୍ଡା)

ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡଗୁଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରରେ ସୁରଭି -୨୦୨୫ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରଞ୍ଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଉକ୍ତ ବିଦ୍ୟାଳୟର ଏସଏମସି କମିଟିର ସଭାପତି ସଦାଶିବ ଗୌଡ଼ ଉଦଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨୦ଟି ଭିନ୍ନ ଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ମାନୀତ ଅତିଥି ଭାବରେ ସଦସ୍ୟ ଡ. ଶ୍ରୀନିବାସ ପାତ୍ର, ରାହୁଲ ନାୟକ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ ଜେନା ଯୋଗ ଦେଇଥିଲେ। ଅତିଥିଙ୍କ କୃତୀ ପ୍ରତିଯୋଗୀଙ୍କୁ ୬୦ଟି ପୁରସ୍କାର ବିତରଣ କରାଯାଇଥିଲା। ଶିଶୁଙ୍କ ଅନ୍ତର୍ନିହିତ କଳାର ବିକାଶ ପାଇଁ ସୁରଭି ଏକ ଉତ୍ତମ ମାଧ୍ୟମ ବୋଲି ମୁଖ୍ୟ ଅତିଥି ମିଶ୍ର ପ୍ରକାଶ କରିଥିଲେ। ସେହିପରି ପିଲାଙ୍କ ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ଅଦ୍ଭୁତ ସୁଯୋଗ ସୃଷ୍ଟି କରିବା ସହ ଶିକ୍ଷା, କଳା, ମନୋରଞ୍ଜନ, କ୍ରିଡ଼ାକଳା ଭଳି ବିଭିନ୍ନ କ୍ଷେତ୍ରରେ ଉତ୍ସାହ ସୃଷ୍ଟି କରିବାର ଏକ ଉତ୍ତମ ପଦକ୍ଷେପ ବୋଲି ମୁଖ୍ୟବକ୍ତା ଜେନା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶାନ୍ତ ସେଠୀ, ଉମାକାନ୍ତ ମୁଦୁଲି, ଜ୍ୟୋତିର୍ମୟୀ ଜୟସିଂ, ଗୁରୁ ମାଧବ ମେହେର, ଚିଜାଲୀ ଶର୍ମା, ସାଗରିକ ସ୍ୱାଇଁ, ବିନାର୍ଥୀ ରାଉତ, ଶଶିରେଖା ଦାସ, ସରସ୍ୱତୀ ପୁଜାରୀ, ଶ୍ରୁତିଲେଖା, ଅନିମା ବିଶ୍ୱାସ, ସସ୍ମିତା କର୍ତ୍ତି, ଚନ୍ଦ୍ରିକା ବିଶ୍ୱାସ, ଇଲଶ୍ରୀ ପୁଅାର, ପ୍ରତାପ ପଣ୍ଡା, ରମେଶ ଏକ୍କା, ଗୀତା ବିଶ୍ୱାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ତଥା ସହଯୋଗ କରିଥିଲେ।

# ଗଞ୍ଜେଇ ଚାଲାଣ ମାମଲା, ଫେରାର ଅଭିଯୁକ୍ତ ଗିରଫ

କୋରୁକୋଣ୍ଡା,୧୪ା୧୦(ଶିବଦତ୍ତ ସାହୁ)

କାର ଯୋଗେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ଅଧିନସ୍ଥ ଲମତାପୁଟ ଅଞ୍ଚଳ ଦୋରାଗୁଡ଼ା ଗ୍ରାମର ମହାଦେବ ବଡ଼ଦାୟତ (୨୫)। ୨୦୨୪ ଅକ୍ଟୋବର ୧୦ ତାରିଖ ରାତିରେ ଓର୍କେଲ ଥାନାର ଏକ ସ୍ୱତନ୍ତ୍ର ଟିମ ବାଲିମେଳା - କୁଡୁମୁଲୁଗୁମ୍ମା ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବାଲିମେଳା ପଟୁ ଏକ କାର ଦ୍ରୁତ ଗତିରେ ଜଙ୍ଗଲ ଅଭିମୁଖେ ଯାଉଥିବା ଦେଖି ସନ୍ଦେହ ହେବାରୁ ପୋଲିସ ଟିମ ଉକ୍ତ ଗାଡିର ପିଛା କରିଥିଲା। ଉକ୍ତ କାର ଦ୍ରୁତ ଗତିରେ ଯାଇ ଗୁମ୍ମା ପାଣ୍ଡି ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଏକ ପଥରକୁ ଧକ୍କା ଦେବାରୁ ଗାଡିଟି ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ପୋଲିସକୁ ଦେଖି ଉକ୍ତ କାରରେ ଥିବା ଦୁଇଜଣ ବ୍ୟକ୍ତି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ପୋଲିସ ଉକ୍ତ କାର ସମେତ ଗାଡିରେ ଥିବା ୨୮ କିଲୋ ଗଞ୍ଜେଇ ଜବତ କରିବା ସହ କେସ ନମ୍ବର ୩୩୭/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିଲା। ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ମୋବାଇଲ ଟ୍ରାକ କରାଯାଉଥିଲା। ଏହାର ଅଡିଓ ଟିମ ବହିଷ୍ଠ ଓ ମହାଦେବ ସାହୁଙ୍କ ନେତୃତ୍ୱରେ ଏକ ଟିମ ଲମତାପୁଟ ଅଞ୍ଚଳରେ ଚଢ଼ାଉ କରାଯାଉଥିଲା। ମୋବାଇଲ ଟ୍ରାକ କରି ମହାଦେବଙ୍କୁ ଧରିବାରେ ସଫଳ ହୋଇଥିବା ଥାନା ଅଧିକାରୀ ଧ୍ରୁବେନ ପଜନାୟକ ସୂଚନା ଦେଇଛନ୍ତି।

## OFFICE OF THE PANCHAYAT SAMITI, KORUKONDA
(Social Audit Section)

At/Po:Korukonda, District:Malkangiri, Pin:764082 (ODISHA), Tel/Fax:06861-238211, Email:ori-korukonda@nic.in

Letter No.4150/2025 — Date:13.10.2025

Social Audit Calendar Fy 2025-26 2nd Cycle MGNREGA Period 01.04.2025 to 30.09.2025 and PMAYG Period (2021-22, 2022-23, 2023-24 & 2024-25)

| Sl.No. | Name of the GP | Rotation | Start Date | End Date | Name of the Nodal Officer | Public Hearing Date |
|---|---|---|---|---|---|---|
| 1 | Kamwada | 1 | 15-10-2025 | 30-10-2025 | ABDO | 23-03-2026 |
| 2 | Old Chimtapally | | 15-10-2025 | 30-10-2025 | WEO | |
| 3 | Nilakameru | 2 | 31-10-2025 | 17-11-2025 | GPDO | |
| 4 | Chitapari-3 | | 31-10-2025 | 17-11-2025 | BPM, OLM | |
| 5 | Korukonda | 3 | 18-11-2025 | 03-12-2025 | APO, I/C | |
| 6 | Tumsapally | | 18-11-2025 | 03-12-2025 | BPC, RH | |
| 7 | Dudameta | 4 | 04-12-2025 | 22-12-2025 | ABDO | |
| 8 | Somanathpur | | 04-12-2025 | 22-12-2025 | BPM, OLM | |
| 9 | Potrel | 5 | 02-02-2026 | 18-02-2026 | GPDO | |
| 10 | Tarlakota | | 02-02-2026 | 18-02-2026 | BPC, RH | |
| 11 | Mariwada | 6 | 20-02-2026 | 06-03-2026 | WEO | |
| 12 | Nakamaudhi | | 20-02-2026 | 06-03-2026 | APO, I/C | |

Sd./- P.O.-cum-Block Development Officer, MGNREGS, Korukonda


ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
ସୁନା ନିଲାମ ବିଜ୍ଞପ୍ତି


| କ୍ର.ନଂ | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | ବଡଖେଲି ଶାଖା, ସା/ପୋ: ବଡଖେଲି, ଭାୟା: ଆସ୍କା, ବ୍ରହ୍ମପୁର, ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଆଲୋକ କୁମାର ନାୟକ, ମୋ.: ୯୧୨୪୮୮୪୮୮୯ | | |
| ୧. | ଆର୍.ଗୋପାଳ ପାତ୍ର, ସା/ପୋ: ପଣ୍ଡିଆପଥର, ବ୍ରହ୍ମପୁର / ୧୧୭୦୦୬୧୦୦୩୫୨୩୮ | ଟ.୪୨,୦୦୦/- + ସୁଧ ଏବଂ ଦେୟ | ୧୪.୧୪ |
| ୨. | ସଂଯୁକ୍ତା ସେଠୀ, ସା/ପୋ: ବଡଖେଲି, ଗଞ୍ଜାମ, ବ୍ରହ୍ମପୁର / ୧୧୭୦୦୬୧୦୦୨୫୦୩୧ | ଟ.୨୫,୦୦୦/- + ସୁଧ ଏବଂ ଦେୟ | ୧୩.୩୫ |
| | ସିଆର୍ପିଏଫ୍ ଶାଖା, ସି.ଆର୍.ପି. ହେଡ୍ କ୍ୱାର୍ଟର୍ସ, ପୋ: ନୟାପଲ୍ଲୀ, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ସୀତାଂଶୁ ଶେଖର ବେହେରା, ମୋ.: ୯୮୫୩୧୬୬୭୬୬ | | |
| ୧. | ଭରତ କୁମାର ପଟ୍ଟନାୟକ, ସା: ଏଲ୍ଆଇସି-୧୭, ଡିଟ୍ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର / ୦୯୮୦୬୧୦୦୩୬୨୯ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୧୫.୮୦ |
| ୨. | ସୁବ୍ରତ କୁମାର ତ୍ରିପାଠୀ, ସା: ଏଲ୍-୩/୧୦, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର / ୦୯୮୦୬୧୦୦୩୬୮୧୪ | ଟ.୨,୫୦,୦୦୦/- + ସୁଧ ଏବଂ ଦେୟ | ୪୭.୩୫ |
| | ରଣପୁର ଶାଖା, ସା: ରଣପୁର, ପୋ: ରାଜରଣପୁର, ଜିଲ୍ଲା: ନୟାଗଡ଼, ଶାଖା ପ୍ରବନ୍ଧକଙ୍କ ନାମ: ଗଙ୍ଗାଧର ବେହେରା, ମୋ.: ୯୨୩୦୫୦୦୪୩୬ | | |
| ୧. | ପ୍ରମିଳା ସାହୁ, ସା: କେନ୍ଦୁଝରିଆ, ରଣପୁର, ନୟାଗଡ / ୦୪୩୬୦୬୧୦୦୬୩୧୩୨ | ଟ.୨୨,୦୦୦/- + ସୁଧ ଏବଂ ଦେୟ | ୧୧.୧୦ |
| | କୋଣାର୍କ ଶାଖା, ସା: କୋଣାର୍କ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: କିଶୋର ଚନ୍ଦ୍ର ମହାରଣା, ମୋ.: ୭୯୭୮୦୩୧୬୩୮ | | |
| ୧. | ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ସା: ସାରଣ, କୋଣାର୍କ, ପୁରୀ / ୨୦୦୬୦୬୧୦୦୩୧୦୪୫ | ଟ.୨୧,୫୦୦/- + ସୁଧ ଏବଂ ଦେୟ | ୬.୪୮ |
| | ଖଣ୍ଡଗିରି ଶାଖା, ସା: ଖଣ୍ଡଗିରି, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଯୋଗେଶ କୁମାର ପ୍ରଧାନ, ମୋ.: ୯୯୩୮୧୧୭୩୭୬ | | |
| ୧. | ମମତା ଜେନା, ସା: ପ୍ଲଟ୍ ନଂ.: ୯୮, କୋରାଝା, ଭୁବନେଶ୍ୱର / ୨୫୪୬୦୬୧୦୦୨୧୧୧୨୫ | ଟ.୨୪,୩୦୦/- + ସୁଧ ଏବଂ ଦେୟ | ୧୮.୫୦ |
| ୨. | ଲକ୍ଷ୍ମୀପ୍ରିୟା ଦାଶ, ସା: ପ୍ଲଟ୍ ନଂ.: ୧୭୦୬, ଏରୋଡ୍ରମ ଏରିଆ, ଲେନ୍-୯, ଭୁବନେଶ୍ୱର / ୨୫୪୬୦୬୧୦୦୦୧୦୭୬ | ଟ.୪୩,୬୦୦/- + ସୁଧ ଏବଂ ଦେୟ | ୧୩.୧୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୭୨୧୪ ସହ ଯୋଗାଯୋଗ କରନ୍ତୁ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୧୪.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ


MINARVA ENTERPRISES
Leading Water & Wastewater Treatment Company
URGENT HIRING – GROW WITH US ! For Odisha
Sales Manager (1 Post) : Responsible for client acquisition, business development & sales strategy.
Experience: 3–5 years in industrial / water treatment sales.
Sales Executives (5 Posts) : Support marketing, attend client meetings & generate new leads.
Experience: 0–3 years, freshers with technical/marketing background may apply.
Service Engineer (1 Post) : Installation, commissioning, operation & maintenance of water treatment plants (RO, STP, ETP). Experience: 2–3 years (preferred in water industry).
Attractive salary + incentives + career growth
Send resume to below Mail ID:
Email: minarvasales@mahachemsystem.com
Call / WhatsApp: 7770061602


## ସାମାଜିକ ଦାୟିତ୍ୱ ପରିଷଦ (ଏସ୍ଆର୍ସି)

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍ଆର୍ଏସ୍) ଗୁଡ଼ିକରେ ଏକାଧିକ ସିଏସ୍ଆର୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଭେଣ୍ଡରମାନଙ୍କ ଚୟନ ନିମନ୍ତେ ପ୍ରସ୍ତାବ ଆମନ୍ତ୍ରଣ ବିଜ୍ଞପ୍ତି

... www.srcouncil.in ... www.srcouncil.in ... pro@srcouncil.in ...

ପ୍ରିଆର୍ଓ-ଏସ୍ଆର୍ସି

## OFFICE OF THE EXECUTIVE ENGINEER
### National Highway Division, RCD, Deoghar
Circular Road, Near D.C. Residence, Deoghar, Jharkhand (814112)
E-mail ID : eenhdeoghar@gmail.com

### Corrigendum

Tender Ref. No. NH/DEOGHAR /STMC/01/2025-26 Dated. 09.10.2025, which was published in daily newspaper [PR No. 364032 (Deoghar)25-26(D)] the following corrigendum has been made.

| Sl. No. | Section | Length (km) | Estimated Cost (Rs. Lakhs) | Bid Security (Rs. Lakhs) | Contract Duration (months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 388.50 (Excluding GST) | 3.89 | 12 months |

PR 364122 (Deoghar)25-26*D — Executive Engineer, NH Division, Deoghar

## OFFICE OF THE DISTRICT EDUCATION OFFICER, ANGUL, ODISHA

Phone & Fax: 06769......................, E-mail: deoangul02@gmail.com
Notice No.: 8600/MDM/2025 — Date: 14.10.2025

### OPEN TENDER CALL NOTICE

Sealed tenders are invited from the reputed & credible firms/agencies for transportation of food stuff from go-down to beneficiary point under MDM programme of Angul district in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last date & time of receipt of Bid | Date & time of Opening of Technical Bid |
|---|---|---|---|---|
| Transportation of Food Stuff (MDM) within 5000 MT per year | Rs.15,000/- (Fifteen Thousand only) | Rs.2,50,000/- (Two lakh fifty thousand) | 13.11.2025 04.00 P.M. | 14.11.2025 11.00 A.M. |

The detailed BID document is available in the website https://angul.odisha.gov.in interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

By the order of the Collector-cum-Chairman
Sd./- District Education Officer-cum-District Nodal Officer (MDM), Angul

**ପ୍ରଥମ ପୃଷ୍ଠାରୁ**

## ଦେଶର ୧୦୦...

ଜୁଲାଇ ମଧ୍ୟରେ ସୁନ୍ଦରଗଡ଼ରେ ୫୩୬ଟି ଦୁର୍ଘଟଣା ଘଟିଥିବା ବେଳେ ୩୦୨ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ସୁନ୍ଦରଗଡ଼ରେ ମୋଟ୍ ୪୯୯ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୩୧୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଗଞ୍ଜାମ ଜିଲାରେ ୨୦୨୪ ଜାନୁଆରୀରୁ ଜୁଲାଇ ମଧ୍ୟରେ ୪୯୧ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨୩୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଗଞ୍ଜାମରେ ୫୫୪ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨୮୬ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୪ ଜାନୁଆରୀରୁ ଜୁଲାଇ ମଧ୍ୟରେ ଗଞ୍ଜାମ ଜିଲାରେ ଘଟିଥିବା ଘଟଣା ସହ ୨୦୨୫ର ଏହି ସମୟ ମଧ୍ୟରେ ଘଟିଥିବା ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ତୁଳନା କଲେ ଏଥିରେ ୬ ପ୍ରତିଶତ ବୃଦ୍ଧି ଘଟିଛି।

ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସେଭ୍ ଲାଇଫ୍ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓକୁ ଦୁର୍ଘଟଣାପ୍ରବଣ ଜିଲା ଭାବେ ଦେଶରେ ଚିହ୍ନଟ ହୋଇଥିବା ୧୦୦ ଜିଲାରେ ସଡ଼କ ଦୁର୍ଘଟଣା ନିରାକରଣ ପରାମର୍ଶଦାତାଭାବେ ଚୟନ କରିଛି। ଉକ୍ତ ୧୦୦ ଜିଲାରେ ଘଟିଥିବା ଦୁର୍ଘଟଣା ହ୍ରାସ ପାଇଁ ସେଥିପାଇଁ ଏହି ଏନ୍‌ଜିଓ ସଂସ୍ଥା କାର୍ଯ୍ୟ କରିବ। ସେହି କ୍ରମରେ ଓଡ଼ିଶାର ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲାରେ ଦୁର୍ଘଟଣା ହ୍ରାସ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ଗତ ମାସ ୨୫ ତାରିଖରେ ସେଭ୍ ଲାଇଫ୍ ଫାଉଣ୍ଡେଶନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ସେଭ୍ ଲାଇଫ୍ ଫାଉଣ୍ଡେଶନ ଏହି ୨ ଜିଲାର ସମସ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅକ୍ଟୋବର ଶେଷ ସୁଦ୍ଧା ଟ୍ରେନିଂ ଦେବେ ଏବଂ ପ୍ରଶିକ୍ଷଣ ପରେ ନିଆଯାଉଥିବା ସମସ୍ତ କାର୍ଯ୍ୟକୁ ମନିଟରିଂ କରି ସଡ଼କ ଦୁର୍ଘଟଣା କିପରି ହ୍ରାସ କରାଯାଇପାରିବ ସେ ସମ୍ବନ୍ଧରେ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି।

## ଡିସେମ୍ବର ୨୨ରୁ...

ତେବେ ସେମାନେ ଦ୍ୱିତୀୟ ସୁଯୋଗରେ ପରୀକ୍ଷା ଦେଇପାରିବେ। ପ୍ରଥମ ସୁଯୋଗ ପରୀକ୍ଷା ଡିସେମ୍ବର ୨୨ରୁ ୩୧ ପର୍ଯ୍ୟନ୍ତ ରହିଥିବାବେଳେ ଦ୍ୱିତୀୟ ସୁଯୋଗ ପରୀକ୍ଷା ଜାନୁଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବ। ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସମେଣ୍ଟ ପରୀକ୍ଷା ହେବ। ସେହିପରି ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୌଖିକ ପରୀକ୍ଷା ୩୧ ତାରିଖ ସୁଦ୍ଧା ସରିବ। ଅନୁରୂପ ଭାବେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଆସନ୍ତା ୨୦୨୬ରେ ହେବାକୁ ଥିବା ଯୁକ୍ତ୨ ପରୀକ୍ଷା ପାଇଁ ଫର୍ମପୂରଣ ୨୦ ତାରିଖରୁ ଆରମ୍ଭ ହେବ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ଛାତ୍ରଛାତ୍ରୀ ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିବେ। ରେଗୁଲାର ପରୀକ୍ଷାର୍ଥୀମାନେ ଅକ୍ଟୋବର ୨୦ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଫର୍ମ ପୂରଣ କରିପାରିବେ। ସେହିପରି ଏକ୍ସ-ରେଗୁଲାର ଫର୍ମପୂରଣ ପାଇଁ ଅକ୍ଟୋବର ୧୩ରୁ ୨୫ ତାରିଖ ଧାର୍ଯ୍ୟ କରାଯାଇଛି। ଯୁକ୍ତ୨ ମୁଖ୍ୟ ପରୀକ୍ଷା ଫେବୃଆରୀରୁ ଆରମ୍ଭ ହୋଇ ମାର୍ଚ୍ଚରେ ଶେଷ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ମିଳିଛି।

# ଇ-କେୱାଇସି କରି ନ ଥିଲେ ନଭେମ୍ବରରୁ ଚାଉଳ ମିଳିବନି: ମନ୍ତ୍ରୀ

ଭୁବନେଶ୍ୱର,୧୪।୧୦(ସୁନିତ୍ ମିଶ୍ର)

ଇ-କେୱାଇସି ପାଇଁ ସରକାର ଦେଇଥିବା ଡେଡ୍‌ଲାଇନ ସରିଯାଇଛି। ଯେଉଁମାନେ ଇ-କେୱାଇସି କରି ନାହାନ୍ତି ସେମାନଙ୍କ ରାଶନ କାର୍ଡ ଆଉ କାମ ଦେବନାହିଁ। ସେମାନଙ୍କୁ ମିଳୁଥିବା ମାଗଣା ଚାଉଳ ମଧ ଆଉ ମିଳିବ ନାହିଁ। ଏପର୍ଯ୍ୟନ୍ତ ଇ-କେୱାଇସି କରି ନ ଥିବା ଲୋକ ମାଗଣା ଚାଉଳ ପାଉଛନ୍ତି। ସେମାନଙ୍କୁ ରାଶନ କାର୍ଡତାଲିକାରୁ ମଧ ବାଦ୍ କରଦିଆଯିବ। ଆସନ୍ତା ମାସରୁ ହିଁ ସେମାନଙ୍କୁ ଚାଉଳ କିମ୍ବା ଅନ୍ୟାନ୍ୟ ରାଶନ ସାମଗ୍ରୀ ମିଳିବନାହିଁ ବୋଲି ମଙ୍ଗଳବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ମନ୍ତ୍ରୀ ପାତ୍ର ଗଣମାଧମକୁ ସୂଚନା ଦେଇ କହିଛନ୍ତି, ଏବେ ବି ରାଜ୍ୟର ୧୫ ଲକ୍ଷ ୬୭ ହଜାର ହିତାଧିକାରୀ ଇ-କେୱାଇସି କରିନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଏସ୍ଆଇଆର୍ ସମ୍ପର୍କିତ ବୈଠକ କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

**ବିଭ୍ରାନ୍ତିକର ସୂଚନାର ମୁକାବିଲା ପାଇଁ ସବୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ପରାମର୍ଶ**

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)

ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍) ସମ୍ପର୍କିତ ଆଭାସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ, ଲୋକ ସମ୍ପର୍କ ଅଧିକାରୀ ସମ୍ପଦ୍‌ର ପ୍ରଧାନଙ୍କ ସମେତ ସବୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନର ମହତ ଉଦ୍ଦେଶ୍ୟ ଓ ସମୟୋଚିତ ଆବଶ୍ୟକତା, ମତଦାତାଙ୍କ ଯୋଗ୍ୟତା, ବିଭ୍ରାନ୍ତିକର ସୂଚନାର ମୁକାବିଲା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ବିଶଦ ସୂଚନା ଦେଇଥିଲେ। ଏହାସହ ତୃଣମୂଳସ୍ତରରେ ଜନସାଧାରଣଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ। ଅନେକ ବର୍ଷ ଧରି ନିଷ୍ପକ୍ଷ ଓ ନିରପେକ୍ଷ ଭାବେ କାର୍ଯ୍ୟକରି ନିର୍ବାଚନ ଆୟୋଗ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସମ୍ମାନ ପ୍ରତିଷ୍ଠା କରିପାରିଛି। ସେହି ସମ୍ମାନ ଅକ୍ଷୁଣ୍ଣ ରଖିବାକୁ ହେଲେ ଭ୍ରାମକ ତଥା ବିଭ୍ରାନ୍ତିକାରୀ ସୂଚନାର ଠିକ୍ ମୁକାବିଲା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରୁ ଜଣେ ବି ଯୋଗ୍ୟ ମତଦାତାଙ୍କ ନାମ ନ କଟିବା ଏବଂ ଜଣେ ହେଲେ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସଂଯୁକ୍ତ ନ ହେବା ଉପରେ ଭାରତ ନିର୍ବାଚନ ଆୟୋଗ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସେହି ଅବଲୋକନରେ ଓଡ଼ିଶାରେ ସମସ୍ତ କାର୍ଯ୍ୟ କରାଯାଉଛି ବୋଲି ଗୋପାଳନ ଉଲ୍ଲେଖ କରିଛନ୍ତି। ଉପମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ସବିଶେଷ ତଥ୍ୟ ପିପିଟି ମାଧ୍ୟମରେ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ବିହାର ନିର୍ବାଚନ ପରିପ୍ରେକ୍ଷୀରେ ଭାରତ ନିର୍ବାଚନ କମିଶନ ନେଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି।

# ୩୧ରୁ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳିବ ଭାଜପା

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୬୨ ରାଜାଙ୍କ ଦ୍ୱାରା ଶାସିତ ରାଜ୍ୟକୁ ଭାରତବର୍ଷରେ ମିଶାଇ ବିରାଟ ଦେଶ ଗଠନର ପ୍ରମୁଖ ବିଭାଗ ସାଜିଥିଲେ। ଦେଶ ପ୍ରତି ତାଙ୍କ ଅବଦାନ ଚିରସ୍ମରଣୀୟ। ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଏକତା, ଦେଶପ୍ରେମ ଓ ନାଗରିକ କର୍ତ୍ତବ୍ୟ ଭାବନାକୁ ଜାଗ୍ରତ କରିବା ଲାଗି ତାଙ୍କ ୧୫୦ତମ ଜୟନ୍ତୀ ଆସନ୍ତା ୩୧ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିବେ ବୋଲି ଦଳର ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ୩ଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟ ଆସନ୍ତା ୩୧ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପ୍ରତି ସଂସଦୀୟ କ୍ଷେତ୍ରରେ ୩ଦିନ ଧରି ସର୍ଦ୍ଦାର @୧୫୦ ଏକତା ପଦଯାତ୍ରା ଆୟୋଜନ ହେବ। ପ୍ରତିଦିନ ଏହି ପଦଯାତ୍ରା ୮ରୁ ୧୦ କି.ମି. ପର୍ଯ୍ୟନ୍ତ ଚାଲିବ। ଏଭଳି ରାଜ୍ୟରେ ପ୍ରାୟ ୬୩ଟି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ ହେବ। ୨ୟ ପର୍ଯ୍ୟାୟ ନଭେମ୍ବର ୨୬ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତି ଜିଲାର କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ୫ ଜଣ ଲେଖାଏଁ ଚୟନକରି ୩୦ ଜିଲାରୁ ୧୫୦ ଜଣଙ୍କୁ ବସ୍ ଯୋଗେ ସର୍ଦ୍ଦାର ବଲ୍ଲଭଭାଇଙ୍କ ଜନ୍ମସ୍ଥାନ ଗୁଜରାଟର କରମସଦକୁ ପଠାଯିବ। ୩ୟ ପର୍ଯ୍ୟାୟରେ କରମସଦଠାରୁ କେଭଡିଆସ୍ଥିତ ସର୍ଦ୍ଦାର ବଲ୍ଲଭଭାଇଙ୍କ ବିରାଟ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ୧୫୦ କି.ମି. ପଦଯାତ୍ରା ଅନୁଷ୍ଠିତ ହେଇ ସେଠାରେ ଏହି କାର୍ଯ୍ୟକ୍ରମ ସମାପନ କରାଯିବ ବୋଲି ଗୋଲକ କହିଛନ୍ତି।

- **ପ୍ରଥମ ପର୍ଯ୍ୟାୟରେ ୬୩ ସ୍ଥାନରେ ଏକତା ପଦଯାତ୍ରା**
- **୨ୟ ପର୍ଯ୍ୟାୟରେ ୩୦ ଜିଲାରୁ ୧୫୦ ଜଣଙ୍କୁ ବଲ୍ଲଭଭାଇଙ୍କ ଜନ୍ମସ୍ଥାନକୁ ପଠାଯିବ**
- **୩ୟ ପର୍ଯ୍ୟାୟରେ କେଭଡିଆ ଯାଏଁ ୧୫୦ କି.ମି. ପଦଯାତ୍ରା**


# ଅଧିକ ୧୦ ବିଭାଗ ପାଇଁ ସୃଷ୍ଟିହେଲା ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ୍

ଭୁବନେଶ୍ୱର,୧୪।୧୦(ସୁନିତ୍ ମିଶ୍ର)

ଓଡ଼ିଶା ସଚିବାଳୟର ୨୮ଟି ପ୍ରଶାସନିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ କାର୍ଯ୍ୟ କରୁଛି। ଏହା ସାଧାରଣ ଲୋକଙ୍କ ଅର୍ଥକୁ ସୁରକ୍ଷା ଦେବା ଲାଗି କାର୍ଯ୍ୟକରେ। ରାଜ୍ୟ ମଧ୍ୟରେ ଟଙ୍କାର ଅପବ୍ୟବହାର ଓ ଆତ୍ମସାତ୍ ସମେତ ଆର୍ଥିକ ଅନିୟମିତତା ରିପୋର୍ଟ ପ୍ରଦାନ କରିଥାଏ। ସମାନତା, ବୃତ୍ତିଗତ ତଦାରଖ ଏବଂ ସାଧାରଣ ଖର୍ଚ୍ଚର ତଦାରଖ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆଭ୍ୟନ୍ତରୀଣ ଅଡିଟ୍ କର୍ମଚାରୀଙ୍କୁ ଅର୍ଥ ବିଭାଗ ଅଧୀନରେ କେନ୍ଦ୍ରୀଭୂତ କରାଯାଇଛି। ବର୍ତ୍ତମାନର ସରକାର ଆହୁରି ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛନ୍ତି। ରାଜ୍ୟର ଆଭ୍ୟନ୍ତରୀଣ ଅଡିଟ୍ ସୁଦୃଢ଼ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ଅର୍ଥ ବିଭାଗ ଗତ ୯ ତାରିଖରେ ୨୮ଟି ବିଭାଗରେ ବର୍ତ୍ତମାନର ମଞ୍ଜୁରୀପ୍ରାପ୍ତ ୫୧୦ ଜଣଙ୍କ ସଂଖ୍ୟାକୁ ଯୁକ୍ତିଯୁକ୍ତ ଭାବେ ବିଭକ୍ତକରି ୮୫ ଜଣ ଅଡିଟ୍ କର୍ମଚାରୀଙ୍କ ସମେତ ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛି। ନୂତନ ଆଭ୍ୟନ୍ତରୀଣ ଅଡିଟ୍‌ୱିଙ୍ଗଗୁଡ଼ିକ ନିରନ୍ତର ସମୀକ୍ଷା ଓ ଅନୁପାଳନ ଯାଞ୍ଚ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଶୀଘ୍ର ବିପଦ ଚିହ୍ନଟ କରିବା ଏବଂ ଅଡିଟ୍ ଆପତ୍ତି ହ୍ରାସ କରିବାରେ ସାହାଯ୍ୟ କରିବ। ଯେଉଁ ୧୦ଟି ଅଧିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ୍ ସୃଷ୍ଟି କରାଯାଇଛି ସେଗୁଡ଼ିକ ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ, ଶିଳ୍ପ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ। ସରକାରଙ୍କ ଏହି ପଦକ୍ଷେପ ସହ ଆଭ୍ୟନ୍ତରୀଣ ଅଡିଟ୍ ଏବେଠାରୁ ୩୮ଟି ବିଭାଗରେ କାର୍ଯ୍ୟ କରିବ।

# ମା'ର ବୟସ ଗର୍ଭପାତ ଆଶଙ୍କାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ

**ବିଶ୍ୱ ଗର୍ଭଧାରଣ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ**




ପ୍ରତିବର୍ଷ ଅକ୍ଟୋବର ୧୫ରେ ଗର୍ଭଧାରଣ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ ପାଳନ କରାଯାଉଛି। ଏହି ଦିନରେ ସ୍ଥାନୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଗଠନ ଏକାଠି ହୋଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରନ୍ତି, ଯଦ୍ୱାରା ଦୁର୍ଭାଗ୍ୟଜନକ ଶିଶୁମୃତ୍ୟୁର ସଂଖ୍ୟା ହ୍ରାସରେ ସାହାଯ୍ୟ କରିପାରୁଥିବା ଦୀର୍ଘକାଳୀନ ଜ୍ଞାନ ଆଧାରରେ ଶିକ୍ଷା ଏବଂ ପ୍ରତିଷେଧକ ପ୍ରୟାସକୁ ଉନ୍ନତ କରିବା ପାଇଁ ସଚେତନତା ସୃଷ୍ଟି କରିଥାଏ। ଏ ସମ୍ପର୍କରେ ବରିଷ୍ଠ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞା ଡା. ସରୋଜିନୀ ଷଡ଼ଙ୍ଗୀ କୁହନ୍ତି- ବିଭିନ୍ନ ଦେଶରେ ଗର୍ଭନଷ୍ଟ ଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇଛି। ତଥାପି ୨୮ ସପ୍ତାହର ଗର୍ଭଧାରଣ ପୂର୍ବରୁ ମୃତ୍ୟୁବରଣ କରୁଥିବା ଏକ ଶିଶୁକୁ ସାଧାରଣତଃ ଗର୍ଭପାତ କୁହାଯାଏ। ୨୮ ସପ୍ତାହ କିମ୍ବା ତା' ପରେ ମୃତ୍ୟୁବରଣ କରୁଥିବା ଶିଶୁକୁ ମୃତଶିଶୁ ଜନ୍ମ କୁହାଯାଏ। ଭ୍ରୂଣରେ ଅସ୍ୱାଭାବିକତା ମା'ର ବୟସ ଏବଂ ସଂକ୍ରମଣ ସମେତ ବିଭିନ୍ନ କାରଣରୁ ଗର୍ଭପାତ ହୋଇପାରେ, ଯେଉଁଥିରୁ ଅନେକ ଗର୍ଭ ନଷ୍ଟକୁ ପ୍ରତିରୋଧ କରାଯାଇପାରିବ। ତଥାପି ନିର୍ଦ୍ଦିଷ୍ଟ କାରଣ ଚିହ୍ନଟ କରିବା ବେଳେବେଳେ କଷ୍ଟକର ହୋଇଥାଏ। ଏମିତିକି କିଛି କାରଣ ନଥାଇ ମଧ୍ୟ ଗର୍ଭନଷ୍ଟ ହୋଇଥାଏ। ଅପରପକ୍ଷେ ସବୁ ବୟସର ମହିଳାଙ୍କର ମୃତଶିଶୁ ଜନ୍ମ ହେବାର ଆଶଙ୍କାଥାଏ। ମା'ର ବୟସ ହେଉଛି ଗର୍ଭପାତ ଆଶଙ୍କାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ। ଶିଶୁର ପ୍ରାପ୍ତି ଆମ ଜୀବନରେ ଯେତିକି ଆନନ୍ଦ ଭରି ଦେଇଥାଏ, ଗର୍ଭରେ ଶିଶୁଟିର ମୃତ୍ୟୁ ବା' ଗର୍ଭନଷ୍ଟ ତତୋଽଧିକ ଯନ୍ତ୍ରଣା ଦେଇଥାଏ। ତେବେ ଏହି ଦିବସକୁ ସ୍ମରଣ କରିବା ପାଇଁ ସାରା ବିଶ୍ୱର ସବୁ ସ୍ଥାନରେ ଅକ୍ଟୋବର ୧୫ ସନ୍ଧ୍ୟା ୭ଟାରେ ମହମହବତି ପ୍ରଜ୍ୱଳନ କରାଯାଇଥାଏ।

# ଆଜି 'ବିଶ୍ୱ ହାତଧୁଆ ଦିବସ'



ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛତା ଜରୁରୀ। ସ୍ୱଚ୍ଛତା ମଧ୍ୟରେ ଖାଇବା ପୂର୍ବରୁ ହାତ ଧୋଇବା ଅବା ବାହାରୁ ଘରକୁ ଗଲେ କିମ୍ବା ନବଜାତକମାନଙ୍କୁ ଧରିବା ପୂର୍ବରୁ ହାତକୁ ଭଲଭାବେ ଧୋଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହାତ ଧୋଇବାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୫ରେ 'ବିଶ୍ୱ ହାତଧୁଆ ଦିବସ' ପାଳନ କରାଯାଇଆସୁଛି। ଲୋକଙ୍କୁ ହାତ ଧୋଇବା ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଏହି ଦିବସ ଉତ୍ସାହିତ କରିଥାଏ। ରୋଗ ନିରାକରଣରେ ଏକ ପ୍ରମୁଖ କାରଣ ଭାବେ ସାବୁନ ସହିତ ହାତ ଧୋଇବା ବିଷୟରେ ସଚେତନତା ସୃଷ୍ଟି ପାଇଁ ଏହି ବିଶ୍ୱସ୍ତରୀୟ ଅଭିଯାନ ଉତ୍ସର୍ଗୀକୃତ।

୨୦୦୮ରେ ଗ୍ଲୋବାଲ ହ୍ୟାଣ୍ଡ ୱାଶିଂ ପାର୍ଟନରଶିପ୍ (ଜିଏଚ୍‌ପି) ଏହି ଦିବସ ଆରମ୍ଭ କରିଥିଲା। ସଂଯୁକ୍ତରାଷ୍ଟ୍ର ଏହି ଦିବସର ନେତୃତ୍ୱ ନେବା ସହିତ ଆନ୍ତଃରାଷ୍ଟ୍ରୀୟ ସ୍ୱଚ୍ଛତା ବର୍ଷ ରୂପେ ଅକ୍ଟୋବର ୧୫କୁ 'ବିଶ୍ୱ ହାତଧୁଆ ଦିବସ' ଭାବେ ପାଳନ ଆରମ୍ଭ କରିଥିଲା। ବର୍ତ୍ତମାନ ଏହି ଦିବସ ଏକ ଆନ୍ଦୋଳନର ରୂପ ନେବା ସହିତ ୧୦୦ରୁ ଉର୍ଦ୍ଧ୍ୱ ଦେଶର ସରକାର, ସ୍କୁଲ ଏବଂ ବେସରକାରୀ ସଂଗଠନ ଦ୍ୱାରା ପାଳନ କରାଯାଉଛି।

-ରିପୋର୍ଟ: **ବନ୍ଦନା ସେଠୀ**

**ଖେଳ ଖବର**

# ମହିଳାରେ ଚାଇନା-ଜାପାନ ଫାଇନାଲ





ଦ୍ୱିତୀୟ ସେମିଫାଇନାଲରେ ଚାଇନା ଓ ଦକ୍ଷିଣ କୋରିଆ ଖେଳାଳିଙ୍କ ମଧ୍ୟରେ ମୁକାବିଲା।

**ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୪।୧୦(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍‌ର ମହିଳା ବିଭାଗ ଫାଇନାଲ ଚାଇନା ଓ ଜାପାନ ମଧ୍ୟରେ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଜାପାନ ୩-୦ରେ ସିଙ୍ଗାପୁରକୁ ହରାଇ ଦେଇଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଚାଇନା ୩-୦ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଚାଇନା ଓ ଜାପାନ ମଧ୍ୟରେ ଫାଇନାଲ ବୁଧବାର ଅପରାହ୍ଣ ୩ଟାରେ ଅନୁଷ୍ଠିତ ହେବ। ଭାରତୀୟ ମହିଳା ଦଳ ୫ରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଉତ୍ତର କୋରିଆ ନିକଟରୁ ୧-୩ରେ ହାରିଯାଇଛି। ପ୍ରଥମ ୨ଟି ମ୍ୟାଚ୍‌ରେ ଦିୟା ଚିତଲେ ଓ ମନିକା ବାତ୍ରା ହାରି ଯାଇଥିବାବେଳେ ତୃତୀୟ ମ୍ୟାଚରେ ଯଶସ୍ୱିନୀ ଘରପୋରେ ୩-୨ରେ ବିଜୟ ହାସଲ କରିଥିଲେ। ମାତ୍ର ୪ର୍ଥ ମ୍ୟାଚ୍‌ରେ ମନିକା ବାତ୍ରା ୱାକ୍‌ଓଭର ଦେବାରୁ ଉତ୍ତର କୋରିଆ ବିଜୟ ହାସଲ କରିଥିଲା। ଅନ୍ୟ ଏକ ୫-୮ ପ୍ଲେସିଂ ମ୍ୟାଚ୍‌ରେ ଥାଇଲାଣ୍ଡ ୩-୨ରେ ହଂକଂକୁ ହରାଇ ଦେଇଛି। ୧୫-୧୬ ପୋଜିଶନ ମ୍ୟାଚ୍‌ରେ ମଙ୍ଗୋଲିଆ ୩-୦ରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି।

**ଫାଇନାଲରେ ହଂକଂ**

ପୁରୁଷ ବିଭାଗ ଫାଇନାଲରେ ହଂକଂ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ହଂକଂ ୩-୨ରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି। ତାଇପେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ହଂକଂ ତାହାର ସଫଳ ମୁକାବିଲା କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଚାଇନା ଓ ଜାପାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେଉଛି। ଏହି ମ୍ୟାଚ୍‌ର ବିଜେତା ବୁଧବାର ଫାଇନାଲରେ ହଂକଂକୁ ଭେଟିବ। ଦକ୍ଷିଣ କୋରିଆ ୫ମ ଓ ଭାରତ ୬ଷ୍ଠ ସ୍ଥାନ ଅଧିକାର କରିଥିବାବେଳେ ଇରାନକୁ ୩-୧ରେ ହରାଇ ଉତ୍ତର କୋରିଆ ୭ମ ସ୍ଥାନ ହାସଲ କରିଛି। ୧୭-୧୮ ସ୍ଥାନ ପାଇଁ ଅନୁଷ୍ଠିତ ପୋଜିଶନ ମ୍ୟାଚରେ ମକାଉ ୩-୧ରେ କିର୍ଗିଜ୍‌ସ୍ଥାନକୁ ହରାଇ ଦେଇଛି। ସେହିପରି ୧୨-୧୩ ମ୍ୟାଚ୍‌ରେ ମାଲେସିଆ ୩-୧ରେ କାତାରକୁ ପରାସ୍ତ କରିଛି।

# ଭାରତୀୟ ପୁରୁଷ ଦଳକୁ ୬ଷ୍ଠ ସ୍ଥାନ

**ଏସିଆନ୍ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୪।୧୦(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଗତ ୩ ସଂସ୍କରଣରେ ବ୍ରୋଞ୍ଜ୍ ପଦକ ଜିତିଥିବା ଭାରତ ଏଥର ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଛି। କ୍ୱାର୍ଟର ଫାଇନାଲରେ ହାରି ପଦକ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଭାରତ ମଙ୍ଗଳବାର ୫ରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଉତ୍ତର କୋରିଆକୁ ୩-୨ରେ ପରାସ୍ତ କରିଥିଲା। ହମ୍ ୟୁ ସଙ୍ଗଙ୍କୁ ମାନବ ଠାକର ୩-୦ରେ ହରାଇଥିବାବେଳେ ମାନୁଷ ଶାହା ୧-୩ରେ ରି ଜଙ୍ଗ୍ ସିକ୍‌ଙ୍କଠାରୁ ହାରିଯାଇଥିଲେ। ତୃତୀୟ ମ୍ୟାଚ୍‌ରେ ଅଙ୍କୁର ଭଟ୍ଟାଚାର୍ଯ୍ୟ ୩-୨ରେ ଚୋନ୍ ଜଙ୍ଗବୋମ୍‌ଙ୍କୁ ହରାଇ ଦେଇଥିଲେ। ୪ର୍ଥ ମ୍ୟାଚ୍‌ରେ ଠାକର ୨-୩ରେ ରି ଜଙ୍ଗ ସିକ୍‌ଙ୍କଠାରୁ ହାରିଥିବାବେଳେ ୫ମ ମ୍ୟାଚରେ ମାନୁଷ ଶାହା ୩-୦ରେ ହମ୍ ୟୁ ସଙ୍ଗଙ୍କୁ ହରାଇବାରୁ ଭାରତ ବିଜୟୀ ହୋଇ ୫-୬ ସ୍ଥାନ ପାଇଁ ମ୍ୟାଚ ଖେଳିଥିଲା। କିନ୍ତୁ ଏଥିରେ ଭାରତୀୟ ଦଳ ଦକ୍ଷିଣ କୋରିଆଠାରୁ ୦-୩ରେ ପରାଜିତ ହୋଇଥିଲା। ମାନବ ଠାକର, ସ୍ନେହିତ ସୁରଭଜ୍ଜୁଲା ଓ ପାୟସ ଜୈନ ହାରିଯିବାରୁ ୪ର୍ଥ ମ୍ୟାଚ୍‌ର ଆବଶ୍ୟକ ପଡ଼ି ନ ଥିଲା।



ମ୍ୟାଚ ଅବସରରେ ମାନବ ଠାକର।

# ଦିଲ୍ଲୀରେ ପହଞ୍ଚିଲେ କୋହଲି

**ନୂଆଦିଲ୍ଲୀ, ୧୪।୧୦:** ଷ୍ଟାର ଭାରତୀୟ ବ୍ୟାଟର ବିରାଟ କୋହଲି ମଙ୍ଗଳବାର ସକାଳେ ଦିଲ୍ଲୀରେ ପହଞ୍ଚିଛନ୍ତି। ସେ ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କ ସହ ଅଷ୍ଟ୍ରେଲିଆ ଟୁର୍ କରିବେ। ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି କୋହଲିଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ଏବେ କୋହଲି ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ଓ ଦୁଇ ପିଲାଙ୍କ ସହ ଲଣ୍ଡନରେ ରହୁଛନ୍ତି। ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ପ୍ରଥମ ଆଇପିଏଲ ଟ୍ରଫି ଜିତିବା ପରେ ଜୁନ୍‌ରେ ଦେଶ ଛାଡ଼ି ଥିଲେ। ସେ ୪ ମାସ ପରେ ଭାରତ ଫେରିଛନ୍ତି।

# ଅନି ସାଲବାମ୍‌ଙ୍କୁ ବ୍ରୋଞ୍ଜ୍ ପଦକ

ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)




ପଦକ ସହ ଅନି ସାଲବାମ୍।

ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍ଆଇ), ଓଡ଼ିଶା ସରକାର ଏବଂ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଅନ୍ତିମ ଦିବସରେ ଓଡ଼ିଶାର ଅନି ସାଲବାମ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ୬୦୦ ମିଟର ରେସ୍‌ରେ ସେ ୧:୧୯.୯୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ ପୂର୍ବ ମିଟ୍ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ଉତ୍ତର ପ୍ରଦେଶର ମହମ୍ମଦ ସମୀର ଖାଁ ୧:୧୮.୪୮ ଓ ହରିୟାଣାର ଦେବ୍ ୧:୧୯.୦୨ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ପ୍ରତିଯୋଗିତାରେ ପାଖାପାଖି ୨୦୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବାବେଳେ ଓଡ଼ିଶାର ୩୭ ମହିଳା ଓ ୩୮ ପୁରୁଷ ଆଥ୍‌ଲେଟ୍ ସାମିଲ ଥିଲେ।

ଓଡ଼ିଶାର ପ୍ରତୀକ ମହାରଣା ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟରରେ ସ୍ୱର୍ଣ୍ଣ ଓ ୧୦୦ ମିଟରରେ ରୌପ୍ୟ ପଦକ ଲାଭ କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟରେ ଓଁକାର ପ୍ରସାଦ ନନ୍ଦ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

**ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଉଦ୍‌ଯାପିତ**

୧୪ ବର୍ଷରୁ କମ୍ ବାଳକ ଟ୍ରାଇଥଲନ୍‌ରେ ଛବିନ୍ଦ୍ର ବେହେରା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି କୁନି ରାଜଗଣ୍ଡ ହରିରାଜ ୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବାବେଳେ ଆଲୋକିକା ସ୍ୱାଇଁ ୧୮ ବର୍ଷରୁ କମ୍ ମହିଳା ଜାଭେଲିନ ଥ୍ରୋ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି।

# ପାଲଲହଡ଼ା ଫୁଟ୍‌ବଲ କପ୍: କଟକ ଚାମ୍ପିୟନ

ପାଲଲହଡ଼ା,୧୪।୧୦
(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଷ୍ଟାଡିୟମଠାରେ ଚାଲିଥିବା ୩୭ତମ ରାଜ୍ୟସ୍ତରୀୟ ପାଲଲହଡ଼ା ଫୁଟ୍‌ବଲ କପ୍‌ର ଫାଇନାଲ ମ୍ୟାଚରେ ରାଉରକେଲା ଟିମ୍‌କୁ ୪-୦ ଗୋଲରେ ହରାଇ କଟକ ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌର ଗୋବିନ୍ଦ ସାମନ୍ତ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ପାଲଲହଡ଼ା ଉପଖଣ୍ଡ ପୋଲିସ ଅଧିକାରୀ କୈଳାଶ ଚନ୍ଦ୍ର ସେଠୀ, ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ଏବଂ କ୍ରୀଡ଼ା ପ୍ରଶିକ୍ଷକ ଆର. ଆଇ. ଟିଗା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆକର୍ଷଣୀୟ ଗୋଲ୍ ପାଇଁ ରାଉରକେଲା ଟିମ୍‌ର ବିଶାଳ ଡୁଙ୍ଗଡୁଙ୍ଗ, ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ କଟକ ଟିମ୍‌ର ଦୀନବନ୍ଧୁ ଦାସ, ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ କଟକ ଟିମ୍‌ର ଗଣେଶ ସେଠୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ମାଲ୍ୟଗିରି ଫୁଟ୍‌ବଲ ଏକାଡେମୀକୁ ବିଧାୟକ ଉଦ୍‌ଘାଟନ କରିବା ସହ ବିଭିନ୍ନ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜାତୀୟ ରେଫରି ଶିବଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିବାବେଳେ ସୁଜିତ ପାତ୍ର, ସୁଜିତ ରାଜହଂସ, ଦିଲୀପ ରାଉତ, ସନ୍ତୋଷ ମାଝୀ ସହଯୋଗ କରିଥିଲେ। ପାଲଲହଡ଼ା ଫୁଟବଲ ଆସୋସିଏଶନ ଅଧ୍ୟକ୍ଷ ସୁଧାଂଶୁ କପର୍ଦ୍ଦାର, ସଭାପତି ନୀଳାମ୍ବର ପ୍ରଧାନ, ସମ୍ପାଦକ ଆଶିଷ ସାମଲ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଟିଟିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାନଘାଗରାରେ ହେବ ୨ୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)

କେନ୍ଦୁଝରର ସାନଘାଗରାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କେନ୍ଦୁଝର ପ୍ରଶାସନ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରକଳ୍ପ ଭାବେ ବିକଶିତ ହେବାକୁ ଥିବା ଏହି କେନ୍ଦ୍ର ଓଡ଼ିଶାର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଭାବେ ସାନଘାଗରାଠାରେ ପ୍ରାୟ ୧୩୪ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା ହେବ।

ବୈଠକରୁ ମିଳିଥିବା ସୂଚନା ମୁତାବକ, ଏହି କେନ୍ଦ୍ର, ଜୈବ ବିବିଧତା ସଂରକ୍ଷଣ, କମ୍ୟୁନିଟି ସେଣ୍ଟର, ଇକୋ ଟୁରିଜମ୍ ଏବଂ ଗବେଷଣା ଓ ଶିକ୍ଷାର ବିକାଶ ପାଇଁ ନିର୍ମାଣ କରାଯିବ। ଏହି ସ୍ଥାନଟି ପ୍ରାକୃତିକ ଅଭିଜ୍ଞତା ଏବଂ ଥିମାଟିକ୍ ଗାର୍ଡେନର ଅନୁଭୂତି ପ୍ରଦାନ କରିବ। ଏହି କେନ୍ଦ୍ରରେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରଜାତିର ଅର୍କିଡ୍ ଉପଲବ୍ଧ ହେବା ସହ ଗୋଲାପ, ବାଉଁଶ, କାକ୍ଟସ୍, ଜଙ୍ଗଲୀ ଫଳ ଇତ୍ୟାଦି ମଧ୍ୟ ସ୍ଥାନିତ ହୋଇ ଅଞ୍ଚଳର ଶୋଭା ମଣ୍ଡନ କରିବ। ଏହି ଅଞ୍ଚଳକୁ ବିଶେଷ ପର୍ଯ୍ୟଟନସ୍ଥଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ବର୍ଷତମାମ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅଞ୍ଚଳରେ ହାତୀ ଉପଦ୍ରବ ଅଧିକ ରହୁଥିବାରୁ ଜିଲା ପ୍ରଶାସନକୁ ମଧ୍ୟ ଏହାର ପ୍ରତିକାର ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଡିପ୍ ଟ୍ରେନ୍‌ଚେସ୍ ଦ୍ୱାରା ମଣିଷ-ହାତୀଙ୍କର ସଂଘର୍ଷକୁ ରୋକିବା ପାଇଁ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଆଭାସି ମାଧ୍ୟମରେ କେନ୍ଦୁଝର ଜିଲାପାଳ ବିଶାଳ ସିଂହ ଓ କେନ୍ଦୁଝର ଡିଏଫ୍‌ଓ ଧନରାଜ ହନୁମନ୍ତ ଧାମଡେରେ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟସ୍ତରରେ ପ୍ୟାଲିଏଟିଭ କେୟାର୍‌ର ସର୍ବଶ୍ରେଷ୍ଠ ଅଭ୍ୟାସ

# ଓଡ଼ିଶାକୁ ପ୍ରଥମ ପୁରସ୍କାର

ଭୁବନେଶ୍ୱର, ୧୪।୧୦(ବନ୍ଦନା ସେଠୀ)

ଜାତୀୟସ୍ତରରେ ବିଶ୍ୱ ହସ୍ପିସ ଏବଂ ପ୍ୟାଲିଏଟିଭ କେୟାର୍‌ଦିବସ-୨୦୨୫ ଭୁବନେଶ୍ୱରର ବାଗ୍‌ଚୀ କରୁଣାଶ୍ରୟ ପ୍ୟାଲିଏଟିଭ କେୟାର୍ ସେଣ୍ଟରରେ ଗତ ୧୧ ତାରିଖରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାକୁ ଜାତୀୟସ୍ତରରେ ପ୍ୟାଲିଏଟିଭ କେୟାର୍‌ର ସର୍ବଶ୍ରେଷ୍ଠ ଅଭ୍ୟାସ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି।


## ଜନ୍ମଦିନର ଶୁଭେଚ୍ଛା





ଟିଟିଲି

ଦଧିବାମନ ନଗର, ରେମୁଣା ଗୋଲେଇ, ବାଲେଶ୍ୱର

ଆଜି ତୋର ୭ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣା ତୋ ଉପରେ ସଦାସର୍ବଦା ବରଷୁ ଥାଉ, ତାଙ୍କରି କୃପାରୁ ତୋର ଚଲାପଥ କୁସୁମିତ ହେଉ, ମହାବାହୁ ତୋତେ ଦିର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ- ବାପା, ମାମା, ଜେଜେବାପା, ଜେଜେମା, ଅଜା, ଆଇ ଓ ସମସ୍ତ ପରିବାରବର୍ଗ

ଧ-୨୨୭୧



# Classified Everyday

0674-2580101, 9692975378



MATRIMONIAL

## BRIDE WANTED

5'6" Brahmin BE Mechanical groom working as Deputy Manager in Reputed Automobile Company require professional, beautiful bride. Contact: 9437560347. D-2241

Khandayat Boy 1997 5'6" B.tech MBA continued Ph.D. Asst. Professor Business. 8908069176. D-2277

## GROOM WANTED

ବୟସ 27, କୌଣସି ଚାକିରି କରୁନ ଥିବା ସୁନ୍ଦରୀ ସୁଶୀଳ ଘରୋଇ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2244

Tanti groom-30, Mechanical Engineer required established family background bride-9853366347. D-2278



REAL ESTATE

## SALE

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call-9861642492.** D-2018

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717. D-2201

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

Centrally located housing plot for sale at Medinipur near Bhawanipatna, Kalahandi. Contact-: 9 4 3 7 1 4 8 5 9 0 , 8658579717. D-2202


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

Construct your home with branded materials, all complete furnishing, price start 1350/- per sqft. 9827152441. D-76865




RCC Hall 1000sft. (40ft. x25ft.) with toilets, electrical fittings, facing 100ft. wide Lewis Road, Bhubaneswar-2, Hotel Gouri Premises, adjacent to IndusInd bank, surrounded by tourism spots, suitable for Dental, Eye Clinics, Office, Shop on monthly rental basis. Contact: 9861129953. D-2259




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

The massage felt totally professional! & comfortable at all times- 7978109255. D-76500

## AFFIDAVIT

I, Nihar Ranjan Pattanaik, S/o- Late Krushna Chandra Pattanaik, resident of Flat No. - 203, 2nd Floor, Mason Luxuria, Patia, P.O. - Kalarahanga, P.S.- Infocity Police Station, Bhubaneswar, Dist.- Khordha, PIN-751024, Odisha, declare by this affidavit No.- 23, dtd- 26/09/2025, that now onwards I shall be known as NIHAR RANJAN PATTNAIK for all future purposes. D-2276

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Indira Devi Patnaik, D/o- Umesh Chandra Patnaik, resident of Flat No. - 203, 2nd Floor, Mason Luxuria, Patia, P.O. - Kalarahanga, P.S.- Infocity Police Station, Bhubaneswar, Dist.- Khordha, PIN-751024, Odisha declare by this affidavit No.- 24, dtd.- 26/09/2025 that now onwards I shall be known as INDIRA DEVI PATTNAIK for all future purposes. D-2275

I, Aruna Devi Tulsyan, W/o- Sambhu Dayal Tulshyan, R/o. At/P.O./ P.S.- Khetrajpur, Dist.- Sambalpur, Odisha-768003, declare by this affidavit Sl. No.- 25782 dated- 13.10.2025 that now onwards I shall be known as **ARUNA DEVI TULSHYAN** for all future purpose.
Aruna Devi Tulshyan. D-2273

By virtue of an affidavit sworn before the Notary Public, Malkangiri dated-09.10.2025, I, Doli Ojha, wife of Jayadev Ojha of village NAC Line, Balimela, P.O.- Balimela, P.S.- Orkel, Dist.- Malkangiri do hereby solemnly affirm and state as follows. That, my actual name is Doli Biswas and after my marriage my name is changed as Doli Ojha. Henceforth, I shall be known as Doli Ojha for all purposes. D-2272

By virtue of an affidavit sworn before the Executive Magistrate, Rairakhol, dated- 10.10.2025, I, Niturani Hota, Daughter of Manoranjan Hota, At- Ladubahal, P.O.- Badabahal, P.S.- Rairakhol, Dist.- Sambalpur, Odisha, PIN-768106 declare that I have changed my name from Nitu Hota to Niturani Hota. Henceforth, I shall be known as Niturani Hota for all purposes.
Niturani Hota D-2260

By virtue of an affidavit sworn before Executive Magistrate, Chhendipada Vide No.-1722 dated-13.10.2025, I Ganeswar Naik, resident of Village-Barapada, P.O.- Kosala, P.S.- Chhendipada, Dist.-Angul (Odisha), India declare that I have changed my name from Ganesh Naik to Ganeswar Naik. Henceforth, I shall be known as Ganeswar Naik for all purpose. D-2280

By virtue of an affidavit sworn before Executive Magistrate, Bhadrak dtd.- 13.09.2025, I, Shubhalaxmi Dash (40), W/o- Sambit Kumar Dash, permanent Address: At/P.O.- Saraikella, Kharasawan, Jharakhand, presently At- Mathasahi, P.S./ Dist.- Bhadrak, Odisha PIN- 756100 declare that I have changed my name Shubhalaxmi Satapathy to Shubhalaxmi Dash and changed my address permanent to present address. Henceforth, I shall be known as Shubhalaxmi Dash for all future purposes. D-2281

By virtue of an affidavit sworn before the Executive Magistrate, Boudh, No.-1423 date-14.10.25, I, Karttik Kumbhar, R/o- Village:- Jhankarpada, P.O.- Amba jhari, P.S./ Dist.- Boudh, Odisha, PIN- 762015 declare that I have changed my son's name from SUMAN KUMAR to SUMEL KUMBHAR. Henceforth, he shall be known as SUMEL KUMBHAR for all purposes.
Karttik Kumbhar D-2279

I, PRASANTA LAKRA, W/o- Patrick Lakra, resident of Bheluadihi, P.O.- Gyanpali, P.S.- Rajgangpur, Dist.- Sundargarh, PIN-770023, Odisha declare by this affidavit No.- A/26, dated 13.10.2025 that now onwards I shall be known as PRASANTA LAKRA for all future purposes. D-2270

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ଇଞ୍ଜିନିୟର ଅମିୟ କୁମାର ନାୟକ**

ପ୍ଲଟ୍ ନଂ.- ୫୭୩, ଶହୀଦନଗର, ଭୁବନେଶ୍ୱର

ଆଜି ଆପଣଙ୍କର ପ୍ରଥମ ବାର୍ଷିକୀ ଶ୍ରାଦ୍ଧଦିବସ ଅବସରରେ ଆପଣଙ୍କର ଅମିୟ ବୋଳା ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା, ମମତା ତଥା କର୍ତ୍ତବ୍ୟନିଷ୍ଠା, ସଚ୍ଚୋଟତା, ସରଳ ଜୀବନ ଯାପନ ସବୁ କିଛି ମନେପଡ଼େ। ସେ ସବୁ ଆମର ଚିର ପାଥେୟ ହେଉ ଓ ଆପଣଙ୍କର ଅମର ଆତ୍ମା ଚିର ଶାନ୍ତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଆପଣଙ୍କର ପରିବାରବର୍ଗ:**

ପତ୍ନୀ- ଜ୍ୟୋତ୍ସ୍ନାମୟୀ, ଭାଇ ଓ ଭାଇବୋହୂ: ଅଜୟ, ଅନିତା, ଝିଅ-ଜ୍ୱାଇଁ: ପିନାକୀ, ସତ୍ୟ, ବଡ଼ପୁଅ-ବୋହୂ: ଆଶିଷ, ପ୍ରଜ୍ଞା, ସାନପୁଅ-ବୋହୂ: ଅମରେଶ, ସୋନି

ଧ-୨୨୬୯

## LEGAL NOTICE

IR No.- 1549,
Date- 04.10.25

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ଆଶୁତୋଷ ସାମଲ, OAS (S.A.G.)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ.- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୪୩୩/୨୦୨୪

ସ୍ମିତାରାଣୀ ପଣ୍ଡା ....ବାଦୀ

ବନାମ

ସେଟଲମେଣ୍ଟ ଅଫିସର, ଓଗେର ....ପ୍ରତିବାଦୀ

ନୋଟିସ ଅର୍ଡର- ୫, ରୁଲ୍- ୨୦ C.P.C. ମୁତାବକ

୪. ସରୋଜିନୀ ପ୍ରଧାନ, ପିତା- ମୃତ ସୋମନାଥ ରାଉତରାୟ, ୬. ନୀଳ ବେଓ୍ୱା, ସ୍ୱାମୀ- ମୃତ ସୋମନାଥ ରାଉତରାୟ, ୭. ହରି ଚରଣ ରାଉତରାୟ, ପିତା- ମୃତ ଭୁଜ ରାଉତରାୟ, ୯. ହେମା ବେଓ୍ୱା, ସ୍ୱାମୀ- ପରମାନନ୍ଦ ରାଉତରା, ୧୦. ଅଲେଖ ରାଉତରା, ପିତା- ମୃତ ଅଭିନ ରାଉତରା
ଏମାନଙ୍କ ସା- ଯୁଝଗଡ଼ା, ପୋ- ଦାରୁଠେଙ୍ଗା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୧. ବସୁନ୍ଧରା ଇଷ୍ଟେଟ ଡେଭେଲପର, ସା- କାନନ ବିହାର MIG- II, House No.- 11, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ତରଫ Chairman ପ୍ରଫୁଲ୍ଲ କୁମାର ବିଧାର, ପିତା- ମୃତ ବେଣୁଧର ବିଧାର, ସା/ପୋ- ଦାରୁଠେଙ୍ଗା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିକି ଯେ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ ଅଦାଲତ ନଂ.- ୨ ଇଜିଲାସ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୩।୧୧।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଭୁଆସୁଣୀ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.- ୨୧୮, ପ୍ଲଟ୍ ନଂ.- ୩୮୭, ଏରିଆ ଏ୧.୩୯୩ ଡେସିମିଲ ସମ୍ବନ୍ଧରୁ କ୍ରୟବୃତ୍ତି ଏ୦.୦୨୧ ଡେସିମିଲ, ପ୍ଲଟ୍ ନଂ.- ୩୮୩, ଏରିଆ ଏ୦.୬୭୩ ଡେସିମିଲ ସମ୍ବନ୍ଧରୁ କ୍ରୟବୃତ୍ତି ଏ୦.୦୩୪ଡେସିମିଲ।
ହାଲ୍ ଖାତା ନଂ.- ୧୫୧୯, ହାଲ୍ ପ୍ଲଟ୍ ନଂ.- ୫୨୭, ଏରିଆ ଏ୦.୦୫୫ଡେସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ଓ ମୃତ ପ୍ରତିବାଦୀଙ୍କର ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୨୨୬୭

ମାନ୍ୟବର ପ୍ରଥମ ଅତିରିକ୍ତ ସିଭିଲ ଜଜ୍ ସିନିୟର ଡିଭିଜନ, ଭୁବନେଶ୍ୱର
ସି.ଏସ୍. କେସ୍ ନଂ.- ୧୭୪୮/୨୦୨୩

ଶ୍ରୀ ଆଦିକନ୍ଦ ନାହକ ....ବାଦୀ/ଦରଖାସ୍ତକାରୀ

ବନାମ

ଶ୍ରୀମତୀ କୁମକୁମ ମହାନ୍ତି ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,

୧) ଶ୍ରୀମତୀ କୁମକୁମ ମହାନ୍ତି, ବୟସ ୪୯ ବର୍ଷ, ସ୍ୱାମୀ: ସୁବ୍ରତ ମହାନ୍ତି, ଠିକଣା: ସା- ମାଦଳା ସାହି, ପୋଷ୍ଟ/ଥାନା: ଜୟପୁର, ଜିଲ୍ଲା: କୋରାପୁଟ, ବର୍ତ୍ତମାନ ଠିକଣା: ସା/ପୋଷ୍ଟ- ତେଲେଙ୍ଗା ସାହି, ଥାନା/ ଜିଲ୍ଲା: ବାଲେଶ୍ୱର .... ପ୍ରତିବାଦୀ ନଂ.-୧

୨) ଶ୍ରୀ ଲକ୍ଷ୍ମୀଧର ନାୟକ, ବୟସ ୭୦ ବର୍ଷ, ପିତା: ୰ଜଳଧର ନାୟକ, ଠିକଣା: ସା- ରାଧାଚରଣପୁର (ଓଗାଳପଡ଼ା), ପୋଷ୍ଟ: ଝାଁଳା, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା .... ପ୍ରତିବାଦୀ ନଂ.-୨

୩) ଶ୍ରୀ ସୁଦର୍ଶନ ବେହେରା, ବୟସ ୬୧ ବର୍ଷ, ପିତା: ୰ପାଣୁ ବେହେରା, ଠିକଣା: ସା- ଯଦୁପୁର, ପୋଷ୍ଟ: ଗୌଡ଼ପୁଟ, ଥାନା: ଓଡ଼ଗାଁ, ଜିଲ୍ଲା: ନୟାଗଡ଼ ....ପ୍ରତିବାଦୀ ନଂ.- ୩

ନୋଟିସ

ସିପିସି ଅର୍ଡର- ୫, ରୁଲ୍- ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ମାନ୍ୟବର ପ୍ରଥମ ଆଡିସନାଲ ସିଭିଲ ଜଜ୍ ସିନିୟର ଡିଭିଜନ, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଆଦିକନ୍ଦ ନାହକ, ତାଙ୍କର ଖରିଦା ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର କରିଅଛନ୍ତି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.- ୧,୨ ଏବଂ ୩ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ପଠାଯାଇଥିଲା। କିନ୍ତୁ ଉକ୍ତ ଠିକଣା ଠିକ୍ ଥିବା ସତ୍ତ୍ୱେ ନୋଟିସ ବିନା ଜାରି ହୋଇ ବାରମ୍ବାର ଫେରସ୍ତ ଆସୁଅଛି।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ସମସ୍ତ ପ୍ରତିବାଦୀ ନଂ. ୧, ୨ ଏବଂ ୩ମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ଦେୱାନି କେସର ଶୁଣାଣି ମାନ୍ୟବର ପ୍ରଥମ ଅତିରିକ୍ତ ସିଭିଲ ଜଜ୍ ସିନିୟର ଡିଭିଜନ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା୨୬।୧୧।୨୫ରିଖ ଦିନ (ଭୁବନେଶ୍ୱରଙ୍କ ଆଦେଶକ୍ରମେ) ଦିବା ୧୦.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ କରିଅଛନ୍ତି/ ହୋଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ନୀଳକଣ୍ଠପୁର, ଜିଲ୍ଲା- ଖୋର୍ଦ୍ଧା, ଖାତା ନଂ.- ୨୮୧, ପ୍ଲଟ୍ ନଂ.- ୩୫୩, ଏରିଆ ଏ୦.୫୪ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- ୧,୨ ଏବଂ ୩ ପ୍ରତିବାଦୀ ହୋଇଥାଇ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦାରଖ/ଦେଖିରେଖି କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./- ମାନ୍ୟବର ପ୍ରଥମ ଅତିରିକ୍ତ ସିଭିଲ ଜଜ୍ (ସିନିୟର ଡିଭିଜନ), ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର

ଧ-୨୨୬୮

Letter No.- 1868
Dt-14.10.2025

ନୋଟିସ

ମାନ୍ୟବର ଆଡିସନାଲ କମିସନର, ଶ୍ରୀ ପ୍ରଦୀପ କୁମାର ନାୟକ (ଭା.ପ୍ର.ସେ.), ଆଡିସନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. ନଂ. ୫୭୮/୨୦୨୧

କୁବେର ପ୍ରଧାନ ...ବାଦୀ

ବନାମ

ସନ୍ତୋଷ କୁମାର ସାମଲ, ଓଗେର .... ପ୍ରତିବାଦୀ

ପ୍ରାପ୍ତେଷୁ,

ସନ୍ତୋଷ କୁମାର ସାମଲ, ପିତା- ମୃତ ଅଜୟ ଚନ୍ଦ୍ର ସାମଲ, ସା- ମେରିଆ ବଜାର, ଥାନା- ବକ୍ସି ବଜାର, କଟକ, ଜିଲ୍ଲା- କଟକ

ନୋଟିସ

ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା- ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିସନର, ଆଡିସନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ, କୁବେର ପ୍ରଧାନ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ମୌଜା- ମିନିଚିନି ପାଟଣା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.- ୧, ପ୍ଲଟ୍ ନଂ.- ୭୮୧, ଏରିଆ ଏ୦.୧୬୦ଡେସିମିଲ ଏବଂ ପ୍ଲଟ୍ ନଂ.- ୭୮୨, ଏରିଆ ଏ୦.୬୦୫ଡେସିମିଲ।

ହାଲ୍ ଖାତା ନଂ.- ୪, ହାଲ୍ ପ୍ଲଟ୍ ନଂ.- ୧୩୬୧, ଏରିଆ ଏ୦.୦୭୦ ଡେସିମିଲ ଏବଂ ହାଲ୍ ପ୍ଲଟ୍ ନଂ.- ୧୨୮୪, ଏରିଆ ଏ୦.୧୬୦ ଡେସିମିଲ ଓ ପ୍ଲଟ୍ ନଂ.- ୧୨୮୫, ଏରିଆ ଏ୦.୬୦୫ଡେସିମିଲ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଆଡିସନାଲ ରିଭିଜନ କୋର୍ଟ ନଂ. ୪
ସ୍ୱା./- କୋର୍ଟ ଅଫିସର

ଧ-୨୨୬୬

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୫/୨୦୨୫ Bhubaneswar, Wednesday, October 15/ 2025

# ସିରିଜ୍ ପୋଛିଲା ଭାରତ




ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ଭାରତୀୟ ଦଳ।

ନୂଆଦିଲ୍ଲୀ, ୧୪।୧୦

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌କୁ ଭାରତୀୟ ଦଳ ୭ ଉଇକେଟରେ ଜିତିନେଇଛି। ଏଥିସହିତ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଘରୋଇ ଭାରତୀୟ ଦଳ ୨-୦ ବ୍ୟବଧାନରେ କ୍ଲିନ୍ ସୁଇପ୍ କରିଛି। ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ଭାରତ ୫୧୮/୫ରେ ପାଳି ଘୋଷଣା କରିଥିବା ବେଳେ ୱେଷ୍ଟଇଣ୍ଡିଜ୍ ୨୪୮ ରନ୍‌ରେ ସୀମିତ ରହିଥିଲା। ଫଲୋଅନ୍ ପାଇ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୩୯୦ ରନ୍ କରିଥିଲା। ଫଳରେ ଭାରତ ଆଗରେ ୧୨୧ ରନ୍‌ର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଜବାବରେ ଭାରତ ମ୍ୟାଚ୍‌ର ପଞ୍ଚମ ଦିନ ୩ ଉଇକେଟରେ ୧୨୪ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ମ୍ୟାଚ୍‌ରେ ମୋଟ ୮ ଉଇକେଟ ନେଇଥିବା କୁଲଦୀପ ଯାଦବଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ଭାରତୀୟ ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୬୩/୧ରୁ ବ୍ୟାଟିଂ ଆରମ୍ଭ କରି ମଙ୍ଗଳବାର ତଥା ମ୍ୟାଚ୍‌ର ପଞ୍ଚମ ଦିନ ଆଉ ୨ ଉଇକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପୂର୍ବଦିନ ଅପରାଜିତ ଥିବା ସାଇ ସୁଦର୍ଶନ ୩୯ ଓ ଅଧିନାୟକ ଶୁବମନ ଗିଲ୍ ୧୩ ରନ୍ କରି ଆଉଟ୍ ହୋଇଥିଲେ। ଉଭୟ ବ୍ୟାଟରଙ୍କୁ ୱେଷ୍ଟଇଣ୍ଡିଜ୍ ଅଧିନାୟକ ରୋଷ୍ଟନ ଚେଜ୍ ପାଭିଲିଅନ ପଠାଇଥିଲେ। ସେହିପରି ଅପରାଜିତ ଥିବା ଲୋକେଶ ରାହୁଲ ୫୮ ଓ ଧ୍ରୁବ ଜୁରେଲ ୬ ରନ୍ କରି ମ୍ୟାଚ୍ ଶେଷ କରିଥିଲେ। ୱେଷ୍ଟଇଣ୍ଡିଜ୍ ଲାଗି ଚେଜ୍ ୨ ଓ ଜୋମେଲ ୱାରିକାନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୧୮/୫ (ଘୋଷଣା)। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮/ଅଲଆଉଟ୍। ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୩୯୦/ଅଲଆଉଟ୍ (ଫଲୋଅନ୍): ଭାରତ ଦ୍ୱିତୀୟ ଇନିଂସ: ୧୨୪/୩ (ଲୋକେଶ ରାହୁଲ-୫୮, ସାଇ ସୁଦର୍ଶନ-୩୯, ରୋଷ୍ଟନ ଚେଜ୍-୨/୩୬)।

# ସୁଲତାନ ଜୋହର କପ୍ ହକି

## ଭାରତ-ପାକିସ୍ତାନ ମ୍ୟାଚ୍ ଡ୍ର'

**ଜୋହର ବାହରୁ (ମାଲେସିଆ), ୧୪।୧୦:** ଚଳିତ ସୁଲତାନ ଅଫ୍ ଜୋହର କପ୍‌ରେ ମଙ୍ଗଳାବର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ୩-୩ ଗୋଲରେ ଡ୍ର' ଭାବେ ଶେଷ ହୋଇଛି। ଏହି ମ୍ୟାଚ୍‌ରେ ପଏଣ୍ଟ ଭାଗ ଭାଗ ହେବାରୁ ଭାରତୀୟ ଦଳ ଅଙ୍କ ତାଲିକା ୭ ପଏଣ୍ଟ ସହ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ପାକିସ୍ତାନର ହନାନ ସାହିଦ (ପଞ୍ଚମ ମିନିଟ୍) ଗୋଲ ସ୍କୋର କରିଥିଲେ। ଏହି ଗୋଲ ଯୋଗୁ ପାକିସ୍ତାନ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୧-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ସୁଫିଆନ ଖାନ (୩୯ତମ) ସ୍କୋର କରି ପାକିସ୍ତାନକୁ ୨-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଏହାର ୪ ମିନିଟ୍ ପରେ ଭାରତ ପାଇଁ ଅରାଇଜିତ ସିଂ ହୁଣ୍ଡାଲ (୪୩ତମ) ଗୋଟିଏ ଗୋଲ ପରିଶୋଧ କରିଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ସୌରଭ ଆନନ୍ଦ କୁଶୱାହା (୪୭ତମ)ଙ୍କ ଗୋଲ ବଳରେ ଭାରତ ମ୍ୟାଚ୍‌କୁ ବରାବର କରିଥିଲା। ଏହାପରେ ମନମିତ ସିଂ (୫୩ତମ)ଙ୍କ ଗୋଲ ଯୋଗୁ ଭାରତ ୩-୨ ଗୋଲର ଅଗ୍ରଣୀ ହାସଲ କରିଥିଲା। ହେଲେ ମ୍ୟାଚ୍‌ର ୫୫ତମ ମିନିଟ୍‌ରେ ପାକିସ୍ତାନକୁ ମିଳିଥିବା ପେନାଲ୍ଟି କର୍ନରକୁ ସୁଫିଆନ ଗୋଲରେ ପରିଣତ କରି ସ୍କୋର ଲାଇନ୍‌କୁ ବରାବର କରିଥିଲେ।

# ଆଜିଠୁ ଓଡ଼ିଶାର ରଣ୍‌ଜୀ ଅଭିଯାନ



ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅଭ୍ୟାସ ସେସନରେ ଓଡ଼ିଶା ଦଳର କ୍ୟାଚ୍ ପ୍ରାକ୍ଟିସ୍।

ଭୁବନେଶ୍ୱର, ୧୪।୧୦(ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟ୍‌ର ସର୍ବଶ୍ରେଷ୍ଠ ପ୍ରତିଯୋଗିତା ରଣ୍‌ଜୀ ଟ୍ରଫି ୨୦୨୫-୨୬ ସିଜନ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥର ଏଲିଟ୍ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ବରୋଦା। କଟକର ବାରବାଟୀ ଷ୍ଟାଡିୟମରେ ବରୋଦା ବିପକ୍ଷରେ ମ୍ୟାଚ୍ ଖେଳି ଓଡ଼ିଶା ଏହାର ସିଜନ ଆରମ୍ଭ କରିବ। ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଥର ଭଲ ପ୍ରସ୍ତୁତି କରିଛି। ମଙ୍ଗଳବାର ନେଟ୍ସ ସେସନରେ ଉଭୟ ଓଡ଼ିଶା ଓ ବରୋଦା ଦଳର ଖେଳାଳିମାନେ ବେଶ୍ କିଛି ସମୟ ଝାଳ ବୁହାଇଛନ୍ତି। ଗତ ସିଜନରେ ଓଡ଼ିଶା ଓ ବରୋଦା ଏଲିଟ୍ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିଲେ। ବରୋଦା ୭ ମ୍ୟାଚ୍‌ରୁ ୨୭ ପଏଣ୍ଟ ସହ ୩ୟ ଏବଂ ଓଡ଼ିଶା ସମାନ ସଂଖ୍ୟକ ମ୍ୟାଚ୍‌ରୁ ୧୭ ପଏଣ୍ଟ ସହିତ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଅକ୍ଟୋବର ୨୬ରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଏକ ଇନିଂସ ୯୮ ରନ୍‌ରେ ପରାଜିତ ହୋଇଥିଲା। ବ୍ୟାଟିଂ ବିଫଳତା ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା।

**ବାରବାଟୀରେ ଓଡ଼ିଶା ବନାମ ବରୋଦା**

ଦଳ ପ୍ରଥମ ଇନିଂସ୍‌ରେ ୧୯୩ ଓ ଦ୍ୱିତୀୟ ଇନିଂସ୍‌ରେ ୧୬୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଅଧିନାୟକ କୃନାଲ ପାଣ୍ଡ୍ୟାଙ୍କ ଶତକ ସହାୟତାରେ ବରୋଦା ୪୫୬ ରନ୍‌କରି ଓଡ଼ିଶା ପାଇଁ ପରାଜୟ ଦ୍ୱାର ଖୋଲିଦେଇଥିଲା। ଓଡ଼ିଶାର ପ୍ରମୁଖ ବୋଲରମାନେ ବିଫଳ ହୋଇଥିବାବେଳେ ଗୋବିନ୍ଦ ପୋଦ୍ଦାର ୫ ଉଇକେଟ ସଫଳତା ପାଇଥିଲେ। ଏଥର ଘରୋଇ ପରିବେଶରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ଓଡ଼ିଶା ଭେଟିବାକୁ ଯାଉଥିବାରୁ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବା ସୁଯୋଗ ରହିଛି। ତେବେ ପିଚ୍ ଓ ପରିବେଶରୁ ଓଡ଼ିଶା କିପରି ଫାଇଦା ଉଠାଉଛି, ତାହାକୁ ଅପେକ୍ଷା।

ଗତ ୫ ମ୍ୟାଚ୍‌ର ପ୍ରଦର୍ଶନକୁ ଦେଖିଲେ ଓଡ଼ିଶା ବିପକ୍ଷରେ ବରୋଦାର ପଲା ଭାରି ରହିଛି। ବରୋଦା ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବାବେଳେ ଅନ୍ୟ ୨ଟି ଡ୍ର ରହିଛି। ଏଥର ଅତୀତ ସେଠ୍‌ଙ୍କ ନେତୃତ୍ୱରେ ଦଳ ବାରବାଟୀରେ କଡ଼ା ଅଭ୍ୟାସ କରିଛି। ମୁକୁନ୍ଦ ପର୍ମାର ଦଳର ମୁଖ୍ୟ କୋଚ୍ ଅଛନ୍ତି। ସେହିଭଳି ଅରବିନ୍ଦ ଶ୍ରୀସନ୍ଥ ପେସ୍ ବୋଲିଂ କୋଚ୍ ଦାୟିତ୍ୱରେ ଅଛନ୍ତି। ଏଥର ଘୋଷିତ ହୋଇଥିବା ୧୫ ଜଣିଆ ଓଡ଼ିଶା ଦଳରେ ୩ ନୂଆ ମୁହଁ ସାମିଲ ହୋଇଛି। ସେମାନେ ହେଲେ ଗୌରବ ଚୌଧାରୀ, ସମ୍ମିତ ଏସ୍. ବରାଳ ଓ ବାଦଲ ବିଶ୍ୱାଳ। ପ୍ରତି ଦଳ ପାଇଁ ସିଜନର ପ୍ରଥମ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ବରୋଦା ଚ୍ୟାଲେଞ୍ଜକୁ କିପରି ମୁକାବିଲା କରୁଛି ତା' ଉପରେ ନଜର ରହିବ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ୍ ସାମଲ(ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ମିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ।

**ବରୋଦା ଦଳ:** ଅତୀତ ସେଠ୍ (ଅଧିନାୟକ), ଜ୍ୟୋତ୍ସ୍ନିଲ ସିଂ, ନିତ୍ୟ ପାଣ୍ଡ୍ୟା, ଶାଶ୍ୱତ ରାୱତ, ଶିବାଲିକ ଶର୍ମା, ନିନାଦ ଅଶଭିନ କୁମାର ରଥଭା, ରାଜ ଲିମ୍ବାନି, ମହେଶ ପିଥିୟା, ମିତେଶ ପଟେଲ, ବିଷ୍ଣୁ ସୋଲାଙ୍କି, ଅକ୍ଷୟ ମୋରେ, ଭାର୍ଗବ ଭଟ୍ଟ(ଉପ-ଅଧିନାୟକ), ଲୁକ୍‌ମାନ ମାରିୱାଲା, ରଶିକ ଦର ସଲାମ, ସୁକ୍ରିତ ପାଣ୍ଡେ।

# ସୁପ୍ରିମ୍‌କୋର୍ଟଙ୍କ ଉପରେ ନିଷ୍ପତ୍ତି ଛାଡ଼ିଲେ ଜଷ୍ଟିସ୍ ରାଓ

**ଏଆଇଏଫ୍‌ଏଫ୍ ସମ୍ବିଧାନର ଦୁଇ ବିବାଦୀୟ ଧାରା ପ୍ରସଙ୍ଗ**

ନୂଆଦିଲ୍ଲୀ, ୧୪।୧୦(ପି.ଟି.)

ଅବସରପ୍ରାପ୍ତ ଜଷ୍ଟିସ୍ ନାଗେଶ୍ୱର ରାଓ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଲାଗି ପ୍ରସ୍ତୁତ ସମ୍ବିଧାନର ଦୁଇ ବିବାଦୀୟ ଧାରା ସମ୍ପର୍କରେ ନିଷ୍ପତ୍ତି ନେବା ଦାୟିତ୍ୱ ସୁପ୍ରିମ୍‌କୋର୍ଟଙ୍କ ଉପରେ ଛାଡ଼ିଛନ୍ତି। ଗତ ୯ ତାରିଖରେ ଦୁଇ ବିବାଦୀୟ ଧାରା ଉପରେ ସ୍ପଷ୍ଟୀକରଣ ଲାଗି ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଏଆଇଏଫ୍‌ଏଫ୍ ଦ୍ୱାରସ୍ଥ ହୋଇଥିଲା। ପରଦିନ ଆବେଦନର ଶୁଣାଣି କରୁଥିବା ଖଣ୍ଡପୀଠ ସମସ୍ତ ଅଂଶୀଦାରଙ୍କ ପକ୍ଷ ଶୁଣିବା ପରେ ସମ୍ବିଧାନ ପ୍ରସ୍ତୁତକାରୀ ଜଷ୍ଟିସ୍ ରାଓଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।




Intelligent Honda SENSING (ADAS) | LaneWatch Camera™ | 7-SPEED CVT (with Paddle Shifters) | Fun to Drive i-VTEC Engine | Standard 6 Airbags | FREE 7 YEAR UNLIMITED KM WARRANTY

Visit Nearest Honda Dealership Call +91 73034 61122 | www.hondacarindia.com
10 YEAR ANYTIME WARRANTY
GOVT. APPROVED CNG RETROFITMENT KIT AVAILABLE ON SELECT MODELS
AVAIL SCRAPPAGE BENEFITS
SEAT BELTS FOR ALL SAFETY FOR ALL
SCAN TO TALK TO OUR EXPERT

PRICE: ~Ex-showroom, New Delhi of base variant in Lakh & up to 2 decimal points only. Range of Amaze includes 2nd generation and above. *TOTAL BENEFITS: T&C Apply. Amount includes applicable cash, exchange, corporate, extended warranty or any other applicable offer/ benefits. Available for limited period on select model and in select cities. Stock without benefits is also available. ^SCRATCH & WIN: T&C Apply. Not applicable for Tamil Nadu state. Scheme valid for limited period until stock available and in select cities only. Stock without offer is also available. Eligible customer shall be entitled to avail the Voucher/ Gift / Prize upon fulfilment of the T&C mentioned on scheme coupon available at authorized dealership. Voucher/ Gift / Prize cannot be substituted, exchanged, encashed or transferred. For more details, visit Honda Dealership. $FREE 7 YEAR WARRANTY: Standard 3 Year Warranty + Extended coverage for 4th to 7th Year from the date of purchase. Applicable on select models only. ¤10 YEAR ANYTIME WARRANTY: Extendable up to the maximum age of 10 years or 120000 kilometers by renewing every year and is applicable from the date of purchase of car. Please refer owner's manual and Warranty Document for more details. #CNG: Govt. approved CNG retrofitment kit is provided by third party. CNG Kit warranty and any other related terms and conditions are applicable as specified by third party. Applicable on select models only. Black glass appearance on vehicle is due to lighting effect. Alpha-Bold Plus Grille is not a standard fitment and an optional genuine accessory. Actual vehicle color, features, and specifications may vary from those shown and might not be part of standard fitment. Please check the availability of grades, colors, features, and offers at authorized dealerships. Honda Cars India Limited reserves the right to change or withdraw any colour, grade, feature, offers/ scheme or benefits without any prior notice. Scrappage benefits applicable on select models subject to receipt of valid certificate of deposit issued by RVSF. Honda SENSING (ADAS) cannot substitute human acumen and vigilance while driving. Honda Cars India Limited urges drivers to follow traffic rules which are meant to keep them safe on roads. For more information, please visit our authorized dealership or www.hondacarindia.com. For corporate sales enquiry please write to corporatesales@hondacarindia.com.

AUTHORISED DEALERSHIPS BHUBANESWAR: Central Honda (Unit-9) - 8657588464,9078000333, Highway Honda (Rudrapur) - 8657588896, Highway Honda (Lewis Road) - 8657589227, Highway Honda (Patia) - 8657589228, ANGUL: Central Honda - 8657588465, BALASORE: Highway Honda -8657731130, CUTTACK: Highway Honda - 8657589226, JAJPUR: Highway Honda (Panikoili) - 8657588901, ROURKELA: Krishna Honda (Beldihi) - 8657588922, SAMBALPUR: Central Honda - 8657588467,7682857806.

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ